cmyk cmyk cmyk

78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

# The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୨୧୨ ● କଟକ ● ରବିବାର ● ୦୯ ମାର୍ଚ୍ଚ-୨୦୨୫ ● ଧନୁ-୨୯ ● ସାଲ୍ ୧୪୩୧

CUTTACK ● SUNDAY ● 09 MARCH-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

# ଆଜି ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ୍ ମୁକାବିଲା

## ଚାମ୍ପିଅନ୍ସ ଟ୍ରଫି



## ଫ୍ୟାନ୍ସଙ୍କ ଛାତି ଧଡ଼ଧଡ଼

ଦୁବାଇ,(ଏଜେନ୍ସି): ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ରେକର୍ଡ ତୃତୀୟ ମୁକୁଟ ଠାରୁ ମାତ୍ର ଗୋଟିଏ ପାଦ ଦୂରରେ ଅଛି ଟିମ୍ ଇଣ୍ଡିଆ। ରବିବାର ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ନ୍ୟୁଜିଲାଣ୍ଡ ସହ ହେବ ରୋହିତ ସେନାର ଫାଇନାଲ୍ ମୁକାବିଲା। ଉଭୟ ଟିମ୍ ୨୫ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ମୁହାଁମୁହିଁ ହେବେ। ୨୦୦୦ ସଂସ୍କରଣର ଫାଇନାଲ୍‌ରେ କିୱି ଟିମ୍ ଭାରତକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଭାରତୀୟ ଟିମ୍ ଅଢ଼େଇ ଦଶନ୍ଧି ପୂର୍ବ ପରାଜୟର ହିସାବ ବରାବର କରିବାକୁ ଚାହିଁବ। ଏହି ମ୍ୟାଚ୍ ଉପରେ ପୂରା ବିଶ୍ୱର ନଜର ରହିଛି। ମ୍ୟାଚ୍ ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମର କେଉଁ ପିଚ୍‌ରେ ମ୍ୟାଚ୍ ଖେଳାଯିବ, ତା'ର ନିଷ୍ପତ୍ତି ମଧ୍ୟ ହୋଇ ସାରିଛି। ଭାରତ ୧୨ ବର୍ଷ ପରେ ଓ ନ୍ୟୁଜିଲାଣ୍ଡ ୨୫ ବର୍ଷ ପରେ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି। ଭାରତ ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ଥର ନ୍ୟୁଜିଲ୍ୟାଣ୍ଡକୁ ହରାଇ ସାରିଛି। ସେହିପରି ଦୁବାଇରେ ଦଳ କ୍ରମାଗତ ୪ଟି ମ୍ୟାଚ୍ ମଧ୍ୟ ଜିତିଛି। ତେଣୁ ନ୍ୟୁଜିଲାଣ୍ଡ ତୁଳନାରେ ଭାରତର ପଲ୍ଲା ଫାଇନାଲରେ ଭାରୀ ରହିଥିବା କୁହାଯାଉଛି। କିନ୍ତୁ ରୋହିତ ଶର୍ମାଙ୍କ ଟିମ୍ ଇଣ୍ଡିଆକୁ ଫାଇନାଲ୍‌ରେ ନ୍ୟୁଜିଲାଣ୍ଡ ବ୍ୟତୀତ ରବିବାର ସହ ମଧ୍ୟ ଲଢ଼ିବାକୁ ପଡ଼ିବ। ଫ୍ୟାନ୍ସ, ରବିବାର ହୋଇଥିଲେ ହେଁ ଟିମ୍ ଇଣ୍ଡିଆର ଭାଗ୍ୟ ବଦଳିବ ବୋଲି ଆଶା କରିଛନ୍ତି। କାରଣ ଭାରତ ରବିବାର ଖେଳୁଥିବା ପ୍ରାୟ ସବୁ ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ହାରିଛି। ବେଶ୍ କିଛି ଦଶନ୍ଧି ଧରି ଏହି ପରମ୍ପରା ଲାଗି ରହିଛି। ସେଥିପାଇଁ ଫ୍ୟାନ୍ସଙ୍କ ଛାତି ମଧ୍ୟ ଧଡ଼ଧଡ଼।

# ଥମୁନି ଜଙ୍ଗଲ ନିଆଁ

## ଉତ୍ତର ଘୁମୁସର ବନଖଣ୍ଡ

ଭଞ୍ଜନଗର,(ପିପିଏସ୍): ଗଞ୍ଜାମ ଜିଲ୍ଲାର ଉତ୍ତର ଘୁମୁସର ବନଖଣ୍ଡରେ ଲାଗିଥିବା ନିଆଁ ଥମିବା ବଦଳରେ ବଢ଼ିବାରେ ଲାଗିଛି। ଶୁକ୍ରବାର ୨୨ସ୍ଥାନରେ ନିଆଁ ଲାଗିଥିବା ବେଳେ ଶନିବାର ଅପରାହ୍ନ ୧ଟା ସୁଦ୍ଧା ଆଉ ୧୩ସ୍ଥାନରେ ନିଆଁ ଲାଗିଥିବା ସାଟେଲାଇଟ୍ ତଥ୍ୟରୁ ଜଣାପଡିଛି। ଶୁକ୍ରବାରର ନିଆଁକୁ ପ୍ରାୟ ଲିଭାଯାଇଛି। ହେଲେ ଶନିବାର ଲାଗିଥିବା ନିଆଁକୁ ଲିଭାଇବା ପାଇଁ କର୍ମଚାରୀ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଚେଷ୍ଟା ଚଳାଇଛନ୍ତି। ହଠାତ୍ ଜଙ୍ଗଲରେ ନିଆଁ ଲାଗିବାରୁ ବିଭାଗୀୟ କର୍ମଚାରୀଙ୍କ ନିଦ ହଜାଇ ଦେଇଛି। ନିଆଁ ଲିଭାଇବା ପାଇଁ ଏହି ବନଖଣ୍ଡରେ ଗାଡ଼ି ଏବଂ କର୍ମଚାରୀ ଅଭାବ ଦେଖାଦେଇଛି। କେତେକ ସ୍ଥାନରେ କିଛି ପ୍ରଭାବଶାଳୀ କର୍ମଚାରୀ ନିଆଁ ଲିଭା ଏବଂ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ନିୟୋଜିତ ଥିବା ଗାଡ଼ି ଗୁଡ଼ିକୁ ଘରୋଇ କାର୍ଯ୍ୟରେ ବିଭିନ୍ନ ସମୟରେ ଲଗାଉଥିବା ଅଭିଯୋଗ ହେଉଛି। ଫଳରେ ନିଆଁକୁ ଲିଭାଇବା ପାଇଁ ଗାଡ଼ିଖୋଜିବା ସମୟରେ ଗାଡ଼ି ମିଳୁନାହିଁ। ଯାହାକୁ ନେଇ କେତେକ ରେଞ୍ଜ୍‌ରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ପରିବେଶବିତ୍‌ମାନେ ମଧ୍ୟ ଗ୍ରୀଷ୍ମଦିନ ଆରମ୍ଭରୁ ହଠାତ ଏତେ ଅଧିକ ସ୍ଥାନରେ ନିଆଁ ଲାଗିବା ଏବଂ ତାହାକୁ ତୁରନ୍ତ ନିୟନ୍ତ୍ରଣ କରାଯାଇ ନ ପାରିବାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

# କନ୍ଧମାଳ ଯୁବକଙ୍କୁ କର୍ଣ୍ଣାଟକରେ ହତ୍ୟା

## ଇସ୍ରାଏଲ ପର୍ଯ୍ୟଟକ ଓ ହୋମ୍ ଷ୍ଟେ ମାଲିକଙ୍କୁ ଗଣଦୁଷ୍କର୍ମ

ବେଙ୍ଗାଲୁରୁ,(ପିପିଏସ୍):

କର୍ଣ୍ଣାଟକରେ ଘଟିଛି ଏକ ଲୋମହର୍ଷଣକାରୀ କାଣ୍ଡ। ଜଣେ ବିଦେଶୀ ଯୁବତୀଙ୍କ ସହ ଦୁଇଜଣଙ୍କୁ ଗଣଦୁଷ୍କର୍ମ କରାଯାଇଛି। ଯୁବତୀଙ୍କ ସାଙ୍ଗରେ ଥିବା ଜଣେ ପୁରୁଷ ବନ୍ଧୁଙ୍କୁ କେନାଲକୁ ଠେଲି ହତ୍ୟା କରିଛନ୍ତି ଦୁଷ୍କର୍ମକାରୀ। ଏହି ମୃତକ ଜଣେ ଓଡ଼ିଆ ଏବଂ ତାଙ୍କ ନାଁ ବିଭାସ। ବିଭାସଙ୍କ ଘର କନ୍ଧମାଳରେ ବୋଲି ସୂଚନା ହସ୍ତଗତ ହୋଇଛି। ସେହିପରି ଗଣଦୁଷ୍କର୍ମର ଶିକାର ବିଦେଶିନୀଙ୍କ ଘର ଇସ୍ରାଏଲ। ତାଙ୍କ ସହ ଥିବା ଆଉ ଜଣେ ମହିଳା ବନ୍ଧୁ ସ୍ଥାନୀୟ ଏକ ହୋମ୍‌ଷ୍ଟେ ମାଲିକ ହୋଇଥିବା ସୂଚନା ମିଳିଛି । ଏହି ଘଟଣାରେ ଜଣେ ଆମେରିକୀୟ ନାଗରିକ ଓ ମରାଠୀ ଯୁବକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗତ ଗୁରୁବାର ବିଳମ୍ବିତ ରାତିରେ ଏହି ବର୍ବରୋଚିତ ଘଟଣା ଘଟିଛି। ପୁଲିସ ସୂଚନା ଅନୁସାରେ, ଘଟଣା ସମୟରେ ଦୁଷ୍କର୍ମର ଶିକାର ଦୁଇ ଯୁବତୀଙ୍କ ସହ ୩ ଜଣ ପୁରୁଷ ବନ୍ଧୁ ରହିଥିଲେ । ସମସ୍ତେ ପର୍ଯ୍ୟଟକ ଥିଲେ। ରାତି ପ୍ରାୟ ୧୧ଟା ବେଳେ ୫ ଜଣଯାକ ମିଶି କୋପାଲ ଅଞ୍ଚଳର ସନାପୁର ହ୍ରଦ ନିକଟରେ ବୁଲାବୁଲି କରୁଥିଲେ। ରିପୋର୍ଟ ମୁତାବକ, ଏହି ୩ଯୁବକଙ୍କ ମଧ୍ୟରେ ଜଣେ ଆମେରିକୀୟ, ଜଣେ ମହାରାଷ୍ଟ୍ର ଓ ଅନ୍ୟ ଜଣେ ଓଡ଼ିଆ ଥିଲେ। ଦୁଇ ଯୁବତୀଙ୍କ ସହ ସମସ୍ତେ ମିଶି ହ୍ରଦ ପାଖରେ ବୁଲିବା ବେଳେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ସେଠି ପହଞ୍ଚିଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ସେମାନଙ୍କୁ ଆଖପାଖରେ କୌଣସି ପେଟ୍ରୋଲ ପମ୍ପ୍ ସମ୍ପର୍କରେ ପଚାରିଥିଲେ। ପରେ ସେମାନଙ୍କୁ ଟଙ୍କା ମାଗିଥିଲେ। ଏମାନେ ଟଙ୍କା ଦେବାକୁ ମନା କରିବାରୁ ରାଗିଯାଇ ସମସ୍ତଙ୍କୁ ଗାଳିଗୁଲଜ କରିବା ସହ ଦୁଇ ଯୁବତୀଙ୍କୁ ଅସଦାଚରଣ ଆରମ୍ଭ କରିଥିଲେ। ଏହାପରେ ସାଙ୍ଗରେ ଥିବା ୩ ପୁରୁଷ ବନ୍ଧୁଙ୍କୁ ପାଖ କେନାଲକୁ ଠେଲି ଦେଇଥିଲେ ଏବଂ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ୩ ଜଣ ଯୁବକଙ୍କ ମଧ୍ୟରୁ ଦୁଇଜଣ ପହଁରି ପହଁରି କୂଳକୁ ପଳାଇ ଆସିଥିବା ବେଳେ ଜଣେ ବୁଡ଼ି ଯାଇଥିଲେ। ତାଙ୍କ ନାଁ ବିଭାସ ଏବଂ ତାଙ୍କ ଘର ଓଡିଶାର ବୋଲି ସ୍ପଷ୍ଟହୋଇଛି। ଏହି ଘଟଣା ଏବେ ସାରା ଦେଶରେ ଆଲୋଡନ ସୃଷ୍ଟିକରିଛି। ଆକ୍ରମଣରୁ ବର୍ତ୍ତି ଯାଇଥିବା ଆମେରିକୀୟ ଓ ମରାଠୀ ଯୁବକ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି। ହେଲେ ଏ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ମିଳିନି। ପୁଲିସ ଘଟଣାର ତଦନ୍ତ କରୁଛି। ସମସ୍ତଙ୍କୁ ଦୋହଲାଇ ଦେବା ଭଳି ଏହି ଭୟଙ୍କର ଘଟଣା । ପୁଲିସ୍ ଶନିବାର ଓଡ଼ିଶାର ନିଖୋଜ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି। ପୂରା ଘଟଣା କର୍ଣ୍ଣାଟକାର କୋପ୍ପାଲ ଠାରେ ଥିବା ଗୋଟିଏ କେନାଲ ନିକଟରେ ଘଟିଛି।



ଏହି ସ୍ଥାନଟି ବେଙ୍ଗାଲୁରୁ ଠାରୁ ୩୫୦ କିମି ଦୂର। କେନାଲ କୂଳରେ ମୋଟ ୫ ଜଣ ପର୍ଯ୍ୟଟକ ବୁଲୁଥିବା ବେଳେ ଏପରି ଘଟଣା ଘଟିଛି। ବିରାଟ କେନାଲରେ ପଡ଼ି ଯାଇଥିବା ଆମେରିକାର ଡାନିଏଲ ଓ ମହାରାଷ୍ଟ୍ରର ପଙ୍କଜ ପହଁରା ଶିଖିଥିବାରୁ ସୁରକ୍ଷିତ ଭାବେ ପାଣିରୁ ବାହାରି ପଡ଼ିଥିଲେ। କିନ୍ତୁ ଓଡ଼ିଶାର ବିଭାସ କେନାଲରେ ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହକୁ ପୁଲିସ୍ ପାଣିରୁ ଉଦ୍ଧାର କରିଛି। ଗଣଦୁଷ୍କର୍ମର ଶିକାର ହୋଇଥିବା ୨୯ ବର୍ଷୀୟ ହୋମ ଷ୍ଟେ ମାଲିକ କହିଛନ୍ତି ଯେ ସେ ଓ ତାଙ୍କର ୪ଜଣ ଅତିଥି ରାତ୍ରଭୋଜନ ପରେ ତୁଙ୍ଗଭଦ୍ରାର ବାମ ପାଶ୍ୱ କେନାଲ ନିକଟକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ରାତି ପ୍ରାୟ ୧୦.୩୦ ହୋଇଥିଲା। ସେମାନେ ବୁଲାବୁଲି କରିବା ସହ ଗୀତ ଗାଉଥିବା ବେଳେ ୩ଜଣ ଯୁବକ ବାଇକ୍ ଧରି ସେଠାରେ ପହଞ୍ଚିଥିଲେ। ପ୍ରଥମେ ସେମାନେ ପେଟ୍ରୋଲ କେଉଁଠି ମିଳିବ ବୋଲି ପଚାରିଥିଲେ ଓ ଏହା ପରେ ଅତିଥିମାନଙ୍କୁ ୧୦୦ ଟଙ୍କା ମାଗିଥିଲେ। ସେମାନେ ଟଙ୍କା ଦେବାକୁ ମନା କରିବାରୁ ୩ ଯୁବକ ମାରପିଟ ଆରମ୍ଭ କରିଥିଲେ। ପ୍ରଥମେ ସେମାନେ ୩ ଜଣ ପୁରୁଷ ଯାତ୍ରୀଙ୍କୁ ନିକଟସ୍ଥ କେନାଲକୁ ଠେଲି ଦେଇଥିଲେ। ଏହାପରେ ଇସ୍ରାଏଲ ପର୍ଯ୍ୟଟକଙ୍କ ସହ ହୋମ ଷ୍ଟେ ମାଲିକଙ୍କୁ ମାଡ଼ମାରି ଦୁଷ୍କର୍ମ କରିଥିଲେ। ଏହାପରେ ବାଇକ୍ ଧରି ସେଠାରୁ ଚମ୍ପଟ୍ ମାରିଥିଲେ। ଖବର ପାଇ ପୁଲିସ୍, ସନ୍ଧାନୀ କୁକୁର ଓ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲା।

# ମହିଳା ଦିବସରେ 'ସୁଭଦ୍ରା' ଖୁସି

## ୧ କୋଟି ୬୪ହଜାର ପାଇଲେ ଦ୍ୱିତୀୟ କିସ୍ତି ଟଙ୍କା

### ମା'ଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ରାସ୍ତା ଖୋଲିପାରିଛି 'ସୁଭଦ୍ରା' ଯୋଜନା

### ଗଞ୍ଜାମ ଜିଲ୍ଲା ପାଇଁ ୬୩୮କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର,(ପିପିଏସ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆ ଠାରେ ରାଜ୍ୟର ୧କୋଟି ୬୪ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୯ ମାସର ଆମର ନୂଆ ସରକାର ଆଜି ରାଜ୍ୟର ୧କୋଟିରୁ ଅଧିକ ମା'ଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ରାସ୍ତା ଖୋଲିପାରିଛି। ସବୁ ମା'ଙ୍କୁ ୨ଟି କିସ୍ତିରେ ୧୦ହଜାର ଟଙ୍କା ଲେଖାଏଁ ମିଳିଲା। ସେ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଭାବେ ଆଜି ଦିନଟି ମା' ପାଇଁ ସବୁଠାରୁ ସନ୍ତୋଷର ଦିନ ଓ ସବୁଠାରୁ ଗୌରବର ଦିନ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ଯେଉଁମାନେ ପଚାରୁଛନ୍ତି ଯେ ଆମ ସରକାର ୯ମାସରେ କ'ଣ କରିଛି, ସେମାନଙ୍କୁ କୁହନ୍ତୁ ଯେ ୨୪ ବର୍ଷରେ ଯେଉଁ ସରକାର ମହିଳାଙ୍କ ପାଇଁ କେବଳ ସ୍ଲୋଗାନ ଦେଉଥିଲେ। ମୋହନ ସରକାର କ୍ଷମତାକୁ ଆସିବାର ମାତ୍ର ୨୪ମିନିଟ୍ ମଧ୍ୟରେ ଐତିହାସିକ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଖୁସିର ବିଷୟ ଯେ ତିନିମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ କରି ଆଜି ୯ମାସ ମଧ୍ୟରେ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ, ଆମର ନିନ୍ଦୁକମାନେ ଭୁଲି ଯାଇଛନ୍ତି ଯେ ଶିଶୁଟିଏ ଜନ୍ମ ହେବାକୁ ମଧ୍ୟ ମା' ଗର୍ଭରେ ୯ମାସ ବିତେଇବାକୁ ପଡିଥାଏ। ଆମ ସରକାରର ୯ମାସ ପୂରଣ କରିବାକୁ ଆହୁରି ଚାରିଦିନ ବାକି ଅଛି। କିନ୍ତୁ ଏହି ସ୍ୱଳ୍ପ ସମୟ ଭିତରେ ଆମେ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଯେଉଁ କାର୍ଯ୍ୟ କରିପାରିଛୁ, ତାହା ସେମାନେ ପ୍ରକୃତରେ ବିଶ୍ୱାସ କରିପାରୁ ନାହାନ୍ତି। ସେମାନେ ବିଶ୍ୱାସ କରି ପାରୁନାହାନ୍ତି ଯେ ଚାଷୀଙ୍କୁ ୨୪ବର୍ଷରେ ଏମ୍‌ଏସ୍‌ପି ଠାରୁ କିଛି ଅଧିକ ଟଙ୍କା ଦେଇ ପାରିଲେ ନାହିଁ, କିନ୍ତୁ ଏ ନୂଆ ସରକାର କିପରି ଭାବେ ୨୪ମିନିଟ୍‌ରେ କ୍ୱିଣ୍ଟାଲ ପିଛା ୧୦୦ନୁହେଁ, ୮୦୦ ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଗଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଜବାବ ରଖି କହିଥିଲେ ଯେ ୨୪ବର୍ଷ ଧରି ଆପଣ ଯାହା କରିବାକୁ ଚିନ୍ତା କରିପାରି ନଥିଲେ ଆମେ ତାକୁ କାର୍ଯ୍ୟରେ ପରିଣତ କରିଛୁ। ଗରିବ ପରିବାରଙ୍କ କନ୍ୟା ସନ୍ତାନ ବିବାହ ଏବଂ ରାଜ୍ୟର ଗରିବ ଜନସାଧାରଣଙ୍କୁ ନିଃଶୁଳ୍କ ଜଗନ୍ନାଥ ଦର୍ଶନ କରାଇବାର ନିଷ୍ପତ୍ତି ମଧ୍ୟ ଆମେ ନେଇଛୁ। ସେ ପୁଣି କହିଥିଲେ, ଏହି କାର୍ଯ୍ୟକ୍ରମ ଆଜି ଏକ ବିପ୍ଳବରେ ପରିଣତ ହୋଇଛି, ସୁଭଦ୍ରା ବିପ୍ଳବ। କାରଣ ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ। ସୁଭଦ୍ରା ଯୋଜନା ଏକ ବ୍ୟାପକ ଅଭିଯାନର ରୂପ ନେବାକୁ ଯାଉଛି। କିଶୋରୀ ମାନଙ୍କ ଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି। ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଓ ବିଶ୍ୱାସର ସଞ୍ଚାର କରିବ। ମହିଳାଙ୍କ ବିରୁଦ୍ଧରେ ହିଂସା ଏବଂ ଅସଦାଚରଣ କରୁଥିବା ବ୍ୟକ୍ତିଙ୍କ ପାଇଁ କଡ଼ା ବାର୍ତ୍ତା ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ, ମହିଳା ବିରୋଧୀ ହିଂସାରେ ଲିପ୍ତ ବ୍ୟକ୍ତିଙ୍କର ସ୍ଥାନ ଜେଲ୍‌ର ଚାରିକାନ୍ଥ ମଧ୍ୟରେ। ସଭ୍ୟ ସମାଜରେ ତାଙ୍କର କୌଣସି ସ୍ଥାନନାହିଁ। ସେ ପୁଣି କହିଥିଲେ ଯେ ମହିଳା ମାନଙ୍କୁ ଲକ୍ଷପତି କରାଇବା ପାଇଁ 'ଲକ୍ଷପତି ଦିଦି' ଯୋଜନା ଆରମ୍ଭ ହୋଇଛି । ସାରା ଦେଶରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଆମ ରାଜ୍ୟ ଲକ୍ଷପତି ଦିଦି ଯୋଜନାକୁ କାର୍ଯ୍ୟକାରୀ କରି ସମଗ୍ର ଭାରତ ବର୍ଷରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ବର୍ତ୍ତମାନ ସୁଦ୍ଧା ୫ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ସାରିଲୁଣି। ଓଡିଶାରେ ଆମେ ୨୦୨୭ସୁଦ୍ଧା ଅତି କମ୍‌ରେ ୨୫ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାର କାର୍ଯ୍ୟକ୍ରମ ଜାରିରଖିଛୁ।

### 'ସହ୍ୟକରିପାରୁନି ବିଜେଡି'

ବିଗତ ୨୪ବର୍ଷରେ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନରେ ରହିଯାଇଥିଲା। କିନ୍ତୁ ଆମ ସରକାର ମହିଳାଙ୍କୁ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ତରରେ ସଶକ୍ତ କରିବା ପାଇଁ ଶପଥ ନେଇ ବିଭିନ୍ନ କାର୍ଯ୍ୟ ଓ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାରେ ୬୩୮ କୋଟିରୁ ଅଧିକ ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୪୯୩କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ ୧୪୫ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି।



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଆସିକା ବିଧାୟକ ସରୋଜ ପାଢ଼ୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ପ୍ରମୁଖ ମଞ୍ଚାସୀନ ଥିଲେ । ମହିଳା ଏବଂ ଶିଶୁବିକାଶ ବିଭାଗର ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଧନ୍ୟବାଦ ଦେଇଥିଲେ। ସମାବେଶରେ ୨୫ହଜାରରୁ ଉର୍ଦ୍ଧ୍ୱ ମହିଳା ସାମିଲ୍ ହୋଇଥିଲେ।

## ଧ୍ୱନିପ୍ରତିଧ୍ୱନି

### ଅଭିବ୍ୟକ୍ତିର ସ୍ୱାଧୀନତା

## ବାଟେଘାଟେ



ଜାମିନ ପାଇଣ ସାରଥୀ ଆସିଲେ
ଯିବେନାହିଁ ବାରିମୂଳ
ସିମେଣ୍ଟ ଗାଈଟା କ୍ଷୀର ଦେବନାହିଁ
ବାଜିବନି ଖୋଳତାଳ
ଭକ୍ତ ହେବେନାହିଁ ମେଳ
କେତେ ହୋ ହଲ୍ଲା କେତେ
ଠିଆପାଲା
ଭାବି ବହିଯାଏ ଝାଳ
ସବୁଦିନ ବାବୁ ସମାନ ଯାଏନା
ଭୋଗ ହୁଏ କର୍ମଫଳ
କେନ୍ଦ୍ରାପଡ଼ା ଏବେ ନିଶ୍ୱାସ ନେବ
ଆସୁଅଛି ଭଲ ବେଳ

-ରାହୀ

## 'ସୁଭଦ୍ରା' ସଭାରେ ଜୟନାରାୟଣଙ୍କ ବିବାଦୀୟ ବକ୍ତବ୍ୟ

# 'ଓଡ଼ିଶାରେ ମିଶିବା ଆମର ଭୁଲ୍'

ସମ୍ବଲପୁର,(ପିପିଏସ୍):

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶନିବାର ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଦ୍ୱିତୀୟ କିସ୍ତି ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ମାନିତ ଅତିଥିଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ପ୍ରମୁଖ ଯୋଗ ଦେଇଥିଲେ। ହେଲେ ଏହି ବୈଠକରେ ଜୟନାରାୟଣ ନିଜ ଭାଷଣରେ ପଶ୍ଚିମ ଓଡ଼ିଶା ପ୍ରତି ରାଜ୍ୟ ସରକାର ପାତରଅନ୍ତର କରୁଥିବା ଏବଂ ଏଠାକାର ଭାଷା ସଂସ୍କୃତିକୁ ଦବେଇ ଦେବାର ଷଡ଼ଯନ୍ତ୍ର କରୁଥିବା ନେଇ ଗମ୍ଭୀର ଅଭିଯୋଗ କରିବା ସମସ୍ତଙ୍କୁ ଚକିତ କରିଥିଲା। ସେ ନିଜ ଭାଷଣରେ କହିଥିଲେ, ସମ୍ବଲପୁରର ଲୋକମାନଙ୍କୁ ଜାଣି ରଖିବା କଥା ଉତ୍କଳ କହିଲେ କଟକ, ପୁରୀ, ବଲେଶ୍ୱର। ଉତ୍କଳ, କଳିଙ୍ଗ, କୋଶଳ ମିଶି ଓଡ଼ିଶା ଗଠନ ହୋଇଛି। କେବଳ ଉତ୍କଳର ଜୟଗାନ ଗାଇବ, ବାକି କୋଶଳ ଏବଂ କଳିଙ୍ଗର ସମ୍ମାନ କିଛି ନାହିଁ। ଆମର ଅର୍ଥ, ଜଙ୍ଗଲ, ପାଣି, ଚାଷ, ଚାକିରି ସବୁଥିରେ ଶୋଷଣ କଲ। ତା' ସହିତ ଆଜି ତୁମେ ସାଂସ୍କୃତିକ ଭାବେ ମଧ୍ୟ ଆମକୁ ଶୋଷଣ କରିବାକୁ ଚାହୁଁଛ ବୋଲି କହିଥିଲେ। ପୂର୍ବରୁ ମଧ୍ୟ ସେ ବିରୋଧୀଦଳରେ ଥିବା ସମୟରେ ଓଡ଼ିଶା ସରକାରଙ୍କ ପଶ୍ଚିମ ଓଡ଼ିଶା ପ୍ରତି ପାତରଅନ୍ତର କରୁଥିବା କଥା କହି ଆସୁଥିଲେ। ଏବେ ତାଙ୍କର ଇଙ୍ଗିତ କାହାକୁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନାକୁ ନେଇ ଲୋକେ ଚାହିଁ ବସିଥିବା ବେଳେ ସେହି କାର୍ଯ୍ୟକ୍ରମରେ ଜୟନାରାୟଣ କାହିଁକି ସରକାରଙ୍କୁ ଟାର୍ଗେଟ୍ କଲେ ବୋଲି ସମସ୍ତଙ୍କ ମନରେ ଉଠିଛି ପ୍ରଶ୍ନ। ତାଙ୍କର ଏହି ବକ୍ତବ୍ୟ ରାଜନୈତିକ ବିତର୍କ ସୃଷ୍ଟି କରିଥିବା ବେଳେ, ରାଜ୍ୟ ସରକାର ଏପର୍ଯ୍ୟନ୍ତ ତାଙ୍କ ମନ୍ତବ୍ୟ ଉପରେ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦେଇନାହାନ୍ତି। ସବୁବେଳେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ଜୟନାରାୟଣ ବର୍ତ୍ତମାନ ବିରୋଧୀଙ୍କ ଟାର୍ଗେଟ ହୋଇପାରନ୍ତି ଏବଂ ବିଧାନସଭାରେ ଏନେଇ ବିରୋଧୀ, ଶାସକଦଳଙ୍କୁ ଘେରିବାର ଆଶଙ୍କା ରହିଥିବା କୁହାଯାଉଛି। ଜୟନାରାୟଣଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।



# ଦକ୍ଷିଣ ଓଡ଼ିଶା ମୁହାଁ ଟଲିଉଡ୍

## ପୁଷ୍ପା-୨ ପରେ ଏବେ କୋରାପୁଟ ତଳମାଳିରେ ଚାଲିଛି ଫିଲ୍ମ ସୁଟିଂ

କୋରାପୁଟ,(ପିପିଏସ୍): ଏବେ ଟଲିଉଡ୍ ଫୋକସ୍‌ରେ ଦକ୍ଷିଣ ଓଡ଼ିଶା। ମାଲକାନଗିରି ପରେ କୋରାପୁଟରେ ଚାଲିଛି ଫିଲ୍ମ ସୁଟିଂ। ପ୍ରାକୃତିକ ସବୁଜିମାରେ ଭର୍ତ୍ତି ତଳମାଳିରେ ତିଆରି ଚାଲିଛି ଆଉ ଗୋଟିଏ ବିଗ୍ ବଜେଟ୍ ତେଲଗୁ ମୁଭି। ଯାହାର ନିର୍ମାଣ କରୁଛନ୍ତି ବାହୁବଳୀ ଫେମ୍ ଖ୍ୟାତନାମା ପ୍ରଯୋଜକ ତଥା ନିର୍ଦ୍ଦେଶକ ରାଜାମୌଲି। ସେ ନିଜର ଅପ୍‌କମିଂ ଫିଲ୍ମ ପାଇଁ ସାଉଥ୍ ସୁପରଷ୍ଟାର ମହେଶ ବାବୁ ଓ ପୂରା ୟୁନିଟ୍ ସହ କୋରାପୁଟରେ ଡେରା ପକାଇଛନ୍ତି। ଖୁବ୍‌ଶୀଘ୍ର ଆସିବେ ପ୍ରିୟଙ୍କା ଚୋପ୍ରା। ପୁଷ୍ପା-ଟୁ' ପରେ ଦକ୍ଷିଣ ଓଡ଼ିଶାରେ ଆଉ ଏକ ହାଇ ବଜେଟ୍ ତେଲଗୁ ଫିଲ୍ମର ମେକିଂ। କୋରାପୁଟ ଜିଲ୍ଲାରେ ଡେରା ପକାଇଛି ପୂରା ୟୁନିଟ୍। ବ୍ଲକ ବଷ୍ଟର ବାହୁବଳୀ ଓ ଆର୍‌ଆର୍‌ଆର୍ ଫିଲ୍ମ ନିର୍ଦ୍ଦେଶକ ରାଜାମୌଲିଙ୍କ ଅପ୍ କମିଂ ମୁଭିର ଚାଲିଛି ସୁଟିଂ। ସୁଉଚ୍ଚ ପାହାଡ଼ ପାଦଦେଶରେ ଫିଲ୍ମ ସୁଟିଂ। ସେମିଳିଗୁଡାର ତଳମାଳି ପାହାଡ଼ରେ ଦେଖିବାକୁ ମିଳିଛି ଲାଇଟ୍, କ୍ୟାମେରା, ଆକ୍ସନ। ଗୁରୁବାରଠାରୁ ସୁଟିଂ ଆରମ୍ଭ ହୋଇଯାଇଛି। ରାଜାମୌଲିଙ୍କ ସହ ସାଉଥ ସୁପରଷ୍ଟାର ମହେଶ ବାବୁ, ପୃଥ୍ୱୀରାଜ ସୁକୁମାରନ କୋରାପୁଟରେ ଅଛନ୍ତି। ଖୁବଶୀଘ୍ର ୟୁନିଟରେ ସାମିଲ ହେବେ ବଲିଉଡ୍ ବିୟୁଟି ପ୍ରିୟଙ୍କା ଚୋପ୍ରା। ୫୦୦ ଜଣିଆ କ୍ରିଉ ମେମ୍ବରଙ୍କୁ ନେଇ ତଳମାଳିରେ ଆଗେଇ ଚାଲିଛି ଫିଲ୍ମ ସୁଟିଂର କାର୍ଯ୍ୟ।



ଏହାର ଟାଇଟଲ ସ୍ଥିର ହୋଇ ନଥିବା ବେଳେ ପ୍ରୋଜେକ୍ଟ ନାଁ ରଖାଯାଇଛି ଏସ୍‌ଏସ୍‌ଏମ୍‌ବି -୨୯। ସେଟଅପ୍ ଲାଗିଥିବା ଅଞ୍ଚଳରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। କେବଳ ତଳମାଳି ହିଲ୍ ନୁହେଁ, ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିରେ ବି ରାଜାମୌଲିଙ୍କ ଏହି ଫିଲ୍ମ ସୁଟିଂ ହେବ। ମାର୍ଚ୍ଚ ୨୯ ଯାଏଁ କେବଳ କୋରାପୁଟ ଜିଲ୍ଲାରେ ଚାଲିବ ସିନେମା ତିଆରି। ଏଠାରେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ, ସବୁଜ ବନାନୀ ରହିଛି। ପୁଣି ଘଞ୍ଚ ଜଙ୍ଗଲ ଓ ପାହାଡ଼ ବୁକୁ ଚିରି ଝରି ଆସୁଥିବା ଝରଣା ଭିତରେ ସୁଟିଂ। ସାଉଥ୍ ଇଣ୍ଡଷ୍ଟ୍ରିର ବଡ଼ ବଡ଼ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ଏଠାକୁ ଟାଣିଆଣୁଛି। ଫିଲ୍ମର ସ୍କ୍ରିପ୍ଟ ଓ ପିକଚରାଇଜେସନକୁ ମେଳ ଖାଇଲା ଭଳି ସ୍ପଟ୍ ମିଳିଯାଉଥିବାରୁ କୋରାପୁଟ ହୋଇଛି ଟଲିଉଡ୍‌ର ଡେଷ୍ଟିନେସନ୍।

cmyk cmyk cmyk



ଟି ଟାଇମ୍
ପ୍ରଜାତନ୍ତ୍ର

୯.୩.୨୦୨୫



## ସୁଟକେଶ୍ କାର୍



**ବା**ହାରକୁ ବୁଲିବାକୁ ଗଲାବେଳେ ବସ୍, ଟ୍ରେନ ଅବା ଫ୍ଲାଇଟ୍ରେ ଯାଇଥାଉ। ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରେ ସେଠାରେ କ୍ୟାବ କରି ବିଭିନ୍ନ ସ୍ଥାନ ବୁଲିବାକୁ ହୁଏ। ଯେଉଁଥିପାଇଁ ମୋଟା ଅଙ୍କର ଖର୍ଚ୍ଚ ବି କରିବାକୁ ହୁଏ। ହେଲେ ଏବେ ଆଉ ଏମିତି କରିବାକୁ ପଡ଼ିବ ନାହିଁ। କାରଣ ଆସି ଯାଇଛି ସୁଟକେଶ୍ କାର୍। ଭାବୁଥିବେ ଇଏ ପୁଣି କ'ଣ। ପ୍ରକୃତ କଥା ହେଲା ଏହା ଦେଖିବାକୁ ପୂରାପୂରି ଏକ ସୁଟକେଶ୍ ପରି, ଯାହାକୁ ସହଜରେ ସାଙ୍ଗରେ ନେଇ ହେବ। ଆଉ ଯେଉଁଠି ଦରକାର ତାକୁ ଖୋଲିଦେଲେ ତାହା ଏକ ପୋର୍ଟେବଲ ମିନିଏଚର୍ କାର୍ରେ ପରିଣତ ହୋଇଯିବ, ଯାହାକୁ ଚଲାଇ ଯେଉଁଆଡ଼େ ଚାହିଁବେ ଯାଇପାରିବେ। ମାଜ୍‌ଦା ଦ୍ୱାରା ଡିଜାଇନ୍ ହୋଇଥିବା ଏହି କାର୍ ଜେମ୍ସ ବଣ୍ଡ ଫିଲ୍ମର ଏକ ଅଜବ ଗ୍ୟାଜେଟ୍ ପରି। ୫୭ ସେ.ମି. ପ୍ରସ୍ଥ, ୭୫ ସେ.ମି. ଦୈର୍ଘ୍ୟବିଶିଷ୍ଟ ଏହି ସୁଟକେଶ୍ର ଓଜନ ୩୨ କି.ଗ୍ରା.। ଏଥିରେ ୧.୭ ଏଚପି, ୩୩.୬ ସିସି ଇଞ୍ଜିନ ଅଛି, ଯାହା ଏହି କାର୍କୁ ଘଣ୍ଟା ପ୍ରତି ୩୦ କି.ମି. ବେଗରେ ଗତି କରିବାରେ ସାହାଯ୍ୟ କରିଥାଏ। ଏଥିରେ ହ୍ୟାଣ୍ଡେଲ ବାର,ଡିସ୍କ ବ୍ରେକ୍, ହେଡ ଲାଇଟ୍ସ ବି ଅଛି। ତେବେ ଏହାକୁ କେବଳ ମଜା ପାଇଁ ତିଆରି ହୋଇଥିବା ମାଜ୍‌ଦା କାମ୍ପାନୀ କହିଛି।

## ଓଜନ କମାଇବା ସମୟରେ ଖାଆନ୍ତୁନି ଏହି ଫଳ



**ଆ**ଜିକାଲି ଖରାପ ଖାଦ୍ୟପେୟ ଏବଂ ଜୀବନଶୈଳୀ ଯୋଗୁଁ ଲୋକମାନେ ଓଜନ ବୃଦ୍ଧି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମେଦବହୁଳତା କେବଳ ଆତ୍ମବିଶ୍ୱାସ ହ୍ରାସ କରେ ନାହିଁ ବରଂ ମଧୁମେହ ଏବଂ ରକ୍ତଚାପର ସମସ୍ୟାକୁ ମଧ୍ୟ ବୃଦ୍ଧି କରେ। ଓଜନ କମାଇବା ପାଇଁ ଲୋକମାନେ ଜିମ ଯିବା ସହିତ ଡାଏଟିଂ ମଧ୍ୟ ଅନୁସରଣ କରନ୍ତି। ପ୍ରାୟତଃ ଲୋକମାନେ ଡାଏଟ କଲାବେଳେ ସବୁ ଫଳକୁ ଗ୍ରହଣ କରନ୍ତି। କିନ୍ତୁ ସବୁ ଫଳ ଓଜନ କମାଇବା ପାଇଁ ଲାଭକାରୀ ନୁହେଁ। ଅନେକେ ଫଳ ବାଛିବା ସମୟରେ ଭୁଲ କରନ୍ତି। ଫଳ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ, କିନ୍ତୁ କିଛି ଫଳ ଅଛି ଯେଉଁଥିରେ ପ୍ରାକୃତିକ ଚିନି ଏବଂ କ୍ୟାଲୋରୀ ଅଧିକ ପରିମାଣରେ ଥାଏ। ଏଗୁଡ଼ିକ ଓଜନ ବୃଦ୍ଧି କରିବାରେ ସହାୟକ ହୋଇପାରେ। ଓଜନ ହ୍ରାସ କରିବା ସମୟରେ କେଉଁ ଫଳ ଖାଇବା ଉଚିତ ନୁହେଁ, ଆସନ୍ତୁ ଜାଣିବା ବିଶେଷଜ୍ଞଙ୍କ ଠାରୁ।

**କଦଳୀ:** କଦଳୀ ଏକ ଶକ୍ତି ପ୍ରଦାନକାରୀ ଫଳ, କିନ୍ତୁ ଏଥିରେ କ୍ୟାଲୋରୀ ବହୁତ ଅଧିକ। ଯଦି ଆପଣ କମ୍ କ୍ୟାଲୋରି ଖାଦ୍ୟ ଗ୍ରହଣ କରୁଛନ୍ତି ତେବେ ଏହାର ବ୍ୟବହାର ସୀମିତ ହେବା ଉଚିତ। କଦଳୀ ଖାଇବା ପରିବର୍ତ୍ତେ, ଆପଣ ସେଓ, କମଳା ଏବଂ ପପେୟା ଖାଇବା ଉଚିତ।

**ଆମ୍ବ:** ଆମ୍ବ ବହୁତ ସ୍ୱାଦିଷ୍ଟ। ଗ୍ରୀଷ୍ମ ଋତୁରେ ଲୋକମାନେ ଏହାକୁ ବହୁତ ଖାଆନ୍ତି। କିନ୍ତୁ ଆମ୍ବରେ ଅଧିକ ପ୍ରାକୃତିକ ଶର୍କରା ଥାଏ। ଏକ ମଧ୍ୟମ ଆକାରର ଆମ୍ବ ପ୍ରାୟ ୧୫୦ କ୍ୟାଲୋରୀ ଆସିଥାଏ। ଏପରି ପରିସ୍ଥିତିରେ, ଅଳ୍ପ ପରିମାଣରେ ଆମ୍ବ ଖାଆନ୍ତୁ।

**ଅଙ୍ଗୁର:** ଅଙ୍ଗୁର ଦେଖିବାକୁ ଛୋଟ କିନ୍ତୁ ଏହାର ଗ୍ଲାଇସେମିକ ଇଣ୍ଡେକ୍ସ ଅଧିକ। ୧୦୦ ଗ୍ରାମ ଅଙ୍ଗୁରରେ ପ୍ରାୟ ୭୦ କ୍ୟାଲୋରୀ ଥାଏ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ଅଙ୍ଗୁରକୁ କମ ପରିମାଣରେ ଖାଇବା ଉଚିତ। ଏହା ବଦଳରେ ନାସପାତି ଖାଆନ୍ତୁ।

**ଚେରି:** ଚେରିରେ ମଧ୍ୟ ଅଧିକ ପରିମାଣର ଚିନି ଥାଏ। ଯଦି ଆପଣଙ୍କର ଓଜନ ହ୍ରାସ କରୁଛନ୍ତି ତେବେ ଏହାକୁ ଖାଆନ୍ତୁ ନାହିଁ। ଯଦି ଏହାକୁ ଅତ୍ୟଧିକ ଖିଆଯାଏ ତେବେ ଏହା ଓଜନ ହ୍ରାସକୁ ପ୍ରଭାବିତ କରିପାରେ। ଏହା ବଦଳରେ, ଷ୍ଟ୍ରବେରୀ କିମ୍ବା ବ୍ଲୁବେରି ଭଳି ଫଳ ଅଧିକ ଲାଭଦାୟକ ହୋଇପାରେ।

**ଖଜୁରୀ:** ଖଜୁରୀକୁ ଶୁଖିଲା ଫଳ ମଧ୍ୟରେ ଗଣନା କରାଯାଏ। ଏଥିରେ ଚିନି ଏବଂ କ୍ୟାଲୋରୀ ଉଭୟ ପ୍ରଚୁର ପରିମାଣରେ ମିଳିଥାଏ। ଯଦି ଆପଣ ଏଗୁଡ଼ିକୁ ଅତ୍ୟଧିକ ସେବନ କରନ୍ତି, ତେବେ ଏହା ଓଜନ ବୃଦ୍ଧି କରିପାରେ। ଓଜନ ହ୍ରାସ ଖାଦ୍ୟରେ ଏହାକୁ ଖାଆନ୍ତୁ ନାହିଁ।

## ପିଲା ମୋବାଇଲ ଧରୁଥିଲେ



**ବ**ର୍ତ୍ତମାନ ଅଧିକାଂଶ ପିଲା ଫ୍ରି ଟାଇମ୍ ପାଇବା ମାତ୍ରେ ମୋବାଇଲ ଫୋନ୍ ଧରି ବସୁଛନ୍ତି। ହେଲେ ଏହାକୁ ଅଧିକ ସମୟ ବ୍ୟବହାର କରିବା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ତେଣୁ ପିଲାଙ୍କୁ ମୋବାଇଲ ଫୋନ୍ ଦେଉଥିଲେ କେତୋଟି କଥା ପ୍ରତି ଧ୍ୟାନ ଦିଅନ୍ତୁ...

ପିଲାମାନେ ଆଉଟଡୋର ଗେମ୍ ଖେଳିଲେ ଏହା ସେମାନଙ୍କୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବାରେ ସାହାଯ୍ୟ କରେ। ହେଲେ ବର୍ତ୍ତମାନ ଅଧିକାଂଶ ପିଲା ମୋବାଇଲ ଫୋନ୍ ଧରି ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ଭିଡିଓ ଗେମ୍ ଖେଳୁଛନ୍ତି। ଏହାଦ୍ୱାରା କାନ୍ଧ, ଆଣ୍ଠୁ, ଅଣ୍ଟା ଓ ପିଠି ଜାକିହୋଇ ରହୁଥିବାରୁ ପିଲାବେଳୁ ଗଣ୍ଠି ଯନ୍ତ୍ରଣା ଦେଖାଦେଉଛି। ତା'ଛଡ଼ା ଶାରୀରିକ ପରିଶ୍ରମ ନ ହେବା ଏବଂ ଖେଳିବା ବେଳେ ଖାଇବା ଦ୍ୱାରା ମେଦବହୁଳତା ଦେଖାଦେଉଛି। ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ପିଲାଙ୍କୁ ଅଧ ଘଣ୍ଟାରୁ ଅଧିକ ସମୟ ଫୋନ ଦିଅନ୍ତୁ ନାହିଁ।

ଅଧିକ ସମୟ ଫୋନ୍ ବ୍ୟବହାର ଯୋଗୁ ଅନେକେ ଖାଦ୍ୟପେୟ ସାଙ୍ଗକୁ ଶୋଇବାରେ ଅବହେଳା କରୁଛନ୍ତି। ଫଳରେ ସେମାନଙ୍କଠାରେ ଚିଡ଼ିଚିଡ଼ା ଲାଗିବା, ଅବସାଦ, ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମି, ହୃଦ୍ ସମସ୍ୟା ଆଖିତଳ କଳା ପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣଶକ୍ତି, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଅସାଧ୍ୟ ରୋଗ ସୃଷ୍ଟି ହେଉଛି। ତେଣୁ ପିଲାଙ୍କ ଠିକ୍ ସମୟରେ ଖାଇବା ଓ ଶୋଇବା ପ୍ରତି ଯତ୍ନଶୀଳ ହୁଅନ୍ତୁ।

ବର୍ତ୍ତମାନ ଅଧିକାଂଶ ପିଲା ଏତେମାତ୍ରାରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ଯେ, ଅନେକେ ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି । ହଠାତ୍ ସେମାନଙ୍କୁ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ଚିଡ଼ିଚିଡ଼ା ହେବା, ବିନା କାରଣରେ ରାଗିବା କିମ୍ବା ଡିପ୍ରେସନ୍ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି। ତେଣୁ ଆରମ୍ଭରୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଏବଂ ସେମାନଙ୍କ ଇଣ୍ଟରନେଟ୍ ବ୍ୟବହାର ଲାଗି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ। ପିଲା ଇଣ୍ଟରନେଟ୍ରେ କ'ଣ ଦେଖୁଛି ଅବା କେଉଁ ଅନ୍‌ଲାଇନ ଗେମ୍ ଖେଳୁଛି ସେଥିପ୍ରତି ନଜର ରଖିବା ଲାଗି ପ୍ୟାରେଣ୍ଟିଂ କଣ୍ଟ୍ରୋଲର ସାହାଯ୍ୟ ନିଅନ୍ତୁ।

## ଆଜିର ରାଶିଫଳ

ମେଷ : ଆଜି ପାରିବାରିକ ସମସ୍ୟା ସମାଧାନ ସଙ୍ଗକୁ ଆନୁଷ୍ଠାନିକ କାମ ସୁରୁଖୁରୁରେ ସମ୍ପନ୍ନ ହେବ। ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଯୋଜନାରମ୍ଭ ସକାଶେ ବନ୍ଧୁବର୍ଗଙ୍କ ସହମତି ମନର ଉତ୍ସାହକୁ ଦ୍ୱିଗୁଣିତ କରିବ। ସଭାସମିତି, ସଂଗଠନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ପ୍ରତିବନ୍ଧକ ଦୂରେଇଯିବ।

ବୃଷ : ପରିବାର ସଦସ୍ୟଙ୍କୁ ମନ ବୁଝିଲା ଭଳି କଥା କହି ଆପଣେଇ ନେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରି ସଫଳତା ପାଇବେ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପଦସ୍ଥ ହେବେ। ବାଣିଜ୍ୟ କିମ୍ବା ନୂତନ ଯୋଜନାରମ୍ଭ ସକାଶେ ମୋଟାଅଙ୍କର ଅର୍ଥ ପାଇଁ ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି।

ମିଥୁନ: ମନ ଭିତରର ଅକୁହା କଥାକୁ ଅନ୍ତରଙ୍ଗ ବନ୍ଧୁଙ୍କ ନିକଟରେ ପ୍ରକାଶ କରି ମନକୁ ହାଲୁକା କରିପାରନ୍ତି। ଆଲୋଚନାର ଶେଷ ପର୍ଯ୍ୟାୟରେ କୌଣସି ବ୍ୟକ୍ତିଙ୍କ ଦୁଷ୍ଟବୁଦ୍ଧିର ନିଷ୍ପତ୍ତି ପରିସ୍ଥିତିକୁ ଓଲଟପାଲଟ କରିଦେବ। ବ୍ୟବସାୟରେ ସମସ୍ୟା ହେତୁ ବନ୍ଧୁଙ୍କ ପରାମର୍ଶ ନେଇପାରନ୍ତି। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାରୁ କାର୍ଯ୍ୟ ସାଧନ କରିବେ।

କର୍କଟ: ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ଦୈନନ୍ଦିନର ଆବଶ୍ୟକତା ପୂରଣରେ ଅସୁବିଧା ରହିବ ନାହିଁ। ବୃତ୍ତି, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା, ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। କୌଣସି ବ୍ୟକ୍ତିଙ୍କ କଥାକୁ ପ୍ରାଧାନ୍ୟ ଦେଇ କାମ କରିବା ପୂର୍ବରୁ ତାହାର ଭଲମନ୍ଦ ଦିଗକୁ ନଜର ଦେବା ଭଲ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ।

ସିଂହ: ମନୋବଳ ଅତୁଟ ରହିଥିଲେ ମଧ୍ୟ ପାରିବାରିକ ଜଞ୍ଜାଳରେ ଅତିଷ୍ଠ ରହିବେ। କୌଣସି ବନ୍ଧୁ କଥାରେ ପ୍ରଭାବିତ ହୋଇ କିଛି ଭୁଲ୍ କାମ କରିପାରନ୍ତି। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କଲେ ମଧ୍ୟ ଜିତାପଟ ଆପଣଙ୍କର ହେବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିପାରନ୍ତି।

କନ୍ୟା: ଦୈହିକ ଦୁର୍ବଳତା ହେତୁ ଅନ୍ୟମାନଙ୍କ ସାହାଯ୍ୟରେ କାମକୁ ପୂର୍ଣ୍ଣାଙ୍ଗ କରିବେ। କର୍ମକ୍ଷେତ୍ରସ୍ଥ ବିବାଦୀୟ ପରିସ୍ଥିତିରେ ମଧ୍ୟସ୍ଥତା କଲେ ସମାଲୋଚିତ ହେବେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଗୃହନିର୍ମାଣ, କର୍ମାରମ୍ଭ, ତଥା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ସାହିତ୍ୟ, ଗବେଷଣା ପ୍ରଭୃତିରେ ସମ୍ମାନିତ ହେବେ।

ତୁଳା: ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ସାମୟିକ ମାନସିକ ସ୍ଥିତି ଭଲ ଦିଗକୁ ଗତି କରିବ। ଅର୍ଥର ଅଭାବକୁ ଜଣେ ସହକର୍ମୀ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେବେ। ପିଲା ମାଡ଼ଗୋଳକୁ କେନ୍ଦ୍ର କରି ନିକଟ ସମ୍ପର୍କୀୟମାନଙ୍କ ସହ ତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। ବନ୍ଧୁମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

ବିଛା: ଅଭିଳାଷ ପୂରଣ ହେଲେ ମଧ୍ୟ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିପାରେ। ସ୍ୱାସ୍ଥ୍ୟ ସମସ୍ୟା, ଅବହେଳିତ କାମ, ଭଲ ସମ୍ପର୍କଥିବା ବ୍ୟକ୍ତିଙ୍କ ଭୁଲ୍ ବୁଝାମଣାରୁ ଅସ୍ଥିରତା ସୃଷ୍ଟି ସୂଚନା ରହିଛି। ଲେଖା ପଢ଼ାରୁ, କଳା, ସାହିତ୍ୟ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରରେ ଓ ପାରିବାରିକ ସ୍ତରରେ ସବୁ ଠିକ୍ ରହିବ।

ଧନୁ: ବିଭିନ୍ନ କର୍ମଜଞ୍ଜାଳ ମଧ୍ୟରେ ମନ ଅଶାନ୍ତ ରହିବ କିନ୍ତୁ ଅନ୍ୟମାନଙ୍କ ସାହାଯ୍ୟର ପ୍ରତିଶ୍ରୁତିରୁ ମନ ହାଲୁକା ରହିପାରେ। ନିଜ ପରିସରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, କଳା, କ୍ରୀଡ଼ା ପାଇଁ ଦିନଟି ଭଲ। ଅନ୍ୟମାନଙ୍କ କଥାକୁ ବିଶ୍ୱାସ କରି ଅସୁବିଧାରେ ପଡ଼ିବେ।

ମକର: ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିନେବେ। ସଭାସମିତିରେ ବୟସ୍କଙ୍କ ନିକଟରୁ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ଆର୍ଥିକ ଉନ୍ନତି, ବନ୍ଧୁଙ୍କ ସହ ଆଲୋଚନା, ପରୀକ୍ଷାରେ ପିଲାଙ୍କ ସଫଳତାଜନିତ ମନ ପ୍ରଫୁଲ୍ଲ ରହିବ। ସହକର୍ମୀଙ୍କ ଏକଜିଦିଆ କାର୍ଯ୍ୟକଳାପଜନିତ ଦୌରାମତ୍ୟ ଅସହ୍ୟ ହୋଇପାରେ।

କୁମ୍ଭ : ମନ ଚାହୁଁଥିବା ପ୍ରକାରେ କାମ ନ ହେବାରୁ ଅସନ୍ତୁଷ୍ଟ ରହିବେ। ଗତକାଲିର ବିବାଦୀୟ ଘଟଣାକୁ ନେଇ ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଏଣେ କହିପାରୁ ନ ଥିବେ କିମ୍ବା ସହି ପାରୁ ନ ଥିବେ, ଏହି ପରିସ୍ଥିତିରୁ ମନ ଗୋଳମାଳିଆ ରହିବ। ଜମିଜମା, ଯାନବାହନ, ବ୍ୟବସାୟ ସମସ୍ୟା ଜଟିଳ ରହିବ।

ମୀନ: ଦିନସାରା ମନ ଖୁସିରେ କାମ କରିବେ ଏବଂ ବନ୍ଧୁଙ୍କ ସହ ବିଭିନ୍ନ ବିଷୟରେ ଫଳପ୍ରଦ ଆଲୋଚନା କରିବେ। ଦୀର୍ଘଦିନର ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଟଙ୍କା ପଇସାକୁ କେନ୍ଦ୍ରକରି କୌଣସି ବ୍ୟକ୍ତି ସହ କଳହ ଲାଗିପାରେ। କେତେକ କ୍ଷେତ୍ରରେ ଅଜଣା ଭୟ ଓ ଆଶଙ୍କାଜନିତ ଆତଙ୍କିତ ହୋଇପାରନ୍ତି।

## ୩୦ ବର୍ଷ ବୟସ ପରେ ବିବାହ କରୁଥିଲେ



**ବି**ବାହ ଜୀବନର ଏକ ବଡ଼ ନିଷ୍ପତ୍ତି, ବିଶେଷକରି ଯେତେବେଳେ ଆପଣ ୩୦ ବର୍ଷ ବୟସର ଶେଷ ଭାଗରେ ଥାଆନ୍ତି। ଏହି ବୟସ ସୁଦ୍ଧା, କ୍ୟାରିଅର, ଜୀବନଶୈଳୀ ଏବଂ ଚିନ୍ତାଧାରାରେ ବହୁତ ପରିବର୍ତ୍ତନ ଆସେ। ଏହି ସମୟରେ, ସଠିକ ଜୀବନସାଥୀ ବାଛିବା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଯଦି ଆପଣ ତରବରରେ କିମ୍ବା ଭୁଲ ନିଷ୍ପତ୍ତି ନିଅନ୍ତି, ତେବେ ପରେ ଆପଣଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ତେଣୁ, ବିବାହ ପୂର୍ବରୁ ଏହି ୫ଟି ଭୁଲ ଏଡାଇବା ଗୁରୁତ୍ୱପୂର୍ଣ୍ଣ।

୧) କେବଳ ବୟସ ଚାପ ହେତୁ ବିବାହ କରିବା। ୩୦ ବର୍ଷ ବୟସର ଅନେକ ଲୋକ କୁହନ୍ତି, 'ଏବେ ବିବାହ କର, ବୟସ ଗଡି ଗଲାଣି। କିନ୍ତୁ କେବଳ ବୟସର ଚାପରେ ବିବାହ କରିବା ସବୁଠାରୁ ବଡ଼ ଭୁଲ ହୋଇପାରେ। ବିବାହ କୌଣସି ସମୟ ସୀମା ଦ୍ୱାରା ଆବଦ୍ଧ ନୁହେଁ। କେବଳ ବୟସ ଦେଖି ନୁହେଁ, ଠିକ ସମୟରେ ଠିକ ବ୍ୟକ୍ତିଙ୍କୁ ବିବାହ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। କ'ଣ କରିବେ ? ନିଜ ଖୁସି ଏବଂ ଆରାମ ଅନୁସାରେ ବିବାହର ନିଷ୍ପତ୍ତି ନିଅନ୍ତୁ।
କୌଣସି ସାମାଜିକ ଚାପର ବଶବର୍ତ୍ତୀ ହୁଅନ୍ତୁ ନାହିଁ।

୨)ଯଦି ଆପଣ କେବଳ କାହାର ଭଲ ଚାକିରି, ସ୍ଥିତି, ଲୁକ କିମ୍ବା ସୋସିଆଲ ମିଡିଆ ପ୍ରୋଫାଇଲ ଦେଖି ବିବାହ କରିବାକୁ ନିଷ୍ପତ୍ତି ନେଉଛନ୍ତି, ତେବେ ଏହା ଭବିଷ୍ୟତରେ ସମସ୍ୟା ଆଣିପାରେ। ଏକ ସମ୍ପର୍କ କେବଳ ଦେଖାଣିଆ ଉପରେ ଆଧାରିତ ନୁହେଁ, ବରଂ ପାରସ୍ପରିକ ବୁଝାମଣା ଏବଂ ଭାବପ୍ରବଣ ସଂଯୋଗ ଉପରେ ଆଧାରିତ। ଆପଣଙ୍କ ସାଥୀଙ୍କ ଚିନ୍ତାଧାରା, ଆଚରଣ ଏବଂ ଜୀବନ ପ୍ରତି ମନୋଭାବର ମଧ୍ୟ ମୂଲ୍ୟାଙ୍କନ କରନ୍ତୁ। ତାଙ୍କ ପାରିବାରିକ ମୂଲ୍ୟବୋଧ ଏବଂ ବ୍ୟକ୍ତିତ୍ୱକୁ ଭଲ ଭାବରେ ବୁଝନ୍ତୁ।

୩) ଅନେକ ସମୟରେ ଆମେ ଧରିନେଉ ଯେ ବିବାହ ପରେ ସବୁକିଛି ଆପେଆପେ ଠିକ୍ ହୋଇଯିବ। ଯଦି ଆପଣ ବିବାହ ପୂର୍ବରୁ ଆପଣଙ୍କ ସାଥୀଙ୍କ ସହ ଖୋଲାଖୋଲି ଭାବରେ ଯୋଗାଯୋଗ କରିପାରିବେ ନାହିଁ, ତେବେ ଏହା ଭବିଷ୍ୟତରେ ଏକ ବଡ଼ ସମସ୍ୟା ହୋଇପାରେ। ବିବାହ ପୂର୍ବରୁ, ଆପଣଙ୍କର ଚିନ୍ତାଧାରା, ଆଶା ଏବଂ ଭବିଷ୍ୟତ ଯୋଜନା ବିଷୟରେ ଖୋଲାଖୋଲି ଆଲୋଚନା କରନ୍ତୁ। ଯଦି କୌଣସି ଦ୍ୱନ୍ଦ୍ୱ ଅଛି, ତେବେ ପୂର୍ବରୁ ତାହା ଦୂର କରନ୍ତୁ।

୪) ସମାନତାକୁ ଅଣଦେଖା କରିବା କେବଳ ପ୍ରେମ କିମ୍ବା ଆକର୍ଷଣ ଉପରେ ଆଧାର କରି ବିବାହ କରିବା ଯଥେଷ୍ଟ ନୁହେଁ। ଯଦି ଆପଣଙ୍କ ଏବଂ ଆପଣଙ୍କ ସାଥୀଙ୍କ ଚିନ୍ତାଧାରା, ଜୀବନଶୈଳୀ ଏବଂ ପ୍ରାଥମିକତା ମେଳ ଖାଏ ନାହିଁ, ତେବେ ଭବିଷ୍ୟତରେ ସମ୍ପର୍କରେ ସମସ୍ୟା ହୋଇପାରେ। ବିବାହ ପୂର୍ବରୁ ଦେଖନ୍ତୁ, ଆପଣଙ୍କର ଚିନ୍ତାଧାରା ଏବଂ ଜୀବନଶୈଳୀ ମେଳ ଖାଉଛି କି ନାହିଁ। ଭାବପ୍ରବଣ ଏବଂ ବୌଦ୍ଧିକ ସଂଯୋଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

## ପ୍ରିୟଙ୍କାଙ୍କ ଭଳି ଫିଟ୍‌ନେସ୍ ଚାହୁଁଛନ୍ତି କି ?



**ବ**ଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କ ଅଭିନୟ ବ୍ୟତୀତ ଫିଟ୍‌ନେସ୍ ପାଇଁ ଖବରରେ ରହିଥାନ୍ତି। ସେଥିପାଇଁ ସେ ହଲିଉଡର ସବୁଠାରୁ ବଡ଼ ଷ୍ଟଣ୍ଟ ନିଜେ କରନ୍ତି। ପ୍ରିୟଙ୍କାଙ୍କ ପରି ଫିଟନେସ ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛନ୍ତି, ତେବେ ତାଙ୍କ ଡାଏଟ ଏବଂ ଫିଟନେସ ଯୋଜନା ଚେଷ୍ଟା କରିପାରିବେ। ଦେଶୀ ଗାର୍ଲ ପ୍ରିୟଙ୍କା ବିଦେଶ ଯିବା ପରେ ମଧ୍ୟ ତାଙ୍କର ଦେଶୀ ଡାଏଟ ଭୁଲି ନାହାଁନ୍ତି ଆପଣଙ୍କୁ ଜାଣିବା ଯେ ସେ ତାଙ୍କ ୱାର୍କଆଉଟ ରୁଟିନ ସହିତ କ'ଣ ସବୁ ଜିନିଷ ଖାଆନ୍ତି- ପ୍ରଥମେ ପ୍ରିୟଙ୍କାଙ୍କ ୱାର୍କଆଉଟ ରୁଟିନ କାର୍ଡିଓ, ଯୋଗ, ଦୌଡ଼ିବା, ସ୍କିପିଂ ଏବଂ ପହଁରିବା ଭଳି କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି। ପ୍ରିୟଙ୍କା ବିଶ୍ୱାସ କରନ୍ତି ଯେ, ନିୟମିତ କାର୍ଯ୍ୟରେ ଛୋଟ ଛୋଟ ପରିବର୍ତ୍ତନ ଆଣିଲେ ଫିଟନେସ ଲକ୍ଷ୍ୟ ହାସଲ ହୋଇପାରିବ। ଉଦାହରଣ ସ୍ୱରୂପ, ସେ ଲିଫ୍ଟ ବ୍ୟବହାର କରିବା ପରିବର୍ତ୍ତେ ସିଡ଼ି ଚଢ଼ିବାକୁ ଏବଂ ଗାଡ଼ି ଚଲାଇବା ପରିବର୍ତ୍ତେ ଚାଲିବାକୁ ପସନ୍ଦ କରନ୍ତି। ପ୍ରିୟଙ୍କା ତାଙ୍କ ବ୍ୟାୟାମ କାର୍ଯ୍ୟରେ ଓଜନ ତାଲିମ ମାଧ୍ୟମରେ ତାଙ୍କ ମାଂସପେଶୀକୁ ମଜଭୁତ କରନ୍ତି, ଯାହା ତାଙ୍କର ମେଟାବୋଲିଜିମ ହାରକୁ ମଧ୍ୟ ବୃଦ୍ଧି କରେ। ଏହା ସହିତ, ପ୍ରତିଦିନ ଯୋଗ କରନ୍ତି। ଫଳରେ ଚାପରୁ ମୁକ୍ତି ମିଳେ। ପ୍ରିୟଙ୍କା ପାଣି ଏବଂ ତରଳ ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତି। ତାଜା ଜୁସ ସେବନ କରନ୍ତି ଏବଂ କ୍ୟାଫିନ ଠାରୁ ଦୂରରେ ରହନ୍ତି। ସେ ଦିନକୁ ୧୦ ଗ୍ଲାସ ପାଣି ପିଅନ୍ତି। ମଧ୍ୟାହ୍ନ ଭୋଜନରେ ପ୍ରିୟଙ୍କା ଡାଲି, ଭାତ, ରୋଟି, ସୁପ, ସାଲାଡ ଏବଂ ତାଜା ଫଳ ଭଳି ଭାରତୀୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ଏହା ବ୍ୟତୀତ, ସେ ପ୍ରୋଟିନ ଗ୍ରହଣ ପାଇଁ ତାଙ୍କ ଖାଦ୍ୟରେ ଗ୍ରୀଲ୍ଡ ଚିକେନ, ମାଛ, ସିଝା ଅଣ୍ଡା ସାମିଲ କରନ୍ତି।

## ଖାଲି ପେଟରେ ତୁଳସୀ ପତ୍ର ଖାଉଥିଲେ



ଆୟୁର୍ବେଦରେ ତୁଳସୀ ପତ୍ରକୁ ଜଡ଼ି-ବୁଟିର ରାଣୀ ବୋଲି କୁହାଯାଇଥାଏ। ପୁରାତନ କାଳରୁ ହିଁ ଏହାକୁ ଘରୋଇ ମହୌଷଧି ଭାବେ ଆମେ ବ୍ୟବହାର କରିଆସୁଛେ। କାଶ ହେଉ କି ଛିଙ୍କ ତୁଳସୀ ପତ୍ରକୁ ବାଟି ତା'ର ରସ ପିଇଲେ ଅଥବା ଏହି ପତ୍ରରୁ କିଛି ଚୋବାଇ ଖାଇଲେ ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି। ତେବେ କେବଳ ଏତିକି କାରଣ ନୁହେଁ, ଆୟୁର୍ବେଦରେ ଖାଲି ପେଟରେ ତୁଳସୀ ପତ୍ର ଖାଇଲେ ଆଉ କ'ଣ କ'ଣ ଉପକାର ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...

ତୁଳସୀରେ ଆଣ୍ଟି ଅକ୍ସିଡାଣ୍ଟ ଓ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ଭରି ରହିଥିବାରୁ, ଏହି ପତ୍ରରୁ ୪/୫ଟି ଲଗାତର୍ ୧୦ ଦିନ ସକାଳୁ ଖାଲି ପେଟରେ ଖାଇଲେ ରୋଗପ୍ରତିରୋଧକ ଶକ୍ତି ବଢିଥାଏ। ଫଳରେ ଥଣ୍ଡା, କାଶ, ଛିଙ୍କ ତଥା ଭାଇରାଲ୍ ଇନ୍‌ଫ୍ଲୁଏଞ୍ଜା ଅନେକାଂଶରେ ମୁକ୍ତି ମିଳିଥାଏ। ତା'ଛଡ଼ା ଏଥିରେ କିଛି ଏନ୍‌ଜାଇମ୍ ତତ୍ତ୍ୱ ଥିବାରୁ, ଏହା ଶରୀରର ପାଚନ କ୍ରିୟାକୁ ବି ତ୍ୱରାନ୍ୱିତ କରିଥାଏ, ଯଦ୍ଦ୍ୱାରା ଗ୍ୟାସ, ବଦହଜମୀ, କୋଷ୍ଠକାଠିନ୍ୟର ସମସ୍ୟାରୁ ବି ଆରାମ ମିଳେ।

ଏହାଛଡ଼ା ଖାଲି ପେଟରେ ତୁଳସୀ ପତ୍ର ଖାଇଲେ ବ୍ଲଡ୍ ଶୁଗାର, ବ୍ଲଡ୍ ପ୍ରେଶର, କୋଲେଷ୍ଟ୍ରଲ୍ ନିୟନ୍ତ୍ରଣରେ ରହିବା ସହ ଏହା ଆମର ମସ୍ତିଷ୍କକୁ ଶାନ୍ତ ରଖିବା ଏବଂ ଆମକୁ ଚିନ୍ତା ମୁକ୍ତ କରିବାରେ ବି ସାହାଯ୍ୟ କରିଥାଏ।

## ମଲାଇ ମଟର ମସ୍‌ରୁମ୍

**ଆବଶ୍ୟକ ସାମଗ୍ରୀ :** ଗ୍ରୀନ୍ ମଟର, କ୍ରୀମ୍ କାଜୁ, ଅଦା,ରସୁଣ, ପିଆଜ ପେଷ୍ଟ, ତେଲ, ଗୋଟା ଜିରା, ଗରମ ମସଲା ,ଦହି, ଧନିଆ ପାଉଡର, ଜିରା ପାଉଡର,ମେଥି, ଗୋଲମରିଚ ଗୁଣ୍ଡ, ଲୁଣ ସ୍ୱାଦନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କାଜୁ, ଅଦା,ରସୁଣ, ପିଆଜକୁ ପେଷ୍ଟ କରନ୍ତୁ। ମଲାଇ ମଟର ମସରୁମ୍ ତିଆରି କରିବା ପାଇଁ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ ମସରୁମ୍କୁ ପକାଇ ଭଲ ଭାବରେ ଭାଜି ଦିଅନ୍ତୁ। ଏହାପରେ ଗ୍ରୀନ ମଟରକୁ ଭାଜି ଦିଅନ୍ତୁ। ଏହା ଭାଜି ହେଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପୁଣି କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଟା ଜିରା, ଗରମ ମସଲା ପକାଇ ଦିଅନ୍ତୁ। ଏହାପରେ ସେଥିରେ ପେଷ୍ଟ କରି ରଖିଥିବା କାଜୁ, ଅଦା,ରସୁଣ, ପିଆଜକୁ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ ଅଳ୍ପ ଦହି, ଧନିଆ ପାଉଡର, ଜିରା ପାଉଡର, ମେଥି, ଗୋଲମରିଚ ଗୁଣ୍ଡ ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ସେଥିରେ ଭାଜି ରଖିଥିବା ମସରୁମ୍ ଓ ଗ୍ରୀନମଟର ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ କ୍ରୀମ୍ ପକାଇ ଅଳ୍ପ ପାଣି ଦେଇ ଢାଙ୍କି ଦିଅନ୍ତୁ। କିଛି ସମୟ ପରେ କରେଇ ତଳକୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମଲାଇ ମଟର ମସରୁମ୍।





## ବ୍ରହ୍ମପୁରରେ 'ସୁଭଦ୍ରା' ଦ୍ୱିତୀୟ କିସ୍ତି ପ୍ରଦାନ ସମାରୋହ






# ବ୍ରହ୍ମପୁର ସଭାରେ ବର୍ଷିଲେ ମୋହନ

**ବ୍ରହ୍ମପୁର,(ପିପିଏସ୍):**

- ଯେଉଁମାନେ ଆମକୁ ପଚାରୁଛନ୍ତି, ମୋହନ ମାଝୀ ସରକାର ୯ ମାସ ଭିତରେ କ'ଣ କରିଛି, ଏ କଥା ଗତ ୨୪ ବର୍ଷ ସରକାରରେ ଥିବା ଦଳର ନେତା ଆମକୁ ପଚାରୁଛନ୍ତି, ଯେଉଁମାନେ ୨୪ ବର୍ଷ ଧରି ମହିଳା ସଶକ୍ତୀକରଣ ନାଁରେ କେବଳ ସ୍ଲୋଗାନ ଦେଉଥିଲେ।
- ମୋହନ ସରକାର କ୍ଷମତାକୁ ଆସିବାର ମାତ୍ର ୨୪ ମିନିଟ୍ ଭିତରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବାକୁ ଐତିହାସିକ ନିଷ୍ପତ୍ତି ନେଲେ। ଖୁସିର ବିଷୟ ମାତ୍ର ୩ ମାସ ଭିତରେ ଯୋଜନା ଆରମ୍ଭ କରି ଆଜି ୯ ମାସରେ ୧ କୋଟି ମହିଳାଙ୍କୁ ଏଥିରେ ସାମିଲ୍ କରାଯାଇ ପାରିଛି।

## 'ବିରୋଧୀଙ୍କୁ ଦିଅନ୍ତୁ ହଜମ ଗୁଳି'

- ଗତ ସରକାର ମହିଳାଙ୍କୁ କେବଳ ସ୍ଲୋଗାନ ଭିତରେ ରଖିଥିଲେ। ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଏ କଥା ଭଲଭାବେ ଜାଣନ୍ତି। ସେ ସରକାରର କାରନାମା ତାଙ୍କୁ ଜଣା।
- ଆମେ ୯ ମାସ ଭିତରେ ଯାହା କରିଛୁ, ବିରୋଧୀ ଦଳର ନେତାମାନେ ଏହାକୁ ଦେଖି ହଜମ କରିପାରୁ ନାହାନ୍ତି। ତାଙ୍କ ବିଧାୟକ ସାଂସଦ କାଳେ କହୁଛନ୍ତି, ତାଙ୍କ ସରକାର ବି ସୁଭଦ୍ରା ଭଳି ଯୋଜନାଟିଏ କରି ପାରିଥାନ୍ତା। କାହିଁକି କଲେନାହିଁ।
- ମୋହନ ମାଝୀ ସରକାର ମାତ୍ର ୯ ମାସର ଏକ ଶିଶୁ ସରକାର, ସେମାନେ କେମିତି ୧ କୋଟି ମହିଳାଙ୍କୁ ୫ ହଜାର କୋଟି ଟଙ୍କା ଦେଇଦେଲେ। ଇଏ ତାଙ୍କ ଦେହରେ ଆଉ ହଜମ ହେଉନି।
- ବିଧାନସଭା ଲବିରେ ବିରୋଧୀ ଦଳର ବିଧାୟକମାନେ କହୁଛନ୍ତି, ନବୀନ ବାବୁ ୨୦୧୬ରେ ଶହେ ଟଙ୍କା ବୋନସ୍ ଦେବେ ବୋଲି କହିଥିଲେ, କିନ୍ତୁ ଦେଇପାରିଲେ ନାହିଁ। ଆଜି କାହିଁକି ମୋହନ ମାଝୀ ସରକାର ଶହେ ଟଙ୍କା ଜାଗାରେ ୮ଶହ ଟଙ୍କା ଦେଇଦେଲେ। ଏମିତି ଚମତ୍କାର କେମିତି ହେଲା।
- ଏ କଥାକୁ ନିନ୍ଦୁକମାନେ ମଧ ହଜମ କରିପାରୁ ନାହାଁନ୍ତି। ମୁଁ ପ୍ରଦୀପ ବାବୁଙ୍କୁ କହିବି, ସେମାନଙ୍କୁ ହଜମ ଗୁଳି, ଯେଉଁଟା ବ୍ରହ୍ମପୁରରେ ମିଳେ, ସେଇଟା ବିରୋଧୀ ଦଳ ନେତାମାନଙ୍କୁ ଦେଇଦେଲେ ସେମାନେ ହଜମ କରି ଶାନ୍ତିରେ ରହିବେ।
- ମୁଁ ସେମାନଙ୍କୁ କହିବା ପାଇଁ ଚାହେଁ, କେବଳ ସେତିକି ନୁହେଁ, ୨୪ ବର୍ଷ ଭିତରେ ଆପଣ ଯାହା କରିବେ ବୋଲି ଚିନ୍ତା କରିନଥିଲେ, ଆଜି ଆମ ସରକାର ୯ ମାସ ଭିତରେ କରି ଦେଖାଇଛନ୍ତି ।
- ଆପଣ ଏବେ ତାଙ୍କ ଆମ ଭିତରେ ତୁଳନା କରନ୍ତୁ। ସେମାନଙ୍କର ୨୪ ବର୍ଷର ଇଭେଣ୍ଟ ମ୍ୟାନେଜମେଣ୍ଟ ସରକାର ଥିଲା। ଆଉ ଆମର ୯ ମାସର ଲୋକଙ୍କର ସରକାର।

# ପାରାଦୀପ ଲକ୍ ଥାନାର ଅତ୍ୟାଧୁନିକ ନୂତନ ଗୃହ ଉଦ୍‌ଘାଟିତ



**ପାରାଦୀପ (ପିପିଏସ୍):** ଆଇନ ବ୍ୟବସ୍ଥାରେ ସୁଦ୍ଧାର ଓ କ୍ଷ ସୁଦୃଢ଼ତା ପାଇଁ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଶୁକ୍ରବାର ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦୂରଭାସି ମାଧମରେ ୧୪ ଟି ଥାନାର ନୂତନ ଅତ୍ୟାଧୁନିକ ଗୃହ ଉଦଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ ପାରାଦୀପ ଲକ ଥାନାର ନୂତନ ଗୃହ ଶୁକ୍ରବାର ଦିନ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ପାରାଦୀପ ଲକ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସଙ୍କ ନେତୃତ୍ୱରେ ଥାନା ପରିସରରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଡଃ ବିଭୂପ୍ରସାଦ ତରାଇ, ଜଗତସିଂହପୁର ଏସପି ଭବାନୀ ଶଙ୍କର ଉଦଗାତା, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା,ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, ତିର୍ତ୍ତୋଲ ଏସଡିପିଓ ଚିନ୍ମୟ ରାଉତ ପ୍ରମୁଖ ଯୋଗଦେଇ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବର ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ। ଥାନାକୁ ଆସୁଥିବା ଲୋକଙ୍କୁ ସଠିକ ବ୍ୟବହାର ସହିତ ସେମାନଙ୍କୁ ଉତ୍ତମ ବ୍ୟବହାର କଲେ ହିଁ ଥାନାର ମହତ୍ୱ ବୃଦ୍ଧି ପାଇବ ବୋଲି ସାଂସଦ ଡଃ ତରାଇ

ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ, ଅଭୟଚାନ୍ଦ ପୁର ଥାନା ଅଧିକାରୀ ସମୀର କୁମାର ରାଉତ, ପାରାଦୀପ ସାମୁଦ୍ରିକ ଥାନା ଅଧିକାରୀ ବବିତା ଦେହୁରୀ,ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ଅଧିକାରୀ କଲ୍ୟାଣିମୟୀ ସେଣ୍ଠ,ତିର୍ତ୍ତୋଲ ଥାନା ଅଧିକାରୀ ସୁବ୍ରତ କୁମାର ଦାସ,ପାରାଦୀପ ଗଡ ଗ୍ରାମପଞ୍ଚାୟତର ସରପଞ୍ଚ ସସ୍ମିତା ବେହେରାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ

**ବ୍ରହ୍ମପୁର(ପିପିଏସ୍):**

ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକ ମାନଙ୍କୁ ସେମାନଙ୍କର ଆଧାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାର ୨୦୧୬ମସିହାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରି ଆସୁଛନ୍ତି । ଏହି ଯୋଜନାରେ ୬୦ରୁ ୬୫ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଛି । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲ୍ଲାରୁ ୩୩୫୮୮ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ୩୫ଟି ପର୍ଯ୍ୟାୟରେ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରକୁ ତୀର୍ଥଯାତ୍ରା ଭ୍ରମଣରେ ଯାଇଛନ୍ତି । ଚଳିତ ବର୍ଷ ୮ହଜାର ବରିଷ୍ଠ ନାଗରିକ ୧୦ଟି ପର୍ଯ୍ୟାୟରେ ସିରିଡି, ନାସିକ, ଦକ୍ଷିଣେଶ୍ୱର କାଳୀ, କାମାକ୍ଷା, ଅଯୋଧ୍ୟା, ବାରଣାସୀ, ରାମେଶ୍ୱର ଆଦି ତୀର୍ଥସ୍ଥାନ ଭ୍ରମଣ କରିବେ । ଜାନୁୟାରୀ ମାସରେ ରାମେଶ୍ୱରକୁ ତୀର୍ଥ ଟ୍ରେନ୍ ଚାଲିଥିବା ବେଳେ ଶନିବାର ବାରଣାସୀ ଓ ଅଯୋଧ୍ୟା ଅଭିମୁଖେ ତୀର୍ଥଯାତ୍ରୀ ଟ୍ରେନ୍‌କୁ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ପତାକା ଦେଖାଇ ବ୍ରହ୍ମପୁର ଷ୍ଟେଶନ୍‌ରୁ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ୫ଟି ଜିଲ୍ଲା ତଥା ଗଞ୍ଜାମରୁ ୪୩୮ଜଣ ତୀର୍ଥଯାତ୍ରୀଙ୍କ ପାଇଁ ୧୪ଜଣ ଏସ୍କଟ ଅଫିସ୍‌ର, ଗଜପତିରୁ ୭୨ଙ୍କ ପାଇଁ ୨ଜଣ, କନ୍ଧମାଳ ୫୧ଜଣଙ୍କ ପାଇଁ ୩ଜଣ, ନୟାଗଡ ୧୧୯ଜଣଙ୍କ ପାଇଁ ୫ଜଣ ଓ ବୌଦ୍ଧ ଜିଲ୍ଲାର ୫୫ଜଣ ତୀର୍ଥଯାତ୍ରୀଙ୍କ ପାଇଁ ୨ଜଣ ଏସ୍କଟ ଅଫିସ୍‌ର ଭାବେ ମୋଟ ୭୭୫ଜଣ ତୀର୍ଥଯାତ୍ରୀଙ୍କ ପାଇଁ ୨୫ଜର ଏସ୍କଟ ଅଫିସ୍‌ର ତାଙ୍କ ସହ ଗସ୍ତ କରିଛନ୍ତି । ଆଇଆର୍‌ସିଟିସି ପକ୍ଷରୁ ସମସ୍ତ ତୀର୍ଥଯାତ୍ରୀଙ୍କ ପାଇଁ ରହିବା, ଯିବାଆସିବା ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା କରିବା ସହ ଜଗୁଆଳି, ପଥପ୍ରଦର୍ଶକ, ଚିକିତ୍ସା ପାଇଁ ଡାକ୍ତରଙ୍କ ସୁବିଧା ମଧ ଟ୍ରେନ୍‌ରେ ରହିଥିବା ଜଣାପଡିଛି । ଟ୍ରେନ୍‌ର ଶୁଭାରମ୍ଭ ବେଳେ ଅନ୍ୟମାନଙ୍କ ମଧ୍ୟରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ରେଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



# ଗେଟ୍‌ବଜାର ଓଭର୍ ବ୍ରିଜ୍ ଶିଳାନ୍ୟାସ



**ବ୍ରହ୍ମପୁର, (ପିପିଏସ୍) :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବ୍ରହ୍ମପୁର ଗସ୍ତରେ ଆସି ଗେଟ୍‌ବଜାର ଠାରେ ଓଭର ବ୍ରିଜ୍‌ର ନିର୍ମାଣର ଶିଳାନ୍ୟାସ କରିଛନ୍ତି। ବ୍ୟସ୍ତ ବହୁଳ ବ୍ରହ୍ମପୁର ସହରର ଗେଟ ବଜାର ଛକ ସର୍ବାଦା ଟ୍ରାଫିକ୍ ସମସ୍ୟା ଲାଗି ରହୁଥିଲା। ବ୍ରହ୍ମପୁର ବିଧାୟକ ଭାବେ ଜିତିବା ପରେ କେ. ଅନୀଲ୍ କୁମାର ଗେଟ୍ ବଜାର ଓଭର୍ ବ୍ରିଜ୍ ନିର୍ମାଣ ପାଇଁ ପଦକ୍ଷେପ ନେଇଥିଲେ। ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ୧୧୫କୋଟି ୯୭ଲକ୍ଷ ୪୯ହଜାର ଟଙ୍କା ଅନୁମୋଦନ କରାଇଥିଲେ। ଆଜି ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ବଣ୍ଟନ କରିବାକୁ ଆସି ଗେଟ୍ ବଜାର ଓଭର୍ ବ୍ରିଜ୍‌ର ଶିଳାନ୍ୟାସ୍ ଭର୍ଚ୍ଚୁଆଲ୍‌ରେ କରିଥିଲେ। ଏହା ପରେ ବିଧାୟକ କେ.ଅନୀଲ କୁମାରଙ୍କ ସମେତ ଅନ୍ୟା ନେତା ଓ କର୍ମୀମାନେ ଗେଟ୍ ବଜାର ଛକରେ ଉପସ୍ଥିତ ରହି କାର୍ଯ୍ୟାରମ୍ଭ ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଗେଟ୍ ?ବଜାର ଓଭର୍ ବ୍ରିଜ୍ ନୀଳାଦ୍ରି ବିହାର ଛକରୁ ଆରମ୍ଭ ହେବ ଏବଂ ସିଟି ହସ୍‌ପିଟାଲ୍ ଛକରେ ଶେଷ ହେବ। ଏହା ପ୍ରାୟ ଏକ କିଲୋମିଟର (୨୦୯ ମିଟର୍ ଆପ୍ରୋଚ୍ ରୋଡ ଓ ୭୯୨ ମିଟର ଫ୍ଲାଏ ଓଭର୍ ) ହେବ।

# ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ସଚେତନତା ବୈଠକ

ଭବାନୀପାଟଣା,(ହି.ସ.): ବୋର୍ଡ଼ା ଜନତା ହାଇସ୍କୁଲ ଠାରେ କେଗାଁ ଥାନା ବୋର୍ଡ଼କ୍ଷ ପୋଲିସ ଆନୁକୂଲ୍ୟରେ ନୂତନ ଅପରାଧିକ ଆଇନ କାର୍ଯ୍ୟକାରିତା, ନୂତନ ଭାରତ ନୂତନ ଆଇନ ଉପରେ ଏକ ବୈଠକ ସଚେତନତା ସଭା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେଗାଁ ଭାରପ୍ରାପ୍ତ ଥାନା ଅଧିକାରୀ, ମୁକୁନ୍ଦ ଦେବ ନାୟକ, ଏସଏଇ ଶ୍ରୀମତୀ ଗୌରୀ ଯାନୀ, ବୋର୍ଡ଼ା ପୋଲିସ ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁ, ପୋଲିସ ଟିମ, ଜିଲ୍ଲା ପରିଷଦ ହୃଦାନନ୍ଦ ସାହୁ ହାଇସ୍କୁଲ ପ୍ରଧାନ ଶିକ୍ଷକ, ଡୁମୁରିଆ ସରପଂଚ ସଂଜୀବ କୁମାର ମିଶ୍ର, ବୋର୍ଡ଼ା ପଂଚାୟତ ସରପଂଚ ରୀନା ଜାଲ, ଗୁର୍ଜୁଙ୍ଗ ସରପଂଚ ଶ୍ରୀମତୀ ସୁଷମା ସାହୁ, ପଳନା ପଂଚାୟତ ସରପଂଚ, ମିଶନ ଶକ୍ତି ମହିଳା ସମୂହ, ଏମବିକେ, ସିଆରପି, ଅଂଚଳର ବୁଦ୍ଧିଜୀବୀ ସମାଜସେବି, ଗଣ ପ୍ରତିନିଧି, ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି ନୂତନ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେଗାଁ ଥାନା ଅଧିକାରୀ ଶ୍ରୀ ନାୟକ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ସାକ୍ଷ୍ୟ ଅଧିନିୟମ, ଦୁର୍ଘଟଣାଜନିତ କେଶ, ମହିଳା ଓ ଶିଶୁ ସୁରକ୍ଷା ପ୍ରଦାନ, ଡିଜିଟାଲ ପ୍ରମାଣର ବ୍ୟବହାର, ପ୍ରତ୍ୟେକ ପୀଡ଼ିତାକୁ ସୁନିଶ୍ଚିତ ସୁରକ୍ଷା, ତ୍ୱରିତ ନ୍ୟାୟ ପାଇଁ ସଠିକ ସହାୟତା ମାମଲା ବିଚାର ଇତ୍ୟାଦି ଆଇନ ସହାୟତା ବିଷୟରେ ଜନସାଧାରଣଙ୍କୁ ଜାଣିବା ଅତ୍ୟନ୍ତ ଜରୁରୀ ଥିବା ପ୍ରକାଶ କରିଥିଲେ। ଅନ ଲାଇନ ରେ କିପରି କେଶ କରାଯାଇ ପାରିବ, ବିଭିନ୍ନ ମଧ୍ୟରେ ହୋଇପାରିବ ଆଲୋଚନା କରାଯାଇ ଥିଲା ସାଇବର କ୍ରାଇମ, ରେଗିଙ୍ଗ କେଶ, ନାରୀ ନିର୍ଯାତନା, ଧର୍ଷଣଜନିତ କେଶ, ଏହିଭଳି ବିଭିନ୍ନ ନୂଆ ଆଇନ ବିଷୟରେ ଆଲୋଚନା ହୋଇଥିଲା। ୧୯୬୦ ସାଲ ର ଆଇନକୁ ପରିବର୍ତନ, ନୂତନ ଆଇନକୁ ସମସ୍ତେ ଅବଗତ ହୋଇପାରିବେ ତାହା ପରାମର୍ଶ କରିଥିଲେ। ବିଭାଗୀୟ ଅଧିକାରୀ ଗଣ, ଆଇନ ଶୃଙ୍ଖଳାକୁ ସହଯୋଗ କରିବାକୁ ପରାମର୍ଶ କରାଯାଇଥିଲା। କେଉଁ ଆଇନ କେତେ ଦିନରେ କାର୍ଯ୍ୟକାରିତା ହୋଇଥାଏ ତାହା ମଧ୍ୟ ଆଲୋଚନା ହୋଇଥିଲା ଏବଂ ଅଂଚଳର ବିଭିନ୍ନ କ୍ରାଇମ୍ କୁ ରୋକା ଯାଇପାରେ ତା' ଉପରେ ପୋଲିସ ସହାୟତା ପାଇଁ ଅନୁରୋଧ କରାଯାଇଥିଲା, ଯାହାକି ନିକଟ ଅତୀତରେ ଗ୍ରାମ୍ୟ ଜଳ ଯୋଗାଣର ତାର, ପାଇପ, ଚୋରି, ମୋଟର ଚୋରି, ବେଆଇନ ଚୋରା ଚାଲାଣ ହେଉଥିବା ମଦ, ଦେଶୀ ମଦ ଇତ୍ୟାଦିକୁ କିପରି ଦମନ କରାଯାଇ ପାରିବ ସେ ଉପରେ ସମସ୍ତ ଅଂଚଳ ବାସୀ ଅନୁରୋଧ କରିଥିଲେ। ଦର୍ଶକ, ଆଲୋଚନାରେ ଅଂଶଗ୍ରହଣ କରିଥିବା ବୁଦ୍ଧିଜୀବୀ, ମହିଳାଙ୍କ ପ୍ରଶ୍ନର ପୂର୍ଣ୍ଣ ଉତର ପାଇଥିବାରୁ ସମସ୍ତେ ଖୁସି ଥିବା ଜଣାଯାଏ।

# ବେଦବ୍ୟାସକୁ ସ୍ୱତନ୍ତ୍ର ଜିଲ୍ଲା ଓ ରାଉରକେଲାକୁ ଐତିହ୍ୟ ସହର ଦାବି ଜୋର୍ ଧରିଲା

ରାଉରକେଲା ,(ପିପିଏସ୍) : ବେଦବ୍ୟାସ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ବିଶ୍ରା ରୋଡ ସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବେଦବ୍ୟାସକୁ ସତନ୍ତ୍ର ଜିଲ୍ଲା ଓ ରାଉରକେଲାକୁ ଐତିହ୍ୟ ସହର ଘୋଷଣା ପାଇଁ ଏହି ସମିଳନୀରେ ଆଲୋଚନାର ବିଷୟବସ୍ତୁ ଥିଲା। କାରଣ ମାନବୀୟ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ପର୍ଯ୍ୟଟନ, ପ୍ରଶାସନିକ ସୁବିଧା, ସାଂସ୍କୃତିକ ମହତ୍ତ୍ୱ: ପ୍ରଭାବଶାଳୀ ଶାସନ, ଉନ୍ନତ ଉପଲବ୍ଧତା, ଉନ୍ନତ ପ୍ରତିନିଧିତ୍ୱ, ଅର୍ଥନୈତିକ ଅଭିବୃଦ୍ଧି, ସାଂସ୍କୃତିକ ଭିନ୍ନତା, ସ୍ୱାସ୍ଥ୍ୟ ସେବା ସୁବିଧାରେ ଉନ୍ନତି ଆଣିବା ଆଦି କାରଣରୁ ବେଦବ୍ୟାସ ଜିଲ୍ଲା ଦାବି ଯୁକ୍ତିଯୁକ୍ତ ଅଟେ। ତତ୍‌ସହିତ ଭୌଗୋଳିକ ଆବେଦନ ଦୃଷ୍ଟିକୋଣରୁ ଦେଖିବାକୁ ହେଲେ ହେମଗିରି, କୋଇଡ଼ା ଓ ସୁନ୍ଦରଗଡ଼ ସଦର ମହକୁମା ମଧ୍ୟରେ ବ୍ୟାପକ ଦୂରତା (ପ୍ରାୟ ୨୫୦ କିଲୋମିଟର) ବାସିନ୍ଦାଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି। ବେଦବ୍ୟାସକୁ ଜିଲ୍ଲା ଘୋଷଣା କରାଗଲେ ଜିଲ୍ଲାର ସଦରମହକୁମା ବେଦବ୍ୟାସର/ ରାଉରକେଲା ଠାରେ ହେଲେ ନୂତନ ଜିଲ୍ଲାର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଓ ଉକ୍ତ ଅସୁବିଧାର ସମାଧାନ ଅତିସୁନ୍ଦର ଭାବରେ ଠିକ୍ ସମୟରେ ହୋଇପାରିବ। ଏଥିସହିତ ବେଦବ୍ୟାସ/ ରାଉରକେଲା ଭାରତର ଐତିହାସିକ ସହରର ସାଂସ୍କୃତିକ ଓ ଆଧାତ୍ମିକ ମହତ୍ତ୍ୱକୁ ଆହୁରି ବଢ଼ାଇବା ପାଇଁ ଯୋଗକେନ୍ଦ୍ର, ବୈଦିକ ସଂଗ୍ରହାଳୟ, ସଂସ୍କୃତ ଅଧ୍ୟୟନ କେନ୍ଦ୍ର ସହିତ ବୈଦିକ ପାଠାଗାର, ଗୁରୁକୁଳ ପୁନରୁଦ୍ଧାର, ମେଡିସିନାରୀ ଔଷଧ ଏବଂ ବୃକ୍ଷରୋପଣ ପର୍ଯ୍ୟଟନ ଅତିଥି ଭବନ (ଏସି/ନନ୍ ଏସି), ବେଗ ଭୋଜନାଳୟ, ସନ୍ଧ୍ୟା ଆରତୀ (ଗଙ୍ଗା ଶୈଳୀ): ଗଙ୍ଗାରେ ଆୟୋଜିତ ସନ୍ଧ୍ୟା ଆରତି ଭଳି ଏକ ପୂଜା ଉତ୍ସବ ଆୟୋଜନ , ବୈଦିକ ଶୈଳୀ ଅଡିଟୋରିୟମ, ପେରିଫେରାଲ ବେଦବ୍ୟାସ ମନ୍ଦିରର ସୌନ୍ଦର୍ଯ୍ୟକରଣ, ତ୍ରିବେଣୀ ନଦୀର ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର, ସତ୍ସଙ୍ଗ କେନ୍ଦ୍ର, ଆଲୋକ ଆଲୋକୀକରଣ, ପାର୍କିଂ ସୁବିଧା, ଆଶ୍ରମ ଏବଂ ମଠ/ବୃଦ୍ଧାଶ୍ରମ ପରିକଳ୍ପନା ଆଦି ଦାବିଗୁଡ଼ିକ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ପୂର୍ବରୁ ଏକ ଶ୍ରମିକ ସଂଗଠନ ଦ୍ୱାରା ଦାଖଲ କରାଯାଇଛି। ଭବିଷ୍ୟତରେ ଆମେ ରାଉରକେଲାକୁ କାଶୀ ବିଶ୍ୱନାଥ ଓ ପ୍ରୟାଗରାଜର ଶୈଳୀରେ କରିବାକୁ ଚାହୁଁଛୁ। ଏଠାରେ କାଶୀ ବିଶ୍ୱନାଥଙ୍କର ଅନେକ ସାମଞ୍ଜସ୍ୟ ରହିଛି ଏବଂ ଖୁବ୍‌ଶୀଘ୍ର ଐତିହ୍ୟ ସହର ମାନ୍ୟତା ଆଶା କରୁଛୁ। ଭବିଷ୍ୟତରେ ଏଥିପାଇଁ ଲଢ଼େଇ କରିବୁ ବୋଲି ହିନ୍ଦ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି,ଇଞ୍ଜିନିୟର ସୁପ୍ରତିକ ମିଶ୍ର, ଆଇନଜୀବୀ ଆର୍ତ୍ତ ମହାରଣା, ବରିଷ୍ଠ ବୁଦ୍ଧିଜୀବୀ ଶ୍ରମିକ ନେତା ପଶୁପତିନାଥ ଚାଟାର୍ଜୀ, ଆଇଏନ୍‌ଟିୟୁସିର ଜିଲ୍ଲା ସଭାପତି ଶ୍ରମିକନେତା ନିହାର ରଞ୍ଜନ ଦାସ, ଦେବେନ୍ଦ୍ରନାଥ ଆଚାର୍ଯ୍ୟ, ରାକେଶ ଚାନ୍ଦ, ମହେଶ୍ୱର ମହାପାତ୍ର, ଜଗବନ୍ଧୁ ଜେନା, ଉମେଶଚନ୍ଦ୍ର ମଲ୍ଲିକ, ଉମେଶ ଚନ୍ଦ୍ର ନାୟକ ,ପ୍ରତାପ ଦାସ ଭୋବନି ପ୍ରଧାନ ଓ ରାଉରକେଲାର ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ସାମିଲ୍ ହୋଇ ମତବ୍ୟକ୍ତ କରିଥିଲେ। ଏଥିସହିତ ଆଗାମୀ ଦିନରେ ବେଦବ୍ୟାସ ଜିଲ୍ଲା ଗଠନକୁ ଆଗକୁ କ୍ରିୟାଶୀଳ କରିବା ପାଇଁ ବେଦବ୍ୟାସ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତୁରନ୍ତ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ସୂଚନା ଦେଇଥିଲେ ।

## ରାଜ୍ୟପାଳ ପୁରସ୍କାର ପାଇଲେ ରାମ ନାରାୟଣ ଦାଶ

ବଲାଙ୍ଗୀର, (ହି.ସ.) – ଭୁବନେଶ୍ୱର ରାଜ ଭବନର ନୂଆ ଅଭିଷେକ ପ୍ରେକ୍ଷାଳୟରେ ଆୟୋଜିତ ରେଡକ୍ରସ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶାର ମହାମହିମ ରାଜ୍ୟପାଳ ତଥା ଭାରତୀୟ ରେଡକ୍ରସ ସୋସାଇଟି, ଓଡିଶା ରାଜ୍ୟ ଶାଖାର ସଭାପତି ଡ. ହରିବାବୁ କମ୍ଭମପାଟିଙ୍କ କରକମଳରେ ବଲାଙ୍ଗୀର ଜିଲ୍ଲାର ଡେଙ୍ଗ ହାଇସ୍କୁଲ ରେଡକ୍ରସ କାଉନସେଲର ରାମ ନାରାୟଣ ଦାଶ ରାଜ୍ୟର ସର୍ବଶ୍ରେଷ୍ଠ କାଉନସେଲର ଭାବେ ରାଜ୍ୟପାଳ ପୁରସ୍କାର ରେ ପୁରସ୍କୃତ ହୋଇଛନ୍ତି। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ, ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର, ଯୁବ ରେଡ଼କ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଓ କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସାଇଁ ପ୍ରମୁଖ ଉପସ୍ଥିତ ଥିଲେ। ରେଡ଼କ୍ରସ କର୍ମୀ ଭାବରେ ଶ୍ରୀ ଦାଶ ଦୀର୍ଘ ଦିନରୁ ରକ୍ତଦାନ, କରୋନା ସମୟରେ କାର୍ଯ୍ୟ, ବାହାନାଗା ଟ୍ରେନ ଦୁର୍ଘଟଣାରେ ସହାୟତା, ବୃକ୍ଷରୋପଣ, ସଡ଼କ ସୁରକ୍ଷା ଆଦି ବିଭିନ୍ନ ମାନବୀୟ କାର୍ଯ୍ୟ କରି ଆସୁଛନ୍ତି। କାର୍ଯ୍ୟକ୍ରମରେ ଓଡିଶାର ମହାମହିମ ରାଜ୍ୟପାଳ ଶ୍ରୀ ଦାଶଙ୍କୁ ସ୍ମାରକୀ, ପ୍ରଶଂସା ପତ୍ର ଦେବା ସହ ଅର୍ଥରାଶି ପ୍ରଦାନ କରିଥିଲେ। ପ୍ରକାଶଥାଉକି ପୂର୍ବରୁ ରାମ ନାରାୟଣ ଦାଶ ଓଡ଼ିଶାର ଏକମାତ୍ର ସରକାରୀ ସମାଜସେବୀ ଭାବରେ ଓଡ଼ିଶା ରାଜ୍ୟ ସରକାରଙ୍କ ଠାରୁ ସମ୍ମାନିତ ହୋଇଛନ୍ତି।

## ଜୟପୁରରେ ଝାମିଯାତ୍ରା

ଜୟପୁର, (ହି.ସ.): ଝାମିଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଛି ଜୟପୁର। ଝାମିଯାତ୍ରାରେ ସୀରଲୀ ଦେବୀଙ୍କୁ ପୂଜା କରାଯାଇଥାଏ । ଶିବ ରାତ୍ର ପରେ ଫାଲଗୁନ ମାସ ଶୁକ୍ଲପକ୍ଷ ନବମୀ ତିଥି ଅନୁଯାୟୀ ଶୁକ୍ରବାର ଝାମି ଦେବୀଙ୍କୁ ସ୍ଥାନୀୟ ବାଙ୍କମଠ ଠାରେ ଅସ୍ଥାୟୀ ରୂପେ ଏକ ମଣ୍ଡପ କରାଯାଇ ପୂଜା କରାଯାଇଛି। ପରମ୍ପରା ଅନୁଯାୟୀ, ଯାତ୍ରା ଠାରେ ବ୍ୟବସାୟୀ ମାନେ ଚଣା, ସାକରା, ମୁଢି ବିକ୍ରି କରିଥାନ୍ତି । ଶିବରାତ୍ର ଠାରୁ ଆରମ୍ଭ ହୋଇଥାଏ ଏହି ଯାତ୍ରାର ପ୍ରସ୍ତୁତି । ଶିବରାତ୍ର ଦିନ ଶିବ ମନ୍ଦିରରେ ଏକ ପୂଜା କରାଯାଇଥାଏ । ପରେ ଝାମି ଦେବୀଙ୍କ ଆଜ୍ଞାମାଳ ଅଣାଯାଇ ଗୋଟିଏ ବାଳକକୁ ହଳଦି ଲଗାଯାଇ ସାଜସଜ୍ଯା କରାଯାଇଥାଏ ଏବଂ ଏକ ଶୋଭାଯାତ୍ରାରେ ବାଜା ବଜାଇ ସହର ପରିକ୍ରମା କରାଯାଇଥାଏ । ବସନ୍ତ ଋତୁ ସରିବା ପରେ ବସନ୍ତ, ହାଡଫୁଟି, ମିଳିମିଳା, କାଛୁ, କୁଣ୍ଡିଆ ଭଳି ମାରାତ୍ମକ ରୋଗରୁ ମୁକ୍ତି ପାଇବା ପାଇଁ ରାଜ ରାଜୁଡା ଅମଳରୁ ଜୟପୁରରେ ପାଳିତ ହୋଇଆସୁଛି ଝାମିଯାତ୍ରା । ଲୋକଙ୍କ ବିଶ୍ୱାସ ଓ ପରମ୍ପରାକୁ ନେଇ ଏହି ଯାତ୍ରା ପାଳିତ ହୋଇ ଆସୁଅଛି । ଶୁକ୍ଲପକ୍ଷ ନବମୀରେ ଝାମିଦେବୀଙ୍କୁ ଗୋପବନ୍ଧୁ ନଗର ସ୍ଥିତ ପୁଜକଙ୍କ ଘରୁ ପୀଠରୁ ତାମ୍ପ ବାଜା ବଜାଇ ଅଣାଯାଇ ଅସ୍ଥାୟୀ ଭାବେ ସ୍ଥାପନ କରାଯାଇ ପୁଜାର୍ଚ୍ଚନା କରାଯାଏ । ମାନସିକ ରଖି ଭକ୍ତ ମାନେ ଫୁଲ ଝାଡୁ, କୁକୁଡା ଅଣ୍ଡା, ନଡିଆ, କଦଳୀ, ଫୁଲ ଦେବୀଙ୍କୁ ସମର୍ପଣ କରିଥାନ୍ତି । ରାଜରାଜୁଡା ଅମଳରୁ ଏହି ପରମ୍ପରା ଚାଲି ଆସୁଛି । ଏହି ପୂଜା ଦଶଦିନ ଧରି ଚାଲିଥାଏ । ଏହି ପୂଜା ପାଇଁ ବିଶେଷ କରି ତେଲୁଗୁ ସଂମ୍ପ୍ରଦାୟର ଲୋକ ବେସି ଆସୁଥିବା ବେଳେ ଅନ୍ୟ ସଂମ୍ପ୍ରଦାୟର ଲୋକଙ୍କ ଭିଡ ମଧ୍ୟ ଜମିଥାଏ । ଜୟପୁର, ବୈପାରିଗୁଡା, ବୋରିଗୁମ୍ମା, କୋଟପାଡ ସହ ନବରଙ୍ଗପୁର, ମାଲକାନଗିରି, କୋରାପୁଟ ସହ ବହୁ ସ୍ଥାନରୁ ଭକ୍ତ ମାନେ ଏହି ଯାତ୍ରା ଦେଖିବାକୁ ଆସନ୍ତି । ହାତରେ ନଡିଆ, କଦଳି, ଫୁଲ ସହ ଝାମି ଦେବିଙ୍କ ପାଖରେ ମନାସିକ ଥିବା ଲୋକମାନେ ନିଜ ଇଛାରେ ବହୁ ଉପହାର ମଧ୍ୟ ସେଠାରେ ଦାନ କରିଥାନ୍ତି । ପରେ ରାତ୍ର ୧୨ ଟାରେ ପରମ୍ପରା ଅନୁଯାୟୀ ଲାଲ ଘରକୁ ଯାଇ ଝାମି ଦେବି ଫେରିଥାନ୍ତି ପିଠକୁ । ପରମ୍ପରା ଅନୁଯାଇ ଏହି ଯାତ୍ରାରେ ଆଦିବାସୀ ମାନେ ମୁହା, ରାଶି ଖଜା, ସକରା ଆଦି ବିକ୍ରି ପାଇ ପସରା ମେଲାଇ ଥିବା ଲକ୍ଷ୍ୟ କରାଯାଇଛି ।

## ଦୁର୍ବୃତ୍ତ ଲଗାଇଲେ ନିଆଁ ଘର ଆଗରେ ଜଳିଗଲା ହାଇୱା

ରାଉରକେଲା,(ପିପିଏସ୍): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ାରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏଠାରେ ଘର ଆଗରେ ଠିଆ ହୋଇଥିବା ଏକ ହାଇୱାରେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଜଣାଯାଇଛି। ଗାଡ଼ିର ସମ୍ମୁଖ ଭାଗ ସଂପୂର୍ଣ୍ଣ ଜଳି ଯାଇଛି କ୍ଷ କିଏ ଓ କାହଁକି ନିଆଁ ଲଗାଇଲା ତାହା ସ୍ପଷ୍ଟ ହୋଇନି । ଲହୁଣୀପଡ଼ାରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏଠାରେ ଘର ଆଗରେ ଠିଆ ହୋଇଥିବା ଏକ ହାଇୱାରେ ବିଳମ୍ବିତ ରାତିରେ କେହି ଦୁର୍ବୃତ ନିଆଁ ଲଗାଇ ଦେଇଥିବା ଜଣାଯାଇଛିକ୍ଷ ଗାଡ଼ିର ସମ୍ମୁଖ ଭାଗ ସଂପୂର୍ଣ୍ଣ ଜଳି ଯାଇଛି । କିଏ ଓ କାହଁକି ନିଆଁ ଲଗାଇଲା ତାହା ସ୍ପଷ୍ଟ ହୋଇନିକ୍ଷ ଘଟଣା ସଂପର୍କରେ ଖବର ପାଇ ଲହୁଣୀପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି । ଘଟଣା ସଂପର୍କରେ ଖବରପାଇ ଲହୁଣୀପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି । ଏଣେ ଏହି ଘଟଣା ସ୍ଥାନୀୟ ଅଚଂଳରେ କୋକୁଆ ଭୟ ସୃଷ୍ଟି କରିଛି ।

## ନିରାଶ୍ରୟା ଲକ୍ଷ୍ମୀଙ୍କୁ ମିଳିଲା ଆଶ୍ରୟ

ବଲାଙ୍ଗିର, (ହି.ସ.)- ବଲାଙ୍ଗିର ସହରାଚଂଳ ସ୍ଥିତ ରାଧାରାଣୀ ପଡାର ଲକ୍ଷ୍ମୀ ବଗର୍ତି ଓରଫ୍ ଲକ୍ଷ୍ମୀ ଭୁଏ ଦୀର୍ଘ ୩ ବର୍ଷ ହେଲା ସ୍ୱାମୀ ପରିତ୍ୟକ୍ତା ହୋଇ ବହୁତ ଦୁଃଖରେ ସୁଦପଡା ଠାରେ ଜୀବନ କାଟୁଥିଲେ । ଶେଷରେ ସମାଜସେବୀ ତଥା ଓ.ବି.ଏମ୍ ସଭାପତି (୨), ଇଂଟରନେସନାଲ ହ୍ୟୁମେନ୍ ରାଇଟ୍ ଫୋରମ ର ଜଏଂଟ ସେକ୍ରେଟରୀ ଜିତେନ୍ଦ୍ର କୁମାର ତ୍ରିପାଠିଙ୍କ ସହାୟତାରେ ସାଲେପାଲି ସ୍ଥିତ ବୟୋଜ୍ୟେଷ୍ଠ ନାଗରିକ ଆବାସରେ ରହିବା ପାଇଁ ସୁଯୋଗ ପାଇଲେ । ଏଥିରେ ଅଫିସର ତଥା ରମାକାନ୍ତ ସାହୁ ମଧ୍ୟ ସହଯୋଗ କରିଥିଲେ ।

## ଜୟପୁରରେ ପହଁଚିଲା ପ୍ରକୃତି ସୁରକ୍ଷା ପଦଯାତ୍ରା

ଜୟପୁର, (ହି.ସ.) - ମାଲକାନଗିରି ଠାରୁ ବାହାରିଥିବା ପ୍ରକୃତି ସୁରକ୍ଷା ପଦଯାତ୍ରା ଆଜି ଜୟପୁର ଠାରେ ପହଁଚିଛି। ରାଷ୍ଟ୍ରୀୟ ସ୍ତରର ସମାଜସେବୀ ତଥା ଗାନ୍ଧୀବାଦି ପ୍ରକୃତି ରକ୍ଷକ ଚିତରଞ୍ଜନ ଷଡଙ୍ଗୀଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଛି। ରାୟଗଡାର ବଳରାମ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ରନାଥ ଥାଟୋଇ, ଓଡିଶା ସ୍ୱାସ୍ଥ୍ୟ ସେବା ସମିତି ଉପସଭାପତି ସ୍ମୃତି ଶେଖର ସାହୁ, ମହାରାଷ୍ଟ୍ରରୁ ଆସିଥିବା ନେହାଲ ଗାନ୍ଧୀ, ଜଗଦୀଶ ଚାଣ୍ଡକ, ସନ୍ଦିପ ଚାଟେ, ସୂର୍ଯ୍ୟପ୍ରଧାନ,ସାମାଜିକ କାର୍ଯ୍ୟକର୍ତା ପୁରୀ, ନିଳକଣ୍ଠ ବୈଦ୍ୟ ସଂଘ ମାଲକାନଗିରି ତଥା ରାୟଗଡା, କୋରାପୁଟ ଜିଲ୍ଲାର ବିଭିନ୍ନ ଗାଁର ପ୍ରକୃତି ସଂଘରକ୍ଷକ ଆଦିବାସୀ ଯୁବକ ଯୁବତୀ ମାନେ ଏହି ପଦଯାତ୍ରାରେ ଭାଗ ନେଇଥିଲେ। ଏହି ପଦଯାତ୍ରା ମାର୍ଚ୍ଚ ମାସ ୧ ତାରିଖରୁ ମାଲକାନଗିରି ରୁ ବାହାରି ଆଜି ଜୟପୁର ଠାରେ ପହଁଚିଛି। ଏମିତି ଦିନକୁ ୧୫ କିଲୋମିଟର ହିସାବରେ ୪୪ ଦିନରେ ୬୭୦ କିଲୋମିଟ ଅତିକ୍ରମ କରି ଏପ୍ରିଲ ୧୨ ରେ ପୁରୀରେ ପହଂଚି୧୪ ତାରିଖରେ ହେବାକୁ ଥିବା ଜାତୀୟ ସମ୍ମିଳନୀରେ ଯୋଗ ଦେବେ। ଆଜି ଟାଙ୍କୁଆ ଠାରୁ ସମାଜସେବୀ କୃଷ୍ଣ କେଶବ ଷଡଙ୍ଗୀ ଓ ଅମୁଲ୍ୟ ପାଣିଗ୍ରାହୀ, ଜଗଦୀଶ ପାଣିଗ୍ରାହୀଙ୍କ ସମେତ ଟାଙ୍କୁଆ ବିଦ୍ୟାଳୟର ଶିକ୍ଷୟତ୍ରୀ ମାନେ ସ୍ୱାଗତ ଜଣାଇଥିଲେ। ଆଜି ବାମୁଣିଗାଁ ବନବିଭାଗ ଆଶ୍ରୟ ସ୍ଥଳରେ ରାତ୍ରୀ ଯାପନ କରିବା ପରେ ପୁଣି ଆସନ୍ତା କାଲି ସକାଳ ୫ଟାରେ ପୁରୀ ଅଭିମୁଖେ ବାହାରିବେ।

## ମଦ ନୁହେଁ, ପାଣି ଦରକାର

**ଅନ୍ତର୍ଜାତୀୟ ମହିଳା ଦିବସ**

ଦାରିଙ୍ଗବାଡ଼ି : କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସାରିଙ୍ଗିଇର୍ପି ପଡ଼ିଆଠାରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନାରୀ ମହାସଙ୍ଗର ସଭାନେତ୍ରୀ ଲୁସିମା ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟଙ୍କ ସମେତ ଆଇନଜୀବୀ ବିଜୟ ପଟ୍ଟନାୟକ, ବରିଷ୍ଠ ନାରୀନେତ୍ରୀ ବିଶାଖା ଭଞ୍ଜ, ଆଇନାର ସମ୍ପାଦିକା ସ୍ନେହ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ମହିଳାଙ୍କୁ ମହିଳା ଦିବସର ଉଦ୍ଦେଶ୍ୟ, ଗୁରୁତ୍ୱ ସହ ମହିଳା ହିଂସା ରୋକିବା ଦିଗରେ ପଦକ୍ଷେପ ସହ ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଅଞ୍ଚଳର ହଜାର ସଂଖ୍ୟାରେ ମହିଳାମାନେ ପହଞ୍ଚି ନିଜ ନାମ ପଞ୍ଜୀକୃତ କରାଇଥିଲେ। ପରେ ସେମାନଙ୍କ ଦ୍ୱାରା ଏହି ଦିବସ ଧୂମଧାମ୍‌ରେ ପାଳନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ନୃତ୍ୟ ସଙ୍ଗୀତ, ଏକକ ଅଭିନୟ ପ୍ରଦର୍ଶନ କରିଥିଲେ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଶ୍ରୀଅନ୍ନ ଯୋଜନାରେ କରାଯାଉଥିବା କ୍ଷୁଦ୍ରଦାନ ଶସ୍ୟରେ ପ୍ରସ୍ତୁତି ମାଣ୍ଡିଆ, ଜନ୍ହା, କୁଏରି, କାଙ୍ଗୁ ଆଦିରେ ପ୍ରସ୍ତୁତି ଖାଦ୍ୟ ପ୍ରଦର୍ଶନ କରାଯିବ ସହ ପନିପରିବା, ଜୈବିକ ପଦ୍ଧତିରେ ଅମଳ କରାଯାଇଥିବା ହଳଦୀ, ଷ୍ଟ୍ରବେରୀ ଆଦି ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସଭା ଓ ଶୋଭାଯାତ୍ରାର ଆୟୋଜନ କରାଯାଇ ମହିଳାମାନେ ତାଙ୍କୁ ମଦ ନାହିଁ ପାଣି ଦରକାର ବୋଲି ଦାବି କରିଥିଲେ। ସମସ୍ତେ ହାତରେ ପ୍ଲାକାର୍ଡ ଧରି ପ୍ରତିବାଦ କରିବା ସହ ବେଟି ବଞ୍ଚାଅ ବେଟି ପଢ଼ାଅ, ଶିକ୍ଷିତ ନାରୀ ଦେଶର ଶିରି ବୋଲି କହିବା ସହ ଏକାକୀ ନାରୀଙ୍କୁ ଘର ଯୋଗାଇଦେବା ଆଦି ଦାବି କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୩ ଜଣ ମହିଳା ତଥା ସଟାବୁଢ଼ି ପ୍ରଧାନ, ଗଡ଼ପାକାଲି ବିଦ୍ୟାଳୟର ଶିକ୍ଷୟିତ୍ରୀ ନୀତିମା ପ୍ରଧାନ, ଆଶା ଦିଦି ଅନୁପମା ପ୍ରଧାନ,ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଞ୍ଜନା ଦିଗାଲ, ଅଙ୍ଗନୱାଡ଼ି କର୍ମୀ ଲକ୍ଷ୍ମୀ ବେହେରା, ଡାଇନା ବେହେରା ମାଝୀ, କ୍ଷୁଦ୍ରଦାନା ଚାଷୀ ନିବେଦିତା ଦିଗାଲ, ଜନିମା ପ୍ରଧାନ, ମହିଳା ଉଦ୍ୟୋଗୀ ପ୍ରେମନ୍ତି ପ୍ରଧାନ, ଜଙ୍ଗଲ ସୁରକ୍ଷା ଦିଗରେ ବାସନ୍ତି ପ୍ରଧାନ, ସମିତା ପ୍ରଧାନ, ଇନ୍ଦ୍ରଗଡ଼ ସ୍ୱାସ୍ଥ୍ୟକର୍ମୀ ସାରଳା କହଁର ଏବଂ ଛେଳି ଚାଷୀ ରେବନ୍ତି ପ୍ରଧାନ ପ୍ରମୁଖଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଛି। ପୋଲିସ ସବ୍‌ଇନ୍ସପେକ୍ଟର ଲକ୍ଷ୍ମୀ ମାଝୀ ମଧ୍ୟ ଯୋଗଦାନ କରିଛନ୍ତି।

## ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅନଶନ

ସୁବର୍ଣ୍ଣପୁର, (ହି.ସ.): ସୁବର୍ଣ୍ଣପୁରର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ର ନେତୃତ୍ୱରେ ସୋନପୁର ବ୍ଲକ୍ ଛକ ରେ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତି ପୁଣି ସ୍ଥାପନ ପାଇଁ ଅନଶନ ଧାରଣା ଆରମ୍ଭ ହୋଇଛି । ୨୦୨୧ ମସିହା ଫେବୃଆରୀ ମାସ ୫ ରେ ରାସ୍ତା ସମ୍ପ୍ରସାରଣ ବେଳେ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତି ବ୍ଲକ୍ ଛକ ରୁ ହଟାଇ ଦିଆଯାଇଥିଲା। ଏହି ପ୍ରତିମୂର୍ତି ବ୍ଲକ୍ ଛକ ର ଶୋଭା ବର୍ଦ୍ଧନ କରୁଥିଲା ତା ସହ ସୋନପୁର ରେ ଭୀମଭୋଇ ଙ୍କ ଅବଦାନ ଲୋକଙ୍କ ମାନସ ପଟ ରେ ଉଜ୍ଜୀବିତ କରୁଥିଲା । ପ୍ରାୟ ଚାରି ବର୍ଷ ବିତିଯାଇଥିଲେ ମଧ୍ୟ ବ୍ଲକ୍ ଛକ ରେ ଭୀମଭୋଇଙ୍କ ପ୍ରତିମୂର୍ତି ସ୍ଥାପନ ନ ହେବାରୁ ଗଣ ଆନ୍ଦୋଳନ ରୂପ ନେବାକୁ ବସିଲାଣି । ଆଜିର ଏହି ଧାରଣା ରେ ପତଞ୍ଜଳି ଯୋଗ ସମିତି, ଜଗନ୍ନାଥ ମହୋତ୍ସବ କମିଟି, ଜୟଗୁରୁ ଅନୁଷ୍ଠାନ, ମାରୱାଡ଼ି ମହିଳା ମଂଚ, ନାଟ୍ୟଚକ୍ର, ମହାନଦୀ ସାହିତ୍ୟ ସଂସଦ, ଆର୍ଯ୍ୟ ସମାଜ, ଜିଲ୍ଲା ସାମ୍ବାଦିକ ସଂଘ, ଜିଲ୍ଲା ଓକିଲ ସଂଘ, ତପସ୍ୱିନୀ ଅନୁଷ୍ଠାନର ସଦସ୍ୟ ବୃନ୍ଦ ଏହି ଧାରଣାରେ ସାମିଲ ଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସଙ୍ଗଠନରୁ ମୀନା ମହରଣା, ଶ୍ୟାମା ଓଁ ପ୍ରସାଦ ମିଶ୍ର, ନାଟ୍ୟ ଶ୍ରୀ ଗଦାଧର ବାରିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁନନ୍ଦା ସାହୁ, ମଞ୍ଜୁ ମିଶ୍ର, ଦିଲ୍ଲୀପ ରଥ, ବ୍ରଜ ମୋହନ ଦାନୀ, ଭଗବତୀ ରାୟଗୁରୁ, ବଳ ଦେବ ପ୍ରସାଦ ବେଦବାକ୍, ଆରତୀ ଖମାରୀ, ବାସନ୍ତୀ ପାତ୍ର, ପୁଷ୍ପା ମେହେର, କଳ୍ପନା ମେହେର, ଗୀତା ବହିଦାର, ବୈକୁଣ୍ଠ ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। ସତ୍ୟ ମହିମାଧର୍ମ ଶାସିନୀ ମହାସଂଘ ଭୀମଭୋଇ ସମାଧି ପୀଠ ଖଲିଆପାଲି ସଭାପତି ଦୁର୍ଗା ଚରଣ କଲତା ଓ ସୋନପୁର ମହିମା ମଠ ସଭାପତି ଗୋପାଲ ବାଘ୍ ମଧ୍ୟ ଏହି ଅନଶନ ଓ ଧାରଣାରେ ବସିଥିଲେ। ଦୀର୍ଘ ବର୍ଷ ହେବ ଭୀମଭୋଇଙ୍କ ପ୍ରତିମୂର୍ତି ବ୍ଲକ୍ ଛକରୁ ସ୍ଥାନୀୟ ପ୍ରଶାସନ ହଟେଇ ଦେଇ ଅଳିଆ ଗଦା ରେ ରଖି ଦେଇଥିବା କହି କ୍ଷୋଭ ପ୍ରକାଶ କରିଛନ୍ତି ଓ ଯଥାଶୀଘ୍ର ବ୍ଲକ୍ ଛକ ରେ ଭୀମଭୋଇଙ୍କ ପ୍ରତିମୂର୍ତି ସ୍ଥାପନ ପାଇଁ ଗଣ ମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ସନ୍ଥକବି ଭୀମଭୋଇ ସ୍ମୃତି ଟ୍ରଷ୍ଟର ସଭାପତି ଗୋରେଖ ନାଥ ସାହୁ।

## ଘିଉରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଜୟପୁର, (ହି.ସ.)- ଜୟପୁର ବ୍ଲକ ଫାମ୍ପୁଣୀ କ୍ଲଷ୍ଟରର ଘିଉରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜୟପୁର ପଂଚାୟତ ସମିତିର ସମିତି ସଭ୍ୟ ବିଶ୍ୱନାଥ ଗୌଡ଼ ଯୋଗ ଦେଇଥିବା ବେଳେ ଅବସର ପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଜୟପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାସ, କୋଷାଧକ୍ଷ ପୁରନ୍ଧର ନାୟକ, ସୁକାନ୍ତ କୁମାର ସାହୁ, ଯୁବନେତା ପପୁନ ଗୌଡ଼, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷୀ ଗୌଡ଼, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ଦେବୀ, ଆଂଚଳିକ ସାଧନ କର୍ମୀ ଜ୍ୟୋତି ଶଙ୍କର ତ୍ରିପାଠୀ, ମଧୁସ୍ମିତା ମିଶ୍ର, ସମାଜସେବୀ ପଦ୍ମିନୀ କୃତିବାସ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ କ୍ଷ ଅଜିତ କୁମାର ଶତପଥୀ ସଭାରେ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ମନୋରଞ୍ଜନ ପଲାଇ ବାର୍ଷିକ ବିବରଣୀ ପଠନ କରିଥିଲେ । ଚଳିତ ଶିକ୍ଷା ବର୍ଷ ୨୦୨୪-୨୫ ରେ ସରକାରୀ କାର୍ଯ୍ୟକ୍ରମକୁ ସୁଚାର ରୂପେ ସମ୍ପାଦନା କରାଯିବା ସହ ଆସନ୍ତା ଶିକ୍ଷାବର୍ଷ ୨୦୨୫-୨୬ ରେ ବିଦ୍ୟାଳୟ ରେ ଆହୁରି କିପରି ଭାବେ ଉପସ୍ଥାନ ବୃଦ୍ଧି ସହ ଡ୍ରପ ଆଉଟ ହାରକୁ ନିୟନ୍ତ୍ରଣ କରାଯାଇ ପାରିବ ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଅଭିବ୍ୟକ୍ତି ରଖିଥିଲେ କ୍ଷ ଶେଷରେ ଚଳିତ ବର୍ଷ ବାର୍ଷିକ କ୍ରୀଡାରେ କୃତିକାର୍ଯ୍ୟ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚକ୍ରଧର ସାହୁ, ନିତୁ ପଣ୍ଡା, ଗୁପ୍ତ ପଟ୍ଟନାୟକ, ଚନ୍ଦ୍ରଶେଖର ପାଣ୍ଡି, ମିନତୀ ପାଢ଼ୀଙ୍କ ସମେତ ସମସ୍ତ ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




ସୁନ୍ଦରଗଡ଼,(ପିପିଏସ୍): ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପରିଷଦ ର ଅଧ୍ୟକ୍ଷା ଶୀମତୀ ତନୟା ମିଶ୍ର, ଜିଲ୍ଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଡକ୍ଟର ରିନତୀ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଶିଷ୍ଟ ସମାଜସେବୀ ସ୍ନେହଲତାପଟେଲ ଯୋଗଦେଇଥିଲେ। ମହିଳାମାନେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଆଗଭର । ପ୍ରତ୍ୟେକ କ୍ଷେତ୍ର ରେ ସେମାନେ ନିଜର ପାରଦର୍ଶିତା ପ୍ରତିପାଦନ କରି ପାରିଛନ୍ତି। ମହିଳା ନିଜେ ଶସକ୍ତ ହେବା ସହିତ ସମଗ୍ର ପରିବାରକୁ ମଧ୍ୟ ଶସକ୍ତ କରିବାରେ ସହାୟକ ହେଉଛନ୍ତି। ସେହିପରି ବିଭିନ୍ନ ସମୟ ରେ ମହିଳା ମାନଂକ କ୍ଷେତ୍ର ରେ ହେଉଥିବା ବିଭିନ୍ନ ପ୍ରକାରର ନିର୍ଯାତନା ଆଦି ର ଦୂରୀକରଣ ଉପରେ କାର୍ଯ୍ୟକ୍ରମ ରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସର ରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତା ରେ ବିଜୟୀ ହୋଇ ଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସବଡେଗା ବ୍ଲକ ର ସିଡିପିଓ ସଂଧ୍ୟା ରାଣୀ ନାୟକ ଙ୍କୁ ବେଷ୍ଟ ସି ଡି ପି ଓ ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମସ୍ତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଗୁଡିକ ସୂଚାରୁରୂପେ ଓ ସଫଳତାର ସହ ଆୟୋଜିତ କରିଆସୁଥିବା ଶ୍ରୀମତୀ ମୀନାକ୍ଷୀ ପ୍ରଧାନ ଜିଲ୍ଲା ସଂଯୋଜିକା ଙ୍କୁ ପ୍ରଶାସନ ପକ୍ଷରୁ ଇରସ୍ପଣ୍ଣ ଙକ୍ସଶବଭସଛରକ୍ସ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟସ୍ତରୀୟ ଅର୍ଦ୍ଧିକା ସମରୋହ ରେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇ ଜିଲ୍ଲା କୁ ଯଶସ୍ୱୀ କରିଥିବା ସବଡେଗା ବ୍ଲକ ର ଦିନେଶ ଟପ୍ପୋ ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ କୁ ସୁଶିଳା ରଥ ସୁରକ୍ଷା ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ। ଶେଷ ରେ ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କନକଲତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ନନ୍ଦ ଲାଲ ନାଏକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରିବନ୍ତ ଜେନା, ସମସ୍ତ ସିଡିପିଓ, ଅଙ୍ଗନୱାଡ଼ି କର୍ମୀ, ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ପରେ ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

*ଭୋଟ ପାଇଯାଇ ମନ୍ତ୍ରୀ ହୋଇଗଲେ ଲୋକଶାସନ ହୁଏନାହିଁ । ଶାସନର ପ୍ରତି କ୍ଷେତ୍ରରେ କଅଣ ହେଉଛି ଓ କେଉଁଠି କଅଣ ହେବା ଉଚିତ ସେ ବିଷୟରେ ମତ ଦେବା, ଏ ସବୁ ଲୋକଶାସନ ପାଇଁ ଅତି ଦରକାରୀ ।*

**(ଗାଁ ମଜଲିସ, ୧ମ ଖଣ୍ଡ, ପୃଷ୍ଠା-୧୯୭)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୯।୦୩।୨୦୨୫ ■ ରବିବାର

# ପୋଲିସଙ୍କ କାର୍ଯ୍ୟନିର୍ଘଣ୍ଟ

ପୋଲିସ୍ କର୍ମଚାରୀମାନଙ୍କର କାମ କରିବାର ନିର୍ଘଣ୍ଟ ସ୍ଥିର କରିବା ପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନର ବିଚାର ପାଇଁ ଗୃହୀତ ହୋଇଛି । ସେ ଆବେଦନରେ କୁହାଯାଇଛି ଯେ ପୋଲିସ କର୍ମଚାରୀଙ୍କୁ ସାପ୍ତାହିକ ଅବକାଶ ଦିଆଯିବା ସୁନିଶ୍ଚିତ ହେବା ଦରକାର । ଆମ ଦେଶରେ ପୋଲିସ ଉପରେ କାମର ବୋଝ ବଢ଼ିଚାଲିଛି । ସମୟ ସହିତ ସେମାନଙ୍କର ଦାୟିତ୍ୱ ମଧ୍ୟ ବଢ଼ିବାରେ ଲାଗିଛି । କିନ୍ତୁ ସେମାନଙ୍କୁ ବାଞ୍ଛିତ ସୁବିଧା ଓ ସଂସାଧନ ମିଳୁନାହିଁ । ସାଧାରଣତଃ ପୋଲିସଙ୍କର କାର୍ଯ୍ୟନିର୍ଘଣ୍ଟ ସ୍ଥିର ନଥାଏ । ସେମାନଙ୍କୁ ଦୀର୍ଘସମୟ ଡିଉଟିରେ ରହିବାକୁ ପଡ଼ିଥାଏ । ସାପ୍ତାହିକ ଅବାକଶ ମଧ୍ୟ ସେମାନଙ୍କୁ ବହୁ କଷ୍ଟରେ ମିଳିଥାଏ । ଆମ ଦେଶରେ ପୋଲିସ କର୍ମଚାରୀ ଯେତେ କାମ ହାରାହାରି ତିନି ଚାରି ଦିନରେ କରିଥାଆନ୍ତି, ସେତିକି କାମ ପାଶ୍ଚାତ୍ୟ ଦେଶମାନଙ୍କରେ ଏକ ସପ୍ତାହରେ କରିଥାଆନ୍ତି । ଏହାର ଏକ ବଡ଼ କାରଣ ହେଉଛି ଦେଶର ପୋଲିସ୍ ସଂଖ୍ୟା ଅନେକ କମ୍ । ଅଧିକାଂଶ ରାଜ୍ୟରେ ବହୁ ସଂଖ୍ୟାରେ ପୋଲିସ୍ କର୍ମଚାରୀ ପଦବୀ ରିକ୍ତ ଅଛି । ରାଜ୍ୟ ସରକାରମାନେ ସମୟାନୁସାରେ ରିକ୍ତ ପଦଗୁଡ଼ିକୁ ଭରିବାରେ ତତ୍ପରତା ପ୍ରଦର୍ଶନ କରୁ ନାହାନ୍ତି । ଏଇ କାରଣରୁ କିଛି ସମୟ ପୂର୍ବେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ସବୁ ରାଜ୍ୟ ପ୍ରାଥମିକତା ଆଧାରରେ ରିକ୍ତ ପଦକୁ ଭରଣା କରନ୍ତୁ ।

ଅବଶ୍ୟ ଟେକ୍ନୋଲୋଜିର ଉପଯୋଗ ଦ୍ୱାରା ପୋଲିସର କାର୍ଯ୍ୟ ଅନେକ ସହଜ ହୋଇଗଲାଣି । କିନ୍ତୁ ସର୍ବସାଧାରଣସ୍ଥଳମାନଙ୍କରେ ପୋଲିସ୍‌ଙ୍କ ମୁତୟନର କୌଣସି ବିକଳ୍ପ ଏଯାଏ ସୃଷ୍ଟି ହୋଇପାରି ନାହିଁ । ଜାତିସଂଘ ପକ୍ଷରୁ କୁହାଯାଇଛି ଯେ ପ୍ରତି ଲକ୍ଷେ ଲୋକଙ୍କ ପାଇଁ ଅତିକମ୍‌ରେ ୨୨୨ ପୋଲିସ୍ କର୍ମଚାରୀ ହେବା ଆବଶ୍ୟକ, କିନ୍ତୁ ଆମ ଦେଶର ଅଧିକାଂଶ ରାଜ୍ୟମାନଙ୍କରେ ପ୍ରତି ଲକ୍ଷେ ଲୋକସଂଖ୍ୟାରେ ଏହାର ଅଧାରୁ କମ୍ ପୋଲିସ୍ କର୍ମଚାରୀ ବି ନାହାନ୍ତି । ଏହାର ଖରାପ ପ୍ରଭାବ କେବଳ ପୋଲିସ କର୍ମଚାରୀଙ୍କ କାମ ଓ ସେମାନଙ୍କର ଶାରୀରିକ-ମାନସିକ ସ୍ୱାସ୍ଥ୍ୟ ଉପରେ ହିଁ ନୁହେଁ, ବରଂ ଆଇନକାନୁନ ବ୍ୟବସ୍ଥା ଉପରେ ମଧ୍ୟ ପଡୁଛି । ପୋଲିସ୍ ଉପରେ କାମର ବୋଝକୁ କମ୍ କେବଳ କରାଯିବ ତା' ନୁହେଁ ବରଂ ଏକଥା ମଧ୍ୟ ଦେଖିବାକୁ ହେବ ଯେପରି ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ସଂସାଧନ ଉପଲବ୍ଧ ହେବ । ଏହା ନ କଲେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଉନ୍ନତ କରାଯାଇ ପାରିବ ନାହିଁ । ଦେଶର ସମ୍ମୁଚିତ ବିକାଶ ଲାଗି ଆବଶ୍ୟକ ହେଉଛି ଆଇନ ଶୃଙ୍ଖଳା ବ୍ୟବସ୍ଥା ଲୋକଙ୍କ ଆଶାନୁରୂପ ଢଙ୍ଗରେ ରହୁ । ତାହା ପ୍ରତି ଏବେକାର ସରକାର ଧ୍ୟାନ ଦେଉଥିବା ପ୍ରଣିଧାନଯୋଗ୍ୟ ।

ରାଜ୍ୟମାନଙ୍କରେ ଏକ ନୂତନ ମଡେଲ ଥାନା ଖୋଲାଯାଉଛି । ଓଡ଼ିଶାରେ ଶୁକ୍ରବାର ଦିନ ଏକକାଳୀନ ୧୪ଟି ଥାନାର ନୂଆ କୋଠା ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏଥିରେ ଅତ୍ୟାଧୁନିକ ଉପକରଣ ସବୁ ଖଞ୍ଜା ଯାଇଛି । ମହିଳାଙ୍କ ଅପେକ୍ଷାଗୃହ ମଧ୍ୟ ଥାନାମାନଙ୍କର ଅଂଶବିଶେଷ ହୋଇଛି । ତେବେ ପୋଲିସ୍ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ନିହାତି ଆବଶ୍ୟକ । ପୋଲିସଙ୍କ କାର୍ଯ୍ୟନିର୍ଘଣ୍ଟ ସ୍ଥିର କରିବା ଓ ସେମାନଙ୍କୁ ଆବଶ୍ୟକ ସଂସାଧନ ଉପଲବ୍ଧ କରାଇବା ସହ ଏକ ଜରୁରୀ କାମ ହେଉଛି ସେମାନଙ୍କର କାର୍ଯ୍ୟପ୍ରଣାଳୀ ଓ ମାନସିକତାର ପରିବର୍ତ୍ତନ ହେବା ଦରକାର । ଆମ ଦେଶରେ ପୋଲିସର ଛବି ଆଦୌ ଜନହିତୈଷୀ ନୁହେଁ । ଏହାର ପ୍ରମୁଖ କାରଣ ହେଉଛି ପୋଲିସରେ ବ୍ୟାପ୍ତ ଦୁର୍ନୀତି । କେତେକ ପୋଲିସ କର୍ମଚାରୀ ତ ପୋଲିସ ଚାକିରିକୁ ଉପୁରୀ ରୋଜଗାରର ସହଜ ଉପାୟ ଭାବେ ମାନନ୍ତି । ଭାରତୀୟ ପୋଲିସର ଏକ ବଡ଼ ସମସ୍ୟା ହେଉଛ ସେମାନଙ୍କୁ ରାଜନୈତିକ ଚାପ ମଧ୍ୟରେ କାମ କରିବାକୁ ପଡ଼ିଥାଏ । ବିଡ଼ମ୍ବନାର ବିଷୟ ହେଉଛି ନା କେନ୍ଦ୍ର ନା ରାଜ୍ୟ ସରକାର ପୋଲିସ ସଂସ୍କାରକୁ ନେଇ ଗମ୍ଭୀର ହେଉଛନ୍ତି । ❒❒

## ସ୍ୱତନ୍ତ୍ର ପ୍ରଦେଶ ଗଠନର ବିନ୍ଧାଣୀ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣି ଥିଲେ ଗଞ୍ଜାମର ବିଶ୍ୱନାଥ ଦାସ। ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ସରକାରୀ ଚାକିରି ପ୍ରତି ତାଙ୍କର ମୋହ ନଥିଲା। ସେ ଥିଲେ ଅତ୍ୟନ୍ତ ସ୍ୱାଧୀନଚେତା ମଣିଷ। ମଧୁବାବୁଙ୍କ ବଳିଷ୍ଠ ନେତୃତ୍ୱ ଓ ଦେଶପ୍ରୀତି ଏବଂ ଗୋପବନ୍ଧୁଙ୍କ ଜନସେବା ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା। ଆଇନ ବ୍ୟବସାୟ ଛାଡ଼ି କଂଗ୍ରେସ ଆନ୍ଦୋଳନରେ ସାମିଲ ହୋଇଥିଲେ। ଇଂରେଜ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହି ଦଣ୍ଡ ଭୋଗିଥିଲେ। ସେ ଥିଲେ ଓଡ଼ିଶାର ଦ୍ୱିତୀୟ ପ୍ରଧାନମନ୍ତ୍ରୀ। ଦାୟିତ୍ୱରେ ଥିବା ବେଳେ ଇଂରେଜ ସରକାରଙ୍କ ଅନ୍ୟାୟ ହସ୍ତକ୍ଷେପର ପ୍ରତିବାଦ କରୁଥିଲେ। ଦୁର୍ନୀତିକୁ ପ୍ରଶ୍ରୟ ଦେଉ ନଥିଲେ। ଜଣେ ଦକ୍ଷ ପ୍ରଶାସକ ହେବାର ଗୌରବ ଅର୍ଜନ କରିଥିଲେ। ଓଡ଼ିଶାରେ ମୌଳିକ ଶିକ୍ଷାର ପ୍ରବର୍ତ୍ତନ କରାଇଥିଲେ। କୃଷକ ଆନ୍ଦୋଳନକୁ ସେ ଉତ୍ସାହିତ କରିଥିଲେ।

୧୯୬୨ରେ ସେ ଉତ୍ତର ପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ। ସେ ଦ୍ୱିତୀୟ ଓଡ଼ିଆ ରାଜ୍ୟପାଳ। ତାଙ୍କର ରାଜ୍ୟପାଳ ଦାୟିତ୍ୱ ସମ୍ପର୍କରେ ସେ ସମୟରେ ତାଙ୍କ ନିରାଡ଼ମ୍ବର ଜୀବନ ଶୈଳୀ ଓ ସାଧାରଣ ଲୋକଙ୍କ ସହିତ ସାକ୍ଷାତକରି ସେମାନଙ୍କ ସହିତ ସୁଖଦୁଃଖ କଥା ହେବା ବଡ଼ ଚର୍ଚ୍ଚାର ପ୍ରସଙ୍ଗ ହୋଇଥିଲା। ୧୯୭୧ ନିର୍ବାଚନରେ ରାଜ୍ୟ ବିଧାନସଭାରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା। ମିଳିତ ମନ୍ତ୍ରୀମଣ୍ଡଳର ନେତୃତ୍ୱ ନେବା ପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲା। ନିର୍ବାଚନ ନ ଲଢ଼ି ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିଶ୍ୱନାଥ ଥିଲେ ଖାଣ୍ଟି ସ୍ୱଦେଶୀ। ଖଦି ପିନ୍ଧୁଥିଲେ। ଉନ୍ନତ ଆଦର୍ଶ, ଶୁଦ୍ଧ ଚିନ୍ତା ଚେତନା, ବୁଦ୍ଧି ଓ ବିଚକ୍ଷଣତାର ପରିଚୟ ଦେଇଥିଲେ। ତାଙ୍କର ଏକ ସ୍ୱତନ୍ତ୍ରତା ଥିଲା ଅତି ସାଧାରଣ ଓଡ଼ିଆ ଜୀବନ ଶୈଳୀ, ଖାଦ୍ୟରୁଚି ଏବଂ ସର୍ବୋପରି ସେ ଜଣେ ବନ୍ଧୁବତ୍ସଳ ଥିଲେ। ୧୮୮୯ ମାର୍ଚ୍ଚ ଆଜିର ଦିନରେ ପୋଲସରା ନିକଟବର୍ତ୍ତୀ ବେଲଗାଁରେ ଜନ୍ମ ହୋଇଥିଲେ ରାଜନେତା ବିଶ୍ୱନାଥ ଦାସ।

ବାଦଲ ଭୂୟାଁ
ପୁରୁଣା ସୋନାରୀ, ଜାମସେଦପୁର

# ଅଭିବ୍ୟକ୍ତିର ସ୍ୱାଧୀନତା

**ଧ୍ୱନିପ୍ରତିଧ୍ୱନି**

**ଭର୍ତ୍ତୃହରି ମହତାବ**



ଏଇ ସପ୍ତାହର ପ୍ରାରମ୍ଭରେ ସୁପ୍ରିମକୋର୍ଟ ଅଭିବ୍ୟକ୍ତିର ସ୍ୱାଧୀନତା ଓ ଧାର୍ମିକ ଭାବନାକୁ ଆଘାତ ଦେବାଭଳି ମାମଲାରେ ଯେଉଁ ରାୟ ଦେଇଛନ୍ତି ଓ ତାହା ପ୍ରଦାନ କଲାବେଳେ ଯେଉଁଭଳି ଟିପ୍ପଣୀ ଦେଇଛନ୍ତି, ତାହାର ନିହିତାର୍ଥକୁ ବୁଝିବାର ଆବଶ୍ୟକତା ଅଛି । ମଙ୍ଗଳବାର ଦିନ 'ମିଆଁ-ଟିଆଁ' ଓ 'ପାକିସ୍ତାନୀ' ଶବ୍ଦର ବ୍ୟବହାର ସଂପର୍କୀୟ ଆବେଦନର ଶୁଣାଣୀ କଲାବେଳେ ଜଷ୍ଟିସ୍ ବିବୀ ନାଗନ୍ନା ଓ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ବେଞ୍ଚ ଏ ମକଦ୍ଦମାର ଆରୋପିଙ୍କୁ ଅଭିଯୁକ୍ତ-ମୁକ୍ତ ଘୋଷଣା କରିଦେଲେ କାରଣ ଆଇପିସିର ଧାରା ୨୯୮ ଅନୁସାରେ ଏହା ଧାର୍ମିକ ଭାବନାକୁ ଆଘାତ ଦେବା ଅପରାଧଭୁକ୍ତ ନୁହେଁ । ଅବଶ୍ୟ, ସୁପ୍ରିମକୋର୍ଟ କହିଛନ୍ତି, ଏପ୍ରକାର ଭାଷାର ପ୍ରୟୋଗକୁ ଅଭଦ୍ର ବୋଲି ମାନିଛନ୍ତି । ଲକ୍ଷ୍ୟ କରିବାର କଥା ଏହି ଯେ, ଜଣେ ସରକାରୀ କର୍ମଚାରୀଙ୍କ ବିରୋଧରେ ବ୍ୟବହୃତ ଏ ଶବ୍ଦକୁ ନେଇ ହୋଇଥିବା ମକଦ୍ଦମାକୁ ତଳକୋର୍ଟରୁ ସର୍ବୋଚ୍ଚ ଅଦାଲତ ଯାଏ ପହଞ୍ଚିବାରେ ଚାରିବର୍ଷ ଲାଗିଗଲା, କିନ୍ତୁ ଉଭୟ ପକ୍ଷ କୌଣସି ସ୍ତରରେ ନିଜର ଅହଂଭାବ ପରିତ୍ୟାଗ କରି ବୁଝାମଣା କରିବା ମନୋସ୍ଥିତିରେ ନଥିଲେ ।

ଏହାର ପୂର୍ବଦିନ ଅର୍ଥାତ୍ ସୋମବାର ଦିନ କଂଗ୍ରେସ ସାଂସଦ ଇମରାନ ପ୍ରତାପଗଡୀଙ୍କ ଦ୍ୱାରା ସୋସିଏଲ୍ ମିଡ଼ିଆରେ ଏକ କବିତା ପୋଷ୍ଟ କରିବା ବିରୋଧରେ ଗୁଜରାଟ ପୋଲିସ୍ ଦାଏର କରିଥିବା ମାମଲାର ଶୁଣାଣି କଲାବେଳେ ସୁପ୍ରିମକୋର୍ଟ ରାଜ୍ୟ ପୋଲିସକୁ ଯାହା କହିଛନ୍ତି ତାହା ପ୍ରଣିଧାନଯୋଗ୍ୟ । ସର୍ବୋଚ୍ଚ ଅଦାଲତଙ୍କ ଟିପ୍ପଣୀ ଥିଲା ଆମ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ବିତିଗଲାଣି, ଏତିକିଦିନ ଭିତରେ ଅଭିବ୍ୟକ୍ତିର ସ୍ୱାଧୀନତାର ମୂଲ୍ୟ କେତେ ତାହା ପୋଲିସକୁ ବୁଝିଯିବା ଦରକାର । ଏଇ ସମୟରେ ସୋସିଏଲ ମିଡ଼ିଆରେ ଯେପରି ଭାବେ ବିଷ ବପନ କରିଚାଲିଛି, ତାହା ପୋଲିସ୍ ପାଇଁ ଅନେକ ସମସ୍ୟା ବଢ଼ାଇ ଦେଇଛି । କିନ୍ତୁ ତାହାର କାର୍ଯ୍ୟାନୁଷ୍ଠାନ ପ୍ରଭାବଶାଳୀ ହେଉନାହିଁ, କାରଣ ରାଜ୍ୟ ପରେ ରାଜ୍ୟମାନଙ୍କରେ ରାଜନୈତିକ ପକ୍ଷପାତ ଅତିମାତ୍ରାରେ ହେଉଛି । ରାଜ୍ୟ ପୋଲିସ୍ ଅଧିକାଂଶ ସମୟରେ ସରକାରବିରୋଧୀ ପୋଷ୍ଟ ମାମଲାରେ ଯେପରି ତତ୍ପରତା ପ୍ରଦର୍ଶନ କରୁଛନ୍ତି, ସେପରି କ୍ଷମତାସୀନ ଦଳର ଲୋକଙ୍କ ବିରୋଧରେ ଏପ୍ରକାର ଗତିବିଧିକୁ ନଜର ଅନ୍ଦାଜ ଦେଉଛନ୍ତି । ସୁପ୍ରିମକୋର୍ଟ ତେଣୁ ଗୁଜରାଟ ପୋଲିସକୁ ଚେତାଇ ଦେଇ କହିଛନ୍ତି ଯେ ଅସାମାଜିକ ତତ୍ତ୍ୱମାନଙ୍କୁ ସାବାଡ଼ କରିବା ସହ ଅଭିବ୍ୟକ୍ତିର ସ୍ୱାଧୀନତାର ମୌଳିକ ସାମ୍ବିଧାନିକ ମୂଲ୍ୟବୋଧର ରକ୍ଷା କରିବା ଆବଶ୍ୟକ ।

ସେଇ ସୋମବାର ଦିନ ଅନ୍ୟ ଏକ ମାମଲାରେ ୟୁ-ଟିଉବର ତଥା ପଡକାଷ୍ଟର ରଣବୀର ଇଲାହାବାଦିଆଙ୍କୁ ପଡ଼କାଷ୍ଟ ପ୍ରସାରିତ କରିବା ପାଇଁ ଅନୁମତି ଦେଇ ସୁପ୍ରିମକୋର୍ଟ ଅଭିବ୍ୟକ୍ତିର ସ୍ୱାଧୀନତା ଓ ପ୍ରତିଭାର ଉପଯୋଗକୁ ନେଇ କେତେକ ଗମ୍ଭୀର ଟିପ୍ପଣୀ ଦେଇଛନ୍ତି । ଅତି ସ୍ପଷ୍ଟଭାବେ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ କହିବାର ସ୍ୱାଧୀନତାର ମାନେ ନୁହେଁ ଯେ ଯିଏ ଯାହା ବି କିଛି କହିବ । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଶର୍ମା କହିଛନ୍ତି ପ୍ରତ୍ୟେକ ସମାଜରେ ନୈତିକତାର ବ୍ୟାଖ୍ୟା ଭିନ୍ନ ଭିନ୍ନ ହୋଇପାରେ । ଆମ ଦେଶରେ ଅଭିବ୍ୟକ୍ତିର ସ୍ୱାଧୀନତାର ଯେଉଁ ଗ୍ୟାରେଣ୍ଟି ଦିଆଯାଇଛି, ତାହା କେତେକ ସର୍ତ୍ତ ସହିତ ପ୍ରଦତ୍ତ ହୋଇଛି । କଳାର ସ୍ୱାଧୀନତାର ଉପଯୋଗ କଲାବେଳେ କଳାକାର ଲାଗି ସେ ସୀମାସବୁକୁ ସ୍ମରଣ ରଖିବା ଜରୁରୀ । ରଣବୀର, ସେ ସୀମାର ଉଲ୍ଲଂଘନ ଯେ କରିଥିଲେ, ଏଥିରେ ଦ୍ୱିମତ ନାହିଁ । କିନ୍ତୁ ଆଗକୁ ଯେପରି ଏହା ନ ଘଟେ, ସେଥିଲାଗି ସୋସିଏଲ ମିଡ଼ିଆ ଓ ୟୁ-ଟିଉବର ସାମଗ୍ରୀକର ନିୟମ ଲାଗୁ ପାଇଁ ଆଇନ ପ୍ରଣୟନ ଲାଗି ସରକାରଙ୍କୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି । କିନ୍ତୁ ଏହା କହିବା ବେଳେ ସେନସରସିପ୍ ଯେପରି ଲାଗୁ ନ ହୁଏ, ତାହା ପ୍ରତି ଧ୍ୟାନ ଦେବାକୁ ସରକାରଙ୍କୁ ଚେତାଇ ଦେଇଛନ୍ତି । ଉଚ୍ଛୃଙ୍ଖଳ ନ ହୋଇ ସ୍ୱାଧୀନତାର ଉପଯୋଗ ଦ୍ୱାରା ହିଁ ସମାଜ ତଥା ନାଗରିକଙ୍କର ମଙ୍ଗଳ ହୋଇପାରିବ । ଯେହେତୁ ସୋସିଏଲ ମିଡ଼ିଆ ଏବେ ଆୟର ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହୋଇସାରିଲାଣି, ତେଣୁ ଏ କ୍ଷେତ୍ରରେ ବୈଧାନିକ ଦାୟିତ୍ୱ ସ୍ଥିର କରାଯିବା ଦରକାର । ❒❒

# ବରିଷ୍ଠ ହିଁ ବରିଷ୍ଠ

**ସତ୍ୟନାରାୟଣ ଦେହୁରୀ**

ସାଧାରଣତଃ ୬୦ ବର୍ଷ କିମ୍ବା ତଦୁର୍ଦ୍ଧ ବୟସ୍କ ବ୍ୟକ୍ତିଙ୍କୁ ଆମ ସମାଜ ଏବଂ ସରକାର ବରିଷ୍ଠ ଆଖ୍ୟା ଦେଇ ଯଥାରୀତି ସହେଯାଗ କରନ୍ତି । ଅନେକ କ୍ଷେତ୍ରରେ ସେମାନଙ୍କୁ ଅଗ୍ରାଧିକାର ଦିଆଯାଏ । ଏଇ ଯେମିତି ବସ୍. ରେଳ ,କିମ୍ବା ବିମାନ ଯାତ୍ରାରେ ସ୍ୱତନ୍ତ୍ର ରିହାତୀ ଏବଂ ସ୍ୱତନ୍ତ୍ର ସିଟ୍ ସଂରକ୍ଷିତ ହୋଇଥାଏ ,କୌଣସି ଧାଡିରେ ରହି ଟିକଟ କାଟିବା ,ବିଜୁଳି ବିଲ ପଇଠ କରିବା ,କିମ୍ବ ଆଉ କୌଣସି ଦେୟ ପଇଠ କରିବା ପାଇଁ ସ୍ୱତନ୍ତ୍ର ଧାଡି ବ୍ୟବସ୍ଥା ଥାଏ । ମନ୍ଦିରରେ ଠାକୁର ଦର୍ଶନ ପାଇଁ ସ୍ୱତନ୍ତ୍ର ଧାଡିର ବ୍ୟବସ୍ଥା ହୋଇଥାଏ । ବର୍ତମାନ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସୁବିଧା ମଧ୍ୟ କରାଯାଇଅଛି । ବିଭିନ୍ନ ତୀର୍ଥ କ୍ଷେତ୍ର ଭ୍ରମଣ କରି ସେମାନେ ନିଜର ମାନସିକ ଅବସାଦ ଦୂର କରି ପାରୁଛନ୍ତି । ବରିଷ୍ଠ ମାନଙ୍କର ମାନସିକ ଅବସାଦ ବଢି ଯାଇଥାଏ କାରଣ ସେମାନେ କର୍ମକ୍ଷେତ୍ରରୁ ଅବ୍ୟାହତି ନେଇଥାଆନ୍ତି । କିଏ ଚାକିରୀ ରୁ ଅବସର ନେଇଥାଏ ତ କିଏ ଘରକାମରୁ ଅବ୍ୟାହତି ନେଇଥାଏ । ଅବଶ୍ୟ କିଛି ବରିଷ୍ଠ ଅଛନ୍ତି ଯେଉଁ ମାନେକି ଅବସର ପରେମଧ୍ୟ ପୁନଃ ନିଯୁକ୍ତି ପାଉଛନ୍ତି । କିନ୍ତୁ ତାହା ବେଶୀ ଦିନ ନୁହେଁ । ୬୫ ବର୍ଷ ପରେ ଆଉ କୌଣସି ନିଯୁକ୍ତି ମିଳେ ନାହିଁ । କେତେକ ବୃତିରେ ପୁନଃ ନିଯୁକ୍ତିର ଆବଶ୍ୟକ ପଡେ ନାହିଁ କାରଣ ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ନିଜର କାମ କରି ରୋଜଗାର କରିବା ସହିତ ସମୟର ସୁ ବିନିଯୋଗ କରିପାରୁଛନ୍ତି । ଡାକ୍ତର ମାନେ ଶେଷ ସମୟ ପର୍ଯ୍ୟନ୍ତ ଚିକିତ୍ସା କରିପାରୁଛନ୍ତି । ଏବଂ ଅଭିଜ୍ଞତା ଆଧାରରେ ସେମାନଙ୍କ ଠାରୁ ଭଲ ଚିକିତ୍ସା ସୁବିଧା ମିଳେ । ଇଂଜିନିଅର ମାନେ ମଧ୍ୟ ଅନେକ ଦିନ ପର୍ଯ୍ୟନ୍ତ ନିଜର ବୃତିକୁ ଚାଲୁରଖି ପାରନ୍ତି । ଜଣେ ସି.ଏ ଘରୋଇ ଭାବରେ କାମ କରି ଅନେକ ଦିନ ପର୍ଯ୍ୟନ୍ତ ନିଜର ବ୍ୟବସାୟକୁ ଜାରିରଖି ପାରନ୍ତି । ନିଜର କୌଳିକ ବୃତି ମଧ୍ୟ ଅନେକ ଲୋକ ବହୁଦିନ ପର୍ଯ୍ୟନ୍ତ କରି ପାରୁଛନ୍ତି । ଜଣେ ୭୦ କିମ୍ବା ୮୦ ବର୍ଷର ବୃଦ୍ଧ ମଧ୍ୟ ଚାଷ କାମ କରିପାରୁଛନ୍ତି ,ହାଣ୍ଡି ଗଢି ପାରୁଛନ୍ତି ,ଲୁଗା ବୁଣି ପାରୁଛନ୍ତି । ଏହିପରି ଅନେକ ବୟସ୍କ ବ୍ୟକ୍ତି କାମ କରିବାର ଉଦାହରଣ ରହିଛି ।

ଯେଉଁ ମାନେ ବୟଷାଧିକ୍ୟକୁ ଖାତିର ନକରି ସ୍ୱଇଚ୍ଛାରେ କରୁଛନ୍ତି ,ସେ କ୍ଷେତ୍ରରେ ଠିକ ଅଛି । କିନ୍ତୁ ଅନେକ ବୟଷ୍କ ବ୍ୟକ୍ତି ବାଧ୍ୟ ବାଧକତାରେ କରୁଛନ୍ତି । ସେମାନଙ୍କ ପୁଅ ,ବୋହୁଙ୍କ ନିର୍ଯ୍ୟାତନା ସହ୍ୟକରି ନପାରି କାମ କରିବାକୁ ବାଧ୍ୟ ହୋଇଥାଆନ୍ତି । ଆମ ସମାଜ ବରିଷ୍ଠଙ୍କୁ ଯେତିକି ସମ୍ମାନ ଦେବାକଥା ଦେଇନଥାଏ । ବରିଷ୍ଠ ହିଁ ବରିଷ୍ଠ ଏକଥାକୁ ସମସ୍ତେ ଉପଲବ୍ଧି କରିବା ଚାହି । ବରିଷ୍ଠଙ୍କୁ କେବେ ହେଲେ ଉପେକ୍ଷା କରାଯାଇ ନପାରେ । ଏମାନେ ହେଉଛନ୍ତି ସମାଜର ଦିଗ୍ଦର୍ଶକ । ଗୋଟିଏ ପରିବାରରେ କିଛି ସମସ୍ୟା ଦେଖାଦେଲେ ପରିବାରର ବରିଷ୍ଠଙ୍କ ମତାମତ ନିଆଯାଏ । ସେମାନଙ୍କ ପରାମର୍ଶରେ କାମ କଲେ ସମସ୍ୟା ସମାଧାନ ହୁଏ । ଏଠାରେ ଗୋଟିଏ ଛୋଟ ଗପ ମନେପଡେ । ଗୋଟିଏ ରାଜ୍ୟରେ ଥରେ ରାଜା ଆଦେଶଦେଲେ ଯେ ,ସବୁ ବୟଷ୍କ ବ୍ୟକ୍ତିଙ୍କୁ ମାରିଦିଆଯାଉ । କାରଣ ଏମାନେ କିଛି କାମ ନକରି ବସି ଖାଉଛନ୍ତି । ରାଜକୋଷ ଉପରେ ବୋଝ ପଡୁଛି । ରାଜାଙ୍କ ଆଦେଶ ପାଳନ କରାଗଲା । ରାଜ୍ୟର ସବୁ ବୟଷ୍କ ବ୍ୟକ୍ତିଙ୍କୁ ମରାଗଲା । କିଛିଦିନ ପରେ ରାଜ୍ୟରେ ମରୁଡି ପଡିଲା । ମରୁଡିର କିପରି ମୁକାବିଲା କରାଯିବ ସେକଥା ଚିନ୍ତାକରି ରାଜା କିଛିବି ପରାମର୍ଶ ପାଇପାରିଲେ ନାହିଁ । ଅରାଜକତା ଦେଖାଦେଲା । ରାଜା ଏବେ ଅନୁତାପ କଲେ ବୟଷ୍କ ବ୍ୟକ୍ତି ଥିଲେ ସିନା ପରାମର୍ଶ ଦେଇଥାଆନ୍ତେ । ବାସ୍ତବିକ ବରିଷ୍ଠ ହିଁ ବରିଷ୍ଠ । ସେମାନେ କେବେବି ଅଲୋଡା ନୁହଁନ୍ତି । ପରିବାରରେ ସନ୍ତାନ ଟିଏ ଜେଜେ ବାପା ଜେଜେ ମାଆଙ୍କଠୁ ବେଶୀ ଆଦର ପାଇଥାଏ । ବାପା ମାଆ କିଛି କଡା କଥା କହିଲେ ଜେଜେଙ୍କ ପାଖକୁ ଚାଲିଯଏ ସମାଧାନ ପାଇଁ । ତାହେଲେ ଏମାନଙ୍କୁ ଯଦି ଠିକ୍ ସମ୍ମାନ ମିଳନ୍ତା ଏମାନେ ଜରାନୀବାସରେ ରହନ୍ତେ ନାହିଁ । ଜରାନୀବାସର ଦୁର୍ବିସହ ଜୀବନ କାହାକୁ ବା ଭଲ ଲାଗୁଛି । କେବଳ ମୁଠାଏ ଅନ୍ନ ପାଇଁ ଏ ଅବସ୍ଥା । ଯେଉଁ ବରିଷ୍ଠ ମାନେ ସରକାରୀ ଚାକିରୀରୁ ଅବ୍ୟାହତି ନେଇଛନ୍ତି ସେମାନେ ପେନସନ ପାଉଛନ୍ତି । ସେମାନଙ୍କର ପେନସନକୁ ଆଖିଆଗରେ ରଖି ତାଙ୍କର ପୁଅ ବୋହୁ ତାଙ୍କୁ ଆଦରଯତ୍ନ କରନ୍ତି । କନ୍ତୁ ଯେଉଁ ବରିଷ୍ଠ ପେନସନ ଭୋଗୀ ନୁହଁନ୍ତି ,ତାଙ୍କର ଦୁଃଖ କହିଲେ ନସରେ । ସରକାର ସେମାନଙ୍କୁ ଯେଉଁ ଅଳ୍ପ କିଛି ମାସିକ ଭତା ଦିଅନ୍ତି ,ତାକୁ ମଧ୍ୟ ସାଉଁଟି ନିଅନ୍ତି ତାଙ୍କର ପୁଅ ବୋହୁ । ସେମାନଙ୍କୁ ପଠାଇ ଦିଅନ୍ତି ଜରାନୀବାସ । ତଥ୍ୟ ଅନୁସାରେ ବର୍ତମାନ ଅମଦେଶର ବରିଷ୍ଠଙ୍କ ସଂଖ୍ୟା ପ୍ରାୟ ୧୫ କୋଟି । ସେ ଅନୁପାତରେ ଜରାନୀବାସ ସଂଖ୍ୟା କମ୍ ଅଛି । ଆହୁରି ଅନେକ ଜରାନୀବାସ ତିଆରି କରିବାର ଆବଶ୍ୟକତା ଅଛି । କାରଣ ବରିଷ୍ଠଙ୍କ ସଂଖ୍ୟା ଆଗାମୀ ୨୫ ବର୍ଷରେ ୨ ଗୁଣାରୁ ଅଧିକ ହୋଇଯିବ । ଭେଷଜ ବିଜ୍ଞାନର ଉନ୍ନତି ଫଳରେ ଦେଶରେ ଲୋକଙ୍କ ପରମାୟୁ ବଢିଯାଇଛି । କେବଳ ଯୁବବର୍ଗହିଁ ବିଭିନ୍ନ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ବରଣ କରୁଛନ୍ତି । ଯୁବ ବର୍ଗଙ୍କ ସଂଖ୍ୟା କମୁଥିବା ବେଳେ ବରିଷ୍ଠଙ୍କ ସଂଖ୍ୟା ବଢୁଛି । ତେବେ ବରିଷ୍ଠଙ୍କ ଉପଯୁକ୍ତ ଥଇଥାନ ନିହାତି ଆବଶ୍ୟକ । ସମ୍ବିଧାନର ୪୧ ଧାରା ଅନୁସାରେ ବରିଷ୍ଠ ନାଗରିକଙ୍କ ଶିକ୍ଷା ଓ ସାଧାରଣ କ୍ଷେତ୍ରରେ ଯୋଗଦାନ ଅଧିକାର ରହିଛି । ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ,ଅତ୍ୟାଚାର ବିରୁଦ୍ଧରେ ନ୍ୟାୟ ଦେବା ପାଇଁ ଭାରତୀୟ ନ୍ୟାୟ ସଂହିତାରେ ବ୍ୟବସ୍ଥା ଅଛି । ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ରାଜ୍ୟ ସରକାର କେତେକ ଯୋଜନା କରିଛନ୍ତି । ଯେମିତିକି ୭୦ ବର୍ଷରୁ ଅଧିକ ବୟଷ୍କଙ୍କ ପାଇଁ ଆୟୁଷ୍ମାନ ଭାରତ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ସୁବିଧା କରିଛନ୍ତି । ସଂଚୟ ବ୍ୟାଙ୍କରେ ଜମାରାଶି ଉପରେ ସାଧାରଣ ନାଗରିକଙ୍କ ଅପେକ୍ଷା ଅଧିକ ସୁଧର ବ୍ୟବସ୍ଥା କରାଯାଇଛି । ଏହାବ୍ୟତିତ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ,ବୟୋଶ୍ରେଷ୍ଠ ସମ୍ମାନ ,ସମର୍ଥ ବୃଦ୍ଧ ସେବା ଯୋଜନା କାର୍ଯ୍ୟକାରୀ ହେଉଛି । ଏହାସତ୍ତ୍ୱେ ବହୁ ବରିଷ୍ଠ ନାଗରିକ ନିର୍ଯ୍ୟାତିତ ହେଉଛନ୍ତି ନିଜ ପରିବାର ଦ୍ୱାରା । କେତେକ ଲୋକଲଜ୍ୟା ଭୟରେ ନିଜର କଷ୍ଟକଥା କାହା ଆଗରେ ପ୍ରକାଶ କରନ୍ତି ନାହିଁ । ଆଉ କେତେକ ବୟୋଶ୍ରେଷ୍ଠଙ୍କୁ ସେମାନଙ୍କର ପରିବାରଜନ ବିଭିନ୍ନ ତୀର୍ଥକ୍ଷେତ୍ରରେ ଜାଣିଶୁଣି ଚାଲି ଆସୁଛନ୍ତି । ଏହା ଅତି ଅମାନବୀୟକାର୍ଯ୍ୟ । ଆମେ ଚିନ୍ତା କରିବା ଦରକାର ଯେ, ସେମାନଙ୍କ ତ୍ୟାଗ ଓ ବଳିଦାନ ଫଳରେ ଆମେ ଆଜି ନିଜର ପରିଚୟ ସୃଷ୍ଟି କରି ପାରିଛେ । ଯଦି ପରିବାର ଭିତରେ ତାଙ୍କୁ ରଖିବା ସମ୍ଭବ ହେଉନାହିଁ ତାହେଲେ ସେମାନଙ୍କର ଅବଶିଷ୍ଟ ଜୀବନ ସୁଖମୟ ନହେଲେବି ଅନ୍ତତଃ ସୁରୁଖୁରୁରେ କଟିବା ପାଇଁ ଦେୟଯୁକ୍ତ ହେଉ କି ଦେୟମୁକ୍ତ ବୃଦ୍ଧାଶ୍ରମରେ ଥଇଥାନ କରିବା ଆବଶ୍ୟକ । କାରଣ ବରିଷ୍ଠ ହିଁ ବରିଷ୍ଠ ।

ବୌଦ୍ଧ
ମୋ: ୯୯୩୮୭୫୮୩୫୩

## ସଂପାଦକଙ୍କୁ ପତ୍ର

### ମାତୃଭାଷାର ଉନ୍ନତିରେ ଜାତିର ବିକାଶ

ମହାଶୟ,

ମାତୃଭାଷା ହେଉଛି ପ୍ରତ୍ୟେକ ଜାତିର ପ୍ରାଣ ସ୍ପନ୍ଦନ ଏବଂ ଜାତିର ସକଳ ଜୀବନଶକ୍ତିର ଆଧାର ।କୌଣସି ଜାତିର ଉନ୍ନତି ସେ ଜାତିର ମାତୃଭାଷାର ଉନ୍ନତି ଉପରେ ନିର୍ଭର କରେ ।ମାତୃକୋଳ୍‌ରେ ଥିବା ସମୟରେ ମାଆଙ୍କ ମୁହଁରୁ ଶିଶୁମାନେ ଯେଉଁ ଭାଷା ଶୁଣିଥାନ୍ତି ତାହା ତାଙ୍କ ପ୍ରାଣରେ ସାରା ଜୀବନ ପାଇଁ ମୁଦ୍ରିତ ହୋଇରହେ ତାହାହିଁ ହେଉଛି ମାତୃଭାଷା । ମାତୃଭାଷା ଜନ୍ମ ହୁଏ ଶିଶୁର ସାମାଜିକ ଓ ମାନସିକ ପରିବେଶରୁ । ଯେଉଁ ଭାଷାକୁ ଶିଶୁ ତା'ର ପରିବେଶରୁ ସହଜରେ ଶିଖିନେଇଥାଏ, ତାହା ହିଁ ତା'ର ମାତୃଭାଷା । ମାଟି ମାଆ କୋଳରେ ରହୁଥିବା ତା ସନ୍ତାନମାନଙ୍କ କଥିତ ଭାଷା ମାତୃଭାଷା । ପ୍ରତ୍ୟେକ ବ୍ୟକ୍ତି ନିଜର ମନର ଭାବକୁ ମାତୃଭାଷା ମାଧ୍ୟମରେ ସୁନ୍ଦର ଭାବରେ ବ୍ୟକ୍ତ କରିପାରେ । ମାତୃଭାଷାର ଉନ୍ନତିରେ ଜାତିର ବିକାଶ ସମ୍ଭବ। ଆମ ମାତୃଭାଷା ଆମ ପରିଚୟ ଆମ ମୂଳଦୁଆ । ତାକୁ ହେୟଜ୍ଞାନ ନକରି କିପରି ବିଶ୍ୱସ୍ତରରେ ପରିଚୟ କରାଇବା ତାହା ଆମର ଦାୟିତ୍ୱ ହେବା ଉଚିତ । ଆମ ଭାଷାରେ ଆମ ପରିଚୟ ସୃଷ୍ଟି କରିବା ପାଇଁ ଏଇ ମାଟି ତା କୋଳରେ ଜନ୍ମ ଦେଇଛି ଅନେକ ସୁସାହିତ୍ୟିକ ଏବଂ ଭାଷାପ୍ରେମୀଙ୍କୁ । ତାଙ୍କ ପାଇଁ ଆମ ଭାଷା, ଆମ ପରମ୍ପରା ପାଲଟି ଯାଇଛି ଏକ ଅତୁଳନୀୟ ଐଶ୍ୱର୍ଯ୍ୟ ଓ ମହାର୍ଘ ସମ୍ପଦ । ଭାଷାକୁ ନେଇ ଜାତି ଗର୍ବ କରେ ।ଯେଉଁ ଜାତିର ଭାଷା ନାହିଁ ସେ ଜାତି କେବେ ଉପରକୁ ଉଠି ନାହିଁ। ତେଣୁ ମାତୃଭାଷାର ସୁରକ୍ଷା ଦ୍ୱାରା ହିଁ ଗୋଟିଏ ସମାଜର ପ୍ରତିଷ୍ଠା, ପରମ୍ପରା ଓ ଐତିହ୍ୟର ସୁରକ୍ଷା ସମ୍ଭବ। ଭାଷାଗୁଡ଼ିକର ସୁରକ୍ଷା ପାଇଁ ପ୍ରତିବଦ୍ଧତାକୁ ନବୀକରଣ କରିବାର ଏହା ଏକ ସମୟ ।ବହୁଭାଷୀତାକୁ ପ୍ରୋତ୍ସାହିତ କରିବା, ବିପଦପୂର୍ଣ୍ଣ ଭାଷାଗୁଡ଼ିକୁ ସୁରକ୍ଷା ଦେବା ଏବଂ ମାତୃଭାଷାରେ ଅନ୍ତର୍ଭୁକ୍ତ ଶିକ୍ଷାକୁ ଉତ୍ସାହିତ କରାଯାଏ । ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଉଛି। ମାତୃଭାଷାର ସୁରକ୍ଷା ଲାଗି ସଚେତନତା ସୃଷ୍ଟି କରାଯାଏ।

ଦିବ୍ୟଜ୍ୟୋତି ସାହୁ, ଚୌଦ୍ୱାର,
କଟକ

# ମା'ର ସ୍ନେହ

**ଡଃ.ଅରୁନ୍ଧତୀ ଦେବୀ**

ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି। ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମ, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି। ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ। ସୁତରାଂ ଧାର୍ମିକ ଓ ଆଧାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀକୁ ତା'ର ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଇ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତୈତ୍ତିରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ପୋଞ୍ଚପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ।

ଯାହାର ବ୍ୟକ୍ତିତ୍ୱ ନିଷ୍ପେଷିତ ହୋଇଯାଏ ସ୍ୱାର୍ଥପର ଏଇ ସମାଜର ନାଲି ଆଖି ନିକଟରେ । ଯିଏ ଚେଷ୍ଟାକରି ମଧ୍ୟ ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି; ସେ ନାରୀ । ସାରା ଜୀବନ ଯିଏ ଧୂପକାଠିଟିଏ ପରି ତ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମଗ୍ର ପରିବେଶକୁ ବାସ୍ନାରେ ଭରିଦିଏ । ଆଜି ପରିବର୍ତ୍ତିତ ସମାଜ ଯାହାକୁ କରିଚାଲିଛି ଅବହେଳିତ, ଲାଞ୍ଛିତ, ପଦାକୁ ପାଦ କାଢ଼ିଲେ, ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ । ଖବରକାଗଜର ପୃଷ୍ଠା ଲେଉଟେଇଲେ ଯୌତୁକ ଜନିତ ବଧୂ ହତ୍ୟା, କନ୍ୟା ଭ୍ରୁଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା । ପୁରୁଷ ପ୍ରାଧାନ୍ୟ ସମାଜ ମାନେନା ତାର ମହାନତା । ସମାଜରେ ନିଜ ସ୍ଥିତିକୁ ସୂଚେଇ ଦେବାକୁ, ନିଜର ସମ୍ମାନଜନକ ସ୍ଥାନଟିଏ ଥିଲା, ଅଛି, ରହିବ ବୋଲି ଜଣାଇବାକୁ ଆଜି ପାଳିତ ହୁଏ ଆନ୍ତର୍ଜାତିକ ମହିଳା ଦିବସ । ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି । ନାରୀର ଅସମ୍ମାନ ସମଗ୍ର ଧରିତ୍ରୀର ଅସମ୍ମାନ । ନାରୀ ବିନା ସୃଷ୍ଟ ଯେ ଅସମ୍ଭବ । ସ୍ୱାମୀ-ସ୍ତ୍ରୀ, ନାରୀ-ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏକ ବିନା ଆରେକ ସ୍ଥିତି ନାହିଁ, ପ୍ରଗତି ଆସିବ କୁଆଡୁ ? ସ୍ୱାମୀ ସାମ୍, ସ୍ତ୍ରୀ ଋକ୍ । ସ୍ୱାମୀ ଆକାଶ, ସ୍ତ୍ରୀ ପୃଥିବୀ । ଏକଥା ଭୁଲିଯାଉଛି ହୁଏତ ସମାଜ । ନାରୀକୁ କେବଳ ଶଯ୍ୟା ସଙ୍ଗୀନ, କ୍ରୀଡ଼ାନକ କରି ରଖିବାର ଲାଳସା ତାର ପ୍ରଗତି ପଥରେ ବାଧକ ହେଉଛି । ଏହି ନାରୀ ଦୁର୍ବଳା ନୁହେଁ । କନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ଯେତିକି ମହନୀୟା ମାହେଶ୍ୱରୀ ସାଜିପାରେ; ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମଧ୍ୟ ସେତିକି ଦୁର୍ଦ୍ଦମନୀୟା ମହାକାଳି, ମହିଷାମର୍ଦ୍ଦିନୀଙ୍କର ବିଷମୟ ରୂପ ଧାରଣ କରିପାରେ ।

ଆଜିର ମହିଳା ଦିବସ ପ୍ରସଙ୍ଗରେ ମନେପଡ଼ିଯାଉଛି ପୁରାଣର ଏକ ସ୍ମରଣୀୟ ଘଟଣାଟି। ମାଆ ତା ସନ୍ତାନଟି ପାଇଁ କେତେ ତ୍ୟାଗ ଓ ତୀତିକ୍ଷା କରିପାରେ ଏହା ହିଁ ଏହି ଆଲୋଚନାର ଉପଲକ୍ଷ। ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ। ସନ୍ତାନ ପ୍ରତି ମା'ର ନିଃସର୍ତ୍ତ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା। ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି। ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ। ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା। ଆର୍ଥିକ ଅବସ୍ଥା ଭଲ ନଥାଏ। ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ। ପୁଅଟି ଭଲ ପାଠ ପଢୁଥାଏ। ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଃ, ତୋ ମା କାଣୀ। ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ। ପୁଅକୁ ଖରାପ ଲାଗିଲା। ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ ବୋଲି। ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ। ମା'ର ପରିଚୟ ଠାରୁ ଦୂରେଇ ଯିବ। ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା। ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ। ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା। ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହୁଛି। ଦିନେ ମା'ର ଇଚ୍ଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା। ପଚାରି ପଚାରି ଗଲା। ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା। କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା। କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି। ଏ ଭିତରେ କିଛି ମାସ ଚାଲିଗଲା। କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ। କ'ଣ ମନ ହେଲା କେଜାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି। ଘରେ ପହଞ୍ଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି। ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ। ସେଥିରେ ଲେଖାଥିଲା - ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ ତୋ ଜରିଆରେ ମୁଁ ଦୁନିଆକୁ ଦେଖାଯିବ ସେଥିଲାଗି ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ। ମୋର ଦୁର୍ଭାଗ୍ୟ ଯେ ତୋ ସହିତ ଆଉ ଭେଟ ହୋଇପାରିଲା ନାହିଁ। ବିଶ୍ୱ ମହିଳା ଦିବସ ଅବସରରେ ନାରୀ ସଶକ୍ତିକରଣକୁ ସମ୍ମାନ ଓ ନିଜ ମାଆ ମାନଙ୍କ ପ୍ରତି କର୍ତ୍ତବ୍ୟର ଦିଗଟିକୁ ଅନୁଚିନ୍ତନକଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟର ଗୁରୁତ୍ୱ ରହିବ।

କଟକ,
ମୋ: ୯୯୩୭୧୭୨୮୧୦



# ପ୍ରଜାତନ୍ତ୍ର ସାହିତ୍ୟ





## କ୍ଷୁଦ୍ରଗଳ୍ପ

# ପୁଅ ଫେରିଛି

### ସୁଦର୍ଶନ ମହାପାତ୍ର



ସମ୍ଭାବ୍ୟ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଡାକରା ପାଇ ପୁଅ ତା କର୍ମକ୍ଷେତ୍ରକୁ ବାହାରିବା ବେଳକୁ ମାଆ ହତୋତ୍ସାହିତ ହୋଇ ପଡ଼ୁଥିଲେ। ଲୁଚି ଲୁଚି ମାଆ କାନ୍ଦୁଥିଲେ ବୋଲି ଅନୁଭବ କଲା ପୁଅ।

-'ଦେଶପାଇଁ ଯୁଦ୍ଧରେ ଭାଗନେବା ସୌଭାଗ୍ୟର କଥା ମାଆ। ସମସ୍ତଙ୍କ ପାଇଁ ଏ ସୁଯୋଗ ଆସେନି। ଯଦି ଯୁଦ୍ଧ ହୁଏ, ମୁଁ ମୋ ପରାକାଷ୍ଠା ଏମିତି ଦେଖାଇବି ଯେ ତୁମେ ମୋ ପାଇଁ ଗର୍ବ ଅନୁଭବ କରିବ। ଏ ଦେଶ ମୋତେ ମନେରଖିବ। ଇତିହାସରେ ଲେଖାଯିବ ଶ୍ରୀମତୀ ବିଜୟା ପଟ୍ଟନାୟକଙ୍କ ପୁଅ କମାଣ୍ଡର ବିକ୍ରମକେଶରୀ ପଟ୍ଟନାୟକଙ୍କ ପରାକ୍ରମ ସର୍ବୋତ୍ତମ।'

-'ସେତିକି ଥାଉ ଡ୍ରାମେବାଜ କାହାଁକା। ମାଆକୁ ଆଶ୍ୱାସନା ନଦେଇ, ଡାଇଲଗ୍ ମାରିଲା। ନିଜ ପ୍ରତି ଯତ୍ନବାନ ହେବା ବି ଯୋଦ୍ଧାର କର୍ତ୍ତବ୍ୟ। ନିଜ ପ୍ରତି ସଜାଗ ରହି ଶତ୍ରୁକୁ ନିପାତ କରିବାକୁ ଟ୍ରେନିଂରେ କୁହାଯାଇନାହିଁ କି ?

-'ହସି ହସି କହିଲେ ବାପା ଅରିନ୍ଦମ ପଟ୍ଟନାୟକ।'

-'ବାପା, ତୁମେ ରିଟାୟାର୍ଡ କର୍ଣ୍ଣେଲ ହୋଇ ଏମିତି କହୁଛ ? ଦେଶପାଇଁ ରକ୍ତଦେବାକୁ ହେଲେ ଯୋଦ୍ଧା କ'ଣ କେବେ ପଛଘୁଞ୍ଚା ଦେଇ ଫେରିଆସିବ ?'

-'ସେତିକି କଥା ଥାଉ। ଫ୍ଲାଇଟ୍ ଟାଇମ୍ ହୋଇଯିବ। ଯୁଦ୍ଧ ହେଉଛି କି ନାହିଁ ଠିକ୍‌ନାହିଁ, ସେ ବିଷୟରେ ଏବେଠୁ କଥା ଆରମ୍ଭକଲାଣି...! ଯୁଦ୍ଧ ହିଁ ହେବନାହିଁ, ମୋ ଅଭିଜ୍ଞତାରୁ କହୁଛି।' ପତ୍ନୀ ବିଜୟାଙ୍କୁ ଆଶ୍ୱାସନା ଦେବାକୁ ଚେଷ୍ଟା କରୁଥିଲେ ଅରିନ୍ଦମ।

ପୁଅ ମାଆକୁ ଯଥା ସମ୍ଭବ ଆଶ୍ୱାସନା ଦେଇ ଘର ଛାଡ଼ିଲା। ଗୋଟିଏ ମାଆ ମନରେ କେତେ ଚିନ୍ତା, କେତେ ଉଦ୍‌ବେଗ ବୁଝି ପାରୁଥିଲେ ଅରିନ୍ଦମ। ଯେତେ ଯାହା ଉପରକୁ କହିଲେ ବି ସେ ବି ବାପା ହିସାବରେ ନିଜେ ଟିକିଏ ଜଡ଼ସଡ଼ ହୋଇ ଯାଉଥିଲେ ଭିତରେ ଭିତରେ।

ବିଜୟା ଚୁପଚାପ୍ ବସିଥିଲେ। ମନେପଡ଼ିଲା ବିକ୍ରମର ଛୋଟ ବେଳର କଥା। ଏଇ ନଅ ଦଶ ବର୍ଷର ହୋଇଥିବ। ସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଷୟବସ୍ତୁ ଥିଲା -'ଇୟୁର୍ ଡ୍ରିମ୍।' ପ୍ରଥମ ପୁରସ୍କାର ପାଇଥିଲା ବିକ୍ରମ। ତା'ର ଚିତ୍ର ଥିଲା - ସବୁଜ ରଙ୍ଗର ଟୋପି, ପୋଷାକ, କାନ୍ଧରେ ରାଇଫଲ୍, ଭଗତ ସିଂଙ୍କ ଭଳି ନିଶ ରଖିଥିବା ଯୁବକଟିଏର ଚିତ୍ର। ଉପରିଭାଗରେ ଯୁଦ୍ଧବିମାନର ଛୋଟ ଏକ ନକ୍ସା। ସେଇ ଚିତ୍ର ଦେଖି ଅରିନ୍ଦମ ଖୁସିରେ ନାଚିଉଠିଲେ ଯେମିତି। କହିଲେ -'ମାଇଁ ସନ ଉଇଲ ବି ଏ ଗ୍ରେଟ୍ ଫାଇଟର।' ସେଦିନ ବିଜୟାଙ୍କ ମା' ମନ କିନ୍ତୁ ଗୁମୁରି ଉଠିଥିଲା। ଯୁକ୍ତି କରିଥିଲେ ସ୍ୱାମୀଙ୍କ ସହିତ।

-'କାହିଁକି ଆଉ କ'ଣ କିଛି ରାସ୍ତା ନାହିଁ ଆମ ପୁଅ ପାଇଁ। ତା ପିଲା ମନରେ ଗୋଟିଏ ନିର୍ଦ୍ଦିଷ୍ଟ ଚିନ୍ତାଧାରା ନପୁରାଇ ବିଭିନ୍ନ ଦିଗ ବିଷୟରେ କହିବା ଉଚିତ୍। ତାପରେ ତା ବାଟ ସେ ନିଜେ ହିଁ ବାଛିବ।' ଅବିନାଶ ଆଉ କିଛି କହିନଥିଲେ ସେଦିନ।

ଆହୁରି ପଛଦିନକୁ ଫେରିଲେ ବିଜୟା। ପୁଅ ଖଟ ଉପରେ ଶୋଇ ଶୋଇ ଅନେକ ସମୟରେ ଏପଟସେପଟ ଚାହିଁ ହାତ ଗୋଡ଼ ହଲାଇ ଖେଳେ। ତା ପିଲାମନ କ'ଣ ଭାବୁଥାଏ କେଜାଣି ! ଅରିନ୍ଦମ ଦିନେ କହିଲେ -'ଦେଖ ପୁଅ କେମିତି ପ୍ୟାରେଡ ଅଭ୍ୟାସ କରୁଛି ଏବେଠୁ। ଦେଖ ତା ମୁହଁରେ କେମିତି ହସ ଖେଳୁଛି।' ହେଲେ ପର ମୁହୂର୍ତ୍ତରେ ଆସି ପୁଅ ହାତରେ ରକ୍ତଦେଖି ଭୟରେ ଏକରକମ ଚିତ୍କାର କରି ଉଠିଲେ। ଅରିନ୍ଦମଙ୍କ ଉପଚାରରେ ପୁଅ ହାତରୁ ରକ୍ତସ୍ରାବ ବନ୍ଦହୋଇ ଯାଇଥିଲା ଖୁବ୍‌ଶୀଘ୍ର।

ତଥାପି ବିଜୟା ଆରମ୍ଭ କରିଦେଲେ ସ୍ୱାମୀଙ୍କ ଉପରେ ଦୋଷାରୋପ।

'ମୁଁ ବସି ପୁଅକୁ ଜଗି ସିଲେଇ କରୁଥିଲି। ତୁମେ ନୂଆ ଡାଇପର ଆଣି ବଦଳେଇ ଦେଇଥିଲେ ଏମିତି ହେଇନଥାନ୍ତା। ଯିଏ ନିଜ ପୁଅର ଦାୟିତ୍ୱ ନେଇପାରୁନାହାନ୍ତି, ସେ କେମିତି ଦେଶର ଦାୟିତ୍ୱ ସମ୍ଭାଳୁଛନ୍ତି ଚିହାଇଲା ଭଳି କହିଲେ ବିଜୟା।

-'ଦି ଚାରିବୁନ୍ଦା ରକ୍ତଦେହରୁ ପଡ଼ିଗଲେ ତୁମେ ଏତେ ନର୍ଭସ ହେଉଛ, ହେଲେ ଗୋଟିଏ ସୈନିକ ଦେଶପାଇଁ କେତେ ଯେ ରକ୍ତବୁହାଇ ଦିଏ ତୁମେ ଜାଣିଛ !'

ବାସ୍ ବିଜୟାଙ୍କୁ ଆଉ ସମ୍ଭାଳେ କିଏ ? ଚିହିଁକି ଉଠିଲେ ସ୍ୱାମୀଙ୍କ ଉପରେ। -'ଏମିତି କଥା କହିବାକୁ ତୁମର ଇଚ୍ଛା କେମିତି ହେଲା ? ତୁମେ ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ନେଇଯାଅ ଏବେ ଏବେ। ଆଉ ମନେରଖ। ମୋ ପୁଅକୁ କେବେ ବି ଅନୁମତି ଦେବିନି ତୁମ ସ୍ୱପ୍ନ ପୂରଣ କରିବାକୁ। ବିଜୟାଙ୍କ କଥାରେ କିନ୍ତୁ ହତୋତ୍ସାହିତ ହୋଇନଥିଲେ ଅରିନ୍ଦମ। ପୁଅର ପ୍ରଥମ ଜନ୍ମଦିନରେ ସେ ବିଜୟାଙ୍କ ବରାଦ ଅନୁସାରେ ଆଣି ଦେଇଥିଲେ ପ୍ରଭୁ ଜଗନ୍ନାଥଙ୍କ ଛବି ଥିବା ସୁନାର ଲକେଟ୍ ଆଉ ନିଜ ତରଫରୁ ପୁଅ ପାଇଁ ଆଣିଥିଲେ ସବୁଜ ରଙ୍ଗର ପୋଷାକ, ଟୋପି ଆଉ ଖେଳନା ରାଇଫଲ୍ ଟିଏ। ପ୍ରଥମଥର ବିଜୟା ଏସବୁ ଦେଖି ହସିଥିଲେ। ପୁଅକୁ ପିନ୍ଧାଇ ଥିଲେ ବି ସେଇ ଡ୍ରେସ୍। ପୁଅ ଦିଶୁଥିଲା ଅପୂର୍ବ ସୁନ୍ଦର !

ବିଜୟାଙ୍କ ଉଦାସ ମୁହଁ ଦେଖି ସବୁ ବୁଝିଗଲା ପରି ଚୁପ୍ ରହିଲେ।

ପରିସ୍ଥିତିର ଫାଇଦା ଉଠାଇବାକୁ ବିଜୟା କହିଲେ -'ମୋ ପୁଅ ତ ଦେଖୁଛି ଘର, କାନ୍ଥ, ଛାତ, ଫ୍ୟାନ୍ ଇତ୍ୟାଦିର ନିର୍ମାଣଶୈଳୀ। ସେ ଭାବୁଛି ଏ ସବୁ ଜିନିଷରେ କିଛି ଚମତ୍କାରିତା ନାହିଁ। ସେଥିପାଇଁ ହସୁଛି। ସେ ହେବ ସାଇଣ୍ଟିଷ୍ଟ। ବିଶ୍ୱ ବ୍ରହ୍ମାଣ୍ଡର ଅଜଣା ତଥ୍ୟକୁ ସାମ୍ନାକୁ ଆଣିବ।' ଏତିକି ବେଳକୁ ପୁଅର ଡାଇପର ବଦଳେଇବାକୁ ବିଜୟାଙ୍କୁ ଚେତେଇ ଦେଲେ ଅରିନ୍ଦମ।

ବିଜୟା ଡାଇପର ପାଇଁ ଗଲାବେଳକୁ ଅରିନ୍ଦମଙ୍କୁ ଜଗାଇ ଦେଇ ଯାଇଥିଲେ ପୁଅକୁ। ପୁଅ ଯେ କେତେବେଳେ ଛୁଞ୍ଚିରେ ହାତ ପକେଇ ଦେଇଛି ଜଣାନାହିଁ ଅରିନ୍ଦମଙ୍କୁ।

ବି ଜ ୟ।

ବିଜୟା ଦେଖୁଥିଲେ ପୁଅର ଗାଢ଼ ନୀଳ ଆଖିର ଡୋଳାକୁ। ସଫା ଧଳା ଆଖିରେ ଗାଢ଼ ନୀଳ ଡୋଳା ଓ ଘନ କଳା ଭ୍ରୁଲତା। ଟୋପି ତଳକୁ ଝୁଲିପଡ଼ିଥିଲା କିଛି କୁଞ୍ଚୁକୁଞ୍ଚିଆ କେଶ। ଖୁସିରେ ପ୍ରଗଲ୍ଭା ହୋଇ ଯାଉଥିଲେ ଯେମିତି..!

କ୍ଷଣିକରେ ଚମକି ପଡ଼ିଲେ ନିଜେ। ପୁଅ ଉପରେ ନଜର ପକାଉଛନ୍ତି ନିଜେ ମାଆ ହୋଇ..!!

ବିଧିର ବିଧାନ ବିଚିତ୍ର। ଦ୍ୱାଦଶ ପରୀକ୍ଷା ପରେ ବିକ୍ରମ ଏନ୍‌ଡିଏ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେଲା। ସେଥିରେ ଯୋଗଦେବାକୁ ଉତ୍ସାହିତ ହୋଇପଡିଲା। ବିଜୟା ବୁଝାଇଥିଲେ ଆଇଆଇଟି କିମ୍ବା ମେଡିକାଲ୍ ଏଣ୍ଟ୍ରାନସ ଦେବାକୁ। ହେଲେ ସେ ବୁଝାଇ ମନେଇ ଦେଇଥିଲା ମାଆକୁ। ବିକ୍ରମ ତା ପସନ୍ଦର ଏୟାର ଫୋର୍ସ ଇନଷ୍ଟିଚ୍ୟୁଟରେ ସିଟ୍ ପାଇଥିଲା। ଖୁସିରେ ଯେମିତି ତା'ର ଡେଣା ଲାଗିଯାଇଥିଲା। ପୁଅର ସଫଳତା ଆଉ ଖୁସିରେ ସାମିଲ୍ ହୋଇ ପାରୁନଥିଲେ କିନ୍ତୁ ବିଜୟା। ଏବେ ପୁଅକୁ ବାଇଶ ବର୍ଷ। ସରଳ, ସତେଜ, ବିଶ୍ୱାସ ଭରା ତା'ର ଚାହାଣି। ମୁହଁ ସଦା ହସହସ। ଆଃ.. କୋଟିଏରେ ଗୋଟିଏ। ସେ ଦୂରରେ ଥିଲେ ବି ଦିଶିଯାଏ ତା'ର ଛବି, ତା'ର ଠାଣି..!

ଯୁଦ୍ଧସରିଛି। ବିକ୍ରମ ଶତ୍ରୁ ପକ୍ଷର ଶିବିର ଧ୍ୱଂସକରିଛି। ଏକା ଷୋହଳ ଜଣଙ୍କୁ ନିପାତ କରିଛି ବୋଲି ସମ୍ବାଦପତ୍ର, ଟିଭି ଚ୍ୟାନେଲ୍‌ମାନେ ତା ପ୍ରଶଂସାରେ ଶତମୁଖ। ହେଲେ ପୁଅ ସହିତ କଥା ହୋଇପାରିନଥିବା ବିଜୟା ଏବଂ ଅରିନ୍ଦମ ଚିନ୍ତାରେ ଅଛନ୍ତି।

ହଠାତ୍ ଖବର ଆସିଲା ନିଖୋଜ ବିକ୍ରମ ମିଳିଛି।

ପୁଅ ଆଜି ଫେରୁଛି। ପ୍ରତୀକ୍ଷିତ ବିଜୟା ଆଉ ଅରିନ୍ଦମ। ପୁଅ ଏକା ଆସିନାହିଁ। ଆସିଛନ୍ତି ତା ସାଥିରେ କେତେ ଜୱାନ। ବିକ୍ରମ କୁଆଡ଼େ ଯୁଦ୍ଧର ନାୟକ। ଶତ୍ରୁକୁ ମୁହଁତୋଡ଼ ଜବାବ ଦେଇଛି। ତେଣୁ ସାଥିମାନେ ତାକୁ କାନ୍ଧରେ ବୋହି ପଟୁଆରରେ ଆଣୁଛନ୍ତି। ତା ଜନ୍ମବେଳକୁ ସିନା ଆସିଥିଲେ ନିମନ୍ତ୍ରିତ ଅତିଥିମାନେ। ଆଜି ଆସିଛନ୍ତି ଅନିମନ୍ତ୍ରିତ ଅଗଣିତ ଲୋକ। ଆସିଛନ୍ତି ସେମାନେ ବିଜୟୀ ବୀରକୁ ଦେଖିବା ପାଇଁ।

ହେଲେ ଚାରିଆଡ଼େ ସ୍ତବ୍ଧ..! କୋଳାହଳ ଶୂନ୍ୟ ପରିବେଶ।

ପୁଅ ଯେମିତି ଗେଟ୍ ପାଖରୁ ଦୁଇ ଖେପାରେ ମାଆ ପାଖରେ ପହଞ୍ଚେ ଆଜି ଆସିନି। ଏଥର ତା ଆଙ୍ଗୁଳି ଆଉ ମାଆର ପାଦ ଛୁଇଁନି। ବିଜୟା ନିଜେ ଏଥର ନସର ପସର ହୋଇ ଧାଇଁଛନ୍ତି ପୁଅ ପାଖକୁ। ପୁଅର ହାତର ଆଙ୍ଗୁଳି ଗୁଡିକ ଦିଶୁନାହିଁ କାହିଁକି ? ପାଦ ଦୁଇଟାକୁ କିଏ ଅଲଗା କରିଛି ତା ଦେହରୁ..? ବିନ୍ଦୁଏ ନୁହେଁ ସିନ୍ଧୁଏ ହେବ ରକ୍ତ ତା ପୋଷାକକୁ ରକ୍ତ ଜୁଡୁବୁଡୁ କରି ଶୁଖି ଯାଇଛି। ଗୋରା ତକତକ ଦେହରେ ତା'ର କିଏ ଲେପି ଦେଇଛି ରକ୍ତିମ ଫଲଗୁ! ତା'ର ଢଳ ଢଳ ନୀଳ ଆଖି ଦୁଇଟିକୁ କିଏ ଉତାରି ନେଇଛି..? କାନ ଦୁଇଟି ବି ଉଭାନ...!!

-ଆଉ ପୁଅକୁ ଦେଖି ପାରୁନଥିଲେ ବିଜୟା। ଲୋଟି ପଡ଼ିଲେ ପୁଅ ଉପରେ..!

ପୁତ୍ରହରା ମାଆର ବାହୁନା କିଛି କ୍ଷଣରେ ନୀରବିଗଲା। ବିଜୟା ଆଉ ଇହ ଜଗତରେ ନାହାନ୍ତି ବୋଲି ଘୋଷଣା କଲେ ଡାକ୍ତର।

ବିଜୟା ତାଙ୍କ ଗେହ୍ଲା ପୁଅକୁ କୋଳରେ ବସେଇ ବିମାନରେ ସ୍ୱର୍ଗାରୋହଣ କରୁଛନ୍ତି...!! ସେମିତି କିଛି ଦୃଶ୍ୟ ତାଙ୍କ ସ୍ୱପ୍ନରେ ବାରମ୍ବାର ଆସେ ବୋଲି କୁହନ୍ତି ଅରିନ୍ଦମ। ସେଇ ସମୟରେ ସେ ଲୁଚେଇବାକୁ ଚାହିଁ ବି ଲୁଚାଇ ପାରନ୍ତିନି ତାଙ୍କ ଅଶ୍ରୁ ସଜଳ ଆଖି ଦୁଇଟିକୁ...!!!

....................................

କୁଞ୍ଜବିହାରୀ ଲେନ୍, କଟକ
ମୋ-୯୪୩୮୧୭୫୫୪୨

# ମାମା ଅଛି ବୋଲି...

### ବନ୍ଦିତା ମହାନ୍ତି



ପ୍ରତିଥର ମୁଁ ଯିବା ପରେ
ମାମା ବଦଳେ ହୁଏ ତ ସେ
ନଚେତ୍; ବାବା ତୋଳି ଯାଇଥିବା ଘର
ଯେବେ ଆସେ ଦେଖେ
ସାଇତି ଥିବା ଆଖି ତଳର ଭାତୁଡ଼ି,
କୁଞ୍ଚୁକୁଞ୍ଚିଆ ମୁହଁର ଟାଇଲ ଥାକରେ
ଅନେକ ଉଦ୍ଭାବନ ଆବିଷ୍କାରର ଅଗଣିତ ଦିନ
ଇତିହାସର ରୋମନ୍ଥନ, ଦର୍ଶନର ଗବେଷଣା
ରାଜନୀତିର ଚକ୍ରାନ୍ତ, ଅର୍ଥନୀତିର ତଉଲାପଣ
ବିଜ୍ଞାନର ପରୀକ୍ଷାଗାର ଅବା ବିସ୍ଫୋରଣ୍ଣ
ଅଥଚ ହାଲିଆର ଲେଶ ମାତ୍ର ଚିହ୍ନନାହିଁ।
ବୋଧେ କପାଳର ଖାଲି ପଣରେ
ସାରା ବିଶ୍ୱକୁ ଅଧ୍ୟୟନ କରିଛି।
ସେ ଅଛି ବୋଲି ତ ମୁଁ ଧରା ଦେଖେନି
ମୋ କୋଡ଼ିଏ ବର୍ଷର ମୁହଁରେ ହିଁ ଧରା ଠିଆହୁଏ,
ସାତ ମହାଦେଶ, ପଞ୍ଚ ମହାସାଗର,
ବରଫର ପାହାଡ଼, ଊର୍ଦ୍ଧ୍ୱମୁଖୀ ପାଇନ୍ ଗଛ
ସବୁକିଛି ନକ୍ସା ଭିତରେ।
ମୁଁ ତ ଛାର, ଭାସ୍କୋଡ଼ାଗାମା ବି ନକ୍ସା ବୁଝି ପାରିବେନି।
ଚାଳିଶ ବର୍ଷର ମୁହଁରେ
କେତେ ଯେ ବଢ଼ିପାଣି ଫେରିବା ବାଟ ଧରିଛି,
ତାହା ମନେ ପକାଇବା ପାଇଁ
ଚିନ୍ତିତ ବୃକ୍ଷରାଜି, ଉଡୁଥିବା ପତ୍ର ,
ଲୁହର ପାହାଡ଼ରେ ପରିବର୍ତ୍ତନ
ହାଡ଼ ମାଂସପେଶୀର ଉପତ୍ୟକା ହିଁ ଜାଣିଛି।
ପ୍ରତିଥର ବଦଳିଛି କପଡ଼ା
ଆଉ ଆଗ ଭଳି ମୁହଁରେ ଦେଖେନି
ସାର୍ବଜନୀନ ଶୋକ।
ଭାତୁଡ଼ି ଡେଇଁ କୂଳ ଛୁଉଁଥିବା ସମୁଦ୍ରର
ଦରକାର ପଡ଼େନା ଶାମୁକାର କ୍ଷୋଭ
ଅବା ସାମନ୍ତଙ୍କ ଗୋଲଯନ୍ତ୍ର କି ସୂର୍ଯ୍ୟଘଡ଼ି।
ବାବା କରି ଯାଇଥିବା ଘରର
ଅଗଣାରେ ଦେଖେ
ନବଗ୍ରହ, ସୂର୍ଯ୍ୟ, ସୌର ପରିବାର, ଆକାଶଗଙ୍ଗା
ସବୁକୁ ଟପିଯାଇ ଲୁଚିଥିବା କ୍ଷୀଣ ଆଶାଟିଏ।
ସେଠି ମପାଚୁପା ପରେ କୁଣ୍ଠିତ ହସଟେ ଦେଖାଇ
ପାଣ୍ଡୁର ବର୍ଣ୍ଣର ଲକ୍ଷ୍ମଣ ରେଖାଟେ ଟାଣେ।
ପ୍ରତିଥର ବଦଳେ ଘର
ନୂଆ ନୂଆ ସ୍ୱପ୍ନ ବୁଣେ ମାମା ପ୍ରତିଟି ଋତୁରେ,
ବିଲର ଢେଉ ଢେଉକା ଲହଡ଼ି ମନ ଦୋହଲାଏ
କିନ୍ତୁ ମାମା କଠୋର କଟାକ୍ଷରେ ଦେବୀପକ୍ଷ ଟାଣେ
ଚାଳିଶବର୍ଷର ସ୍ତୋତ୍ରସବୁ
ଉପନିବେଶ ତିଆରିରେ ସାହାଯ୍ୟ କରେ।
ହଁ, ହୁଏ ତ ମାମା ଅଛି ବୋଲି
ବାବା କରି ଯାଇଥିବା ଘର ବି ଅଛି
ନଚେତ୍ ସ୍ୱପ୍ନ ଅବିନଶ୍ୱର ବୋଲି
ବୁଝନ୍ତି କେମିତି ??

ବ୍ରହ୍ମପୁର, ଗଞ୍ଜାମ

## କବିତା



# ..ରେ ନଦୀ ତୋ କୂଳରେ ବସିଛି

### ଅବନୀ କୁମାର ରାଉତ

..ରେ ନଈ ତୋ କୂଳରେ ବସିଛି
ତୋର ଚଲାପଥେ କେତେ ଆଶା ଆଶ୍ୱାସନା
ତୁ ମୋ ଜୀବନ ଘଣିଟିଏ...!
ତୁ ପବିତ୍ର ପୁଣ୍ୟର ମୋତି ଟିଏ
ଦୁଃଖ ଧୋଇ ଦେଉ ତୋ ସ୍ପର୍ଶରେ...!
ମୋ ଆଖିର ସାନ୍ନିଧ ମନ ଚିବୁକରେ
ମୋ ବେଦନାକୁ ଧୋଇ ଦେଉ
ସ୍ୱପ୍ନରେ ତୋ ଲହଡ଼ି ଡାକୁଥାଏ...!
ତୋତେ ଖୋଜିଖୋଜି ଆସିଛି
ତୋ କୂଳରେ ବସିବି ବୋଲି
ମୋ ପ୍ରୀତିକୁ ସାଉଁଟିବୁ ଛଳନାରେ
ତୋ କଥାକୁ ଶୁଣି ପାରେ କହିପାରେ
ତୋ ପାଇଁ ଭାବନା ସୃଷ୍ଟିହୁଏ
ମୋ ହୃଦୟର କଥା ଶୁଣୁ...
ଚାଲିଯାଏ ବାଲି ସାଧବା ଭୁଆସୁଣୀ
ଦେଇ ବିଦାୟୀ ଶେଷ ମାଗୁଣି
ତୁ ଜୀବନଧାରାର ସୂତା ଟିଏ ବାନ୍ଧିଦେଉ
ତୋ ହସ ବିନା ସବୁ ଝାପ୍‌ସା ଦେଖାଯାଏ!
ହୃଦୟର ସ୍ପନ୍ଦନ ତୋ ଜଳରେ ଛବି
ଦେଖେ ଥରକୁ ଥର
ତୋ ପ୍ରତି ଲହରି ଗାଉ ଥାଏ ମିଠା ସୂର
ତୋ ତୀରେ ଲେଖାଅଛି ମୋ ନାମ!
ତୋ ପବନ ବହିଲେ ଲହଡ଼ି ମୋର
ହୃଦୟକୁ ଗଭୀର କରିଦିଏ..!
ନିଶ୍ୱାସ ତ୍ୟାଗ ବିଶ୍ୱାସର ପବିତ୍ରତା
ପ୍ରେମ ପ୍ରବାହ ଚିରନ୍ତନ ସତ୍ୟ ସୌନ୍ଦର୍ଯ୍ୟ!
ତୋ ପାଇଁ ଭାବନାର ଅନୁରକ୍ତି ଭଲପାଏ
ଦେଇଛୁ ବଞ୍ଚିବାର ମୂଲ୍ୟ କିଛି
ତୁ ଛଳନାର ଛଦ୍ମବେଶୀ ମର୍ଯ୍ୟାଦାମୟୀ
ତୋ ବିନା ସୁପ୍ତ ଚିନ୍ତାଧାରା ସବୁ ଅଧୁରା!

ମା' ବିରଜା କ୍ଷେତ୍ର
ମୋ-୯୪୩୯୬୨୨୬୨୩

# ଉଜାଗର

### ଗଜାନନ ମିଶ୍ର



କୁମୁଡ଼ା ପାହାଡ଼
ହୋଇଛି ସଜେଇ।
ଜଳୁଛି ବଗବଗାନୁ
ରଙ୍ଗରଙ୍ଗିଆ ବଲ୍
ଗୋଡରୁ ମୁଣ୍ଡ।
କୁମୁଡ଼ା ପାହାଡ଼
ଉଜାଗର, ନୀଳନୀଳ
ଆକାଶ ଆଡ଼କୁ ଦୃଷ୍ଟି
ଅବିଚଳିତ, ଅବିରତ।

କୁମୁଡ଼ା ପାହାଡ଼
ନିଜେ ଇ ଈଶ୍ୱର
ନିଜେ ଇ ଐଶ୍ୱର୍ଯ୍ୟ
କାଲୁ କାଳଚନ୍ଦ୍ର ସୂର୍ଯ୍ୟ।
ଏଠି ସେଠି ରକମ ରକମର
ନାନାବାୟା, ମୀନାବଜାର,
ନାଟ ସଂକୀର୍ତ୍ତନ ଆଉ ଆଉ
ପାଣିପୁରି, ପାଓଭାଜି, ମୁଢ଼ି,
ପୁଣି ପୁଣି କଂସାବାସନ,
ସୁନା ରୂପା ସିନ୍ଦୂର ଲିପ୍‌ଷ୍ଟିକ୍
ଓଗେର ଘରକରଣା ନିତ୍ୟ।

ମୌତ୍ କା କୁଆଁ,
ଘିରି ଘିରି ଚକ୍ରି, ଭିଡ଼ ଯାତ୍ରା
ବାବାଜି ବୈଷ୍ଣବ ସାଧୁ ସନ୍ନ୍ୟାସୀ
ଏକତ୍ର ଠୁଳ ଆସି।
ଅଲେଖ ମହିମା, ନିଆଁ, ନିଆଁ।
ମନ୍ତ୍ର ଯନ୍ତ୍ର ତନ୍ତ୍ରର କାରସାଦି
ସବୁ ତପସ୍ୟା ଏଇଠି ଇ।
ମତଲବ ଖୋଜା,
ଆଇନ ଶୃଙ୍ଖଳା, ପିଲାକବିଲା,
ପେଟ ପୋଷା, ଡୋଣ୍ଟ୍ କେୟାର
କିଏ କ'ଣ କଲା, ଭାବିଲା।

ବରାବର ସମ୍ପର୍କରେ
ଦେ ବନ୍ଧ, ପାଣି କୋଇଲି ବୁଡ଼ା।
କୁମୁଡ଼ା ପାହାଡ଼,
ସତେଜ, ସଚେତ, ସକାରାତ୍ମକ।
ବୁଲିପାର ବାହାରେ
ଭିତରକୁ ପ୍ରବେଶ ନିଷେଧ।
ଦୃଢ଼ କୁମୁଡ଼ା ପାହାଡ଼,
ନା ବୁଡ଼େ ପାଣିରେ,
ନା ଉଡ଼େ ପବନରେ,
ନା ପୋଡ଼େ କୌଣସି ନିଆଁରେ!

ବ୍ୟତିବ୍ୟସ୍ତ ହେବାର ନାଇଁ,
ଅସଂଶ୍ଲିଷ୍ଟ, ନିରପେକ୍ଷ,
ଦୃଷ୍ଟି ତୀକ୍ଷ୍ଣ, ସମୟର
ମାଇଲ୍‌ଖୁଣ୍ଟ, ସମୟାତୀତର
ବଳିଷ୍ଠ ପ୍ରମାଣ, କୁମୁଡ଼ା ପାହାଡ଼।
ମାଇଲ୍ ମାଇଲ୍ ଦୂରରୁ
ପାଖରୁ, ତଳୁ ଉପରୁ
ପ୍ରଣାମ ପ୍ରଣାମ, ଲାଗେ ନା
କୌଣସି ବାଧା ଜନମର
ମରଣର, ଜୀବନର,
ରହି ଜାଣିଲେ ଉଜାଗର।

ତପୋବନ, ଟିଟିଲାଗଡ଼-୭୬୭୦୩୩

## ଗୀତି କବିତା

# ପହିଲି ଛୁଆଁରେ...

### ସତ୍ୟବ୍ରତ ସାହୁ

ମୁଁ ଯେ ବସନ୍ତର ପହିଲି ଛୁଆଁରେ ନାଲି ଟୁକୁ ଟୁକୁ ପଳାଶ
ତନୁରେ ମୋ' ଆଜି ଭରା ଯଉବନ ମନ ଖୋଜେ ପ୍ରୀତି ଆଭାସ।(୦)

ମଳୟ ପବନେ ଭରା ପ୍ରଣୟର ମାଦକତା
ଜହ୍ନର ପରଶ ପାଇ ମୁଦିହୁଏ ଆଖିପତା
ଅମାନିଆ ମନ ମୋର ଅଦିନିଆ ମେଘ ପରି ଖୋଜୁଥାଏ ପ୍ରୀତିର ପୀୟୂଷ।(୧)

ଫୁଲର ସୁବାସେ ଭରା ବାସନାର ମଧୁ ଗୀତି
ମୋ' ହୃଦୟ ପଶରାରେ ବେଦନା ବିଧୁର ସ୍ମୃତି
ହଳଦୀ ବସନ୍ତ ଯେବେ ସାଥି ସହ ଖେଳୁଥାଏ ମନଖୋଜେ ସାଥିଟିର ପରଶ।(୨)

ମୁଁ ଯେ ବସନ୍ତର ପହିଲି ଛୁଆଁରେ ନାଲି ଟୁକୁ ଟୁକୁ ପଳାଶ
ତନୁରେ ମୋ' ଆଜି ଭରା ଯଉବନ ମନ ଖୋଜେ ପ୍ରୀତି ଆଭାସ ।(୦)

..............................

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ-୯୩୩୮୧୬୫୬୧୯



ଏଇ ପୃଷ୍ଠାପାଇଁ ଗପ ଓ କବିତା ପଠାଇବାକୁ ଚାହୁଁଥିଲେ ପଠାଇପାରିବେ। ନୂଆ ଲେଖକ/ଲେଖିକାଙ୍କୁ ପ୍ରାଥମିକତା ଦିଆଯିବ। ମେଲ୍ କରନ୍ତୁ:
Prajatantrasahitya@gmail.com

# ରେଡକ୍ରସ୍‌ର ସମ୍ମାନ ପ୍ରଦାନ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ଛାତ୍ର ଓ ଯୁବ ସମାଜ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନେ ଅଧିକ ସଂଖ୍ୟାରେ ରେଡକ୍ରସ୍‌ରେ ସାମିଲ ହୋଇ ସମାଜ ସେବାରେ ବ୍ରତୀ ହୁଅନ୍ତୁ। ସ୍ୱେଚ୍ଛାକୃତ ସେବା ମାଧ୍ୟମରେ ଉନ୍ନତ ଓ ସମାବେଶୀ ସମାଜ ଗଠନରେ ଅବଦାନ ରଖନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ୟୁଥ ରେଡକ୍ରସ ଓ ଜୁନିଅର ରେଡକ୍ରସ୍ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଥିଲେ ଯେ, ୟୁଥ୍ ରେଡକ୍ରସ୍ ଓ ଜୁନିୟର ରେଡକ୍ରସ୍ ହେଉଛି ଭାରତୀୟ ରେଡକ୍ରସ୍ ସୋସାଇଟିର ଅବିଚ୍ଛେଦ୍ୟ ଓ ଜୀବନ୍ତ ଶାଖା। ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ହେଉ ଏବଂ ସମାଜରେ ସେବା ଆବଶ୍ୟକ କରୁଥିବା ଅସହାୟ ବ୍ୟକ୍ତିଙ୍କୁ ସେବା ଯୋଗାଇ ଦେବାକୁ ରାଜ୍ୟପାଳ କହିଥିଲେ। ଏହି ଅବସରରେ ୨୦୧୯-୨୦ରୁ ୨୦୨୩-୨୪ ବର୍ଷ ପର୍ଯ୍ୟନ୍ତ ୟୁଥ୍ ରେଡକ୍ରସ ବର୍ଗରେ ୭୯ଜଣଙ୍କୁ ଏବଂ ଜୁନିୟର ରେଡକ୍ରସ୍ ବର୍ଗରେ ୨୪ ଜଣଙ୍କୁ ରାଜ୍ୟପାଳ ପୁରସ୍କୃତ କରିଥିଲେ। ସମାରୋହରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଭାରତୀୟ ରେଡକ୍ରସ୍ ସୋସାଇଟ୍‌ର ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ୟୁଥ୍ ରେଡକ୍ରସ୍ ଅଫିସର ଡ. ରମେଶ ଚନ୍ଦ୍ର ବେହେରା ଏବଂ ଜୁନିୟର ରେଡକ୍ରସ୍ ଅଫିସର ଲକ୍ଷ୍ମଣ ସ୍ୱାଇଁ ସମ୍ମାନ ପ୍ରଦାନ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ।



# ପୁଲିସ୍ ଜବ୍‌ଜାରେ କୁଖ୍ୟାତ ଲୁଟେରା ଗେଡ଼

**ଭୁବନେଶ୍ୱର (ପିପିଏସ୍):** ବୟସ ମାତ୍ର ୨୩, ହେଲେ ଲୁଟ୍‌ତରାଜ, ଛିନ୍‌ତାଇରେ ମାଷ୍ଟର୍। ଆଖି ପିଛୁଳାକେ ଚେନ୍, ମୋବାଇଲ୍‌ଠାରୁ ଆରମ୍ଭ କରି ସବୁକିଛି ଲୁଟି ନେବାରେ ବେଶ ପାରଙ୍ଗମ। ଏହା ସହିତ ଅନ୍ୟାନ୍ୟ ଅପରାଧରେ ଜଡ଼ିତ ଥାଇ ପୁଲସକୁ ଚକ୍‌ମା ଦେଉଥିବା ଗେଡ଼ ଏବେ ପୁଲିସ କବ୍‌ଜାରେ ପଡ଼ିଛି। କ୍ୟାପିଟାଲ ଥାନାଠାରୁ ଆରମ୍ଭ କରି ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ସେ ନିଜର ଅପରାଧିକ କାର୍ଯ୍ୟକଳାପ ଚଳାଇଥିବାବେଳେ ତା' ନାମରେ ୩୬ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଗିରଫ ଅଭିଯୁକ୍ତ ହେଉଛି ରୁଚିକା ମାର୍କେଟ ମହାବୀର ବସ୍ତିର ରଞ୍ଜନ ପ୍ରଧାନ ଓରଫ୍ ଗେଡ଼। ତା' ଠାରୁ ୫ଟି ସୁନା ଚେନ୍ ଓ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି। ମାତ୍ର ୨୩ ବର୍ଷ ବୟସ୍କ ଗେଡ଼ ନାମରେ ଏପର୍ଯ୍ୟନ୍ତ ମୋଟ ୩୬ଟି ମାମଲା ରହିଥିବା ପୁଲିସ କହିଛି। ପୁଲିସ ସୂଚନା ଅନୁସାରେ, ଗତମାସ ୨୨ ତାରିଖ ଦିନ ବେବିଶ୍ୱେତା ମହାପାତ୍ର ଓ ତାଙ୍କ ଭାଉଜ ମାର୍କେଟ ବିଲ୍ଡିଂରେ କାମ ସାରି ଘରକୁ ଫେରୁଥିଲେ। ସେମାନେ ଶ୍ରୀଲେଦର



ଶୋ'ରୁମର ଅପର ପାର୍ଶ୍ୱରେ ଥିବା ପାର୍କିଂରେ ଅଟୋକୁ ଅପେକ୍ଷା କରିଥିବାବେଳେ ଗେଡ଼ ଓ ତା'ର ସହଯୋଗୀ ରାଜା ପଠାଣ ବାଇକ୍‌ରେ ଆସି ତାଙ୍କ ବେକରୁ ମଙ୍ଗଳ ସୂତ୍ର ଛଡ଼ାଇ ନେଇଥିଲେ। ବେବିଶ୍ୱେତା ମହାପାତ୍ର ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ସବୁକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଆଜି ଗେଡ଼ ଫରେଷ୍ଟ ପାର୍କ ପଛପଟେ ଲୁଟ୍ ସୁନା ଚେନକୁ ବିକ୍ରି କରିବା ଲାଗି ଉଦ୍ୟମ କରୁଥିଲା। ସେହି ସମୟରେ ପୁଲିସ ତା'କୁ କାବୁ କରିବା ସହିତ ବେବିଶ୍ୱେତାଙ୍କ ଲୁଟ ମଙ୍ଗଳସୂତ୍ର ଓ ଏକ ବାଇକ୍ ଜବତ କରିଥିଲା। ସେ ତା'ର ଦୁଇ ସହଯୋଗୀ ରାଜା ଓ ସୁବାସ ସହ ମିଶି ରାଜଧାନୀର ବିଭିନ୍ନ ସ୍ଥାନରୁ ସୁନା ଚେନ୍ ଲୁଟ୍ କରିଥିବା ସ୍ୱୀକାର କରିଥିଲା। ସେଥିରୁ ୩ଟି ସୁନା ଚେନକୁ ଗ୍ୟାରେଜ ଛକ ଅନ୍ତର୍ଗତ ରାଧାକୃଷ୍ଣ ନଗର ସ୍ଥିତ ସୁବାସର ଅସ୍ଥାୟୀ ଘରେ ଲୁଚାଇ ରଖିଥିବା ପୁଲିସ ଜାଣିବାକୁ ପାଇଥିଲା। ଏଥିସହିତ ସେମାନେ ଲୁଇସ୍ ରୋଡ୍‌ରୁ ଲୁଟ୍ କରିଥିବା ଅନ୍ୟ ଏକ ସୁନା ଚେନକୁ ସୁବାସ ନିକଟରେ ରଖିଥିବା କହିଥିଲା। ପୁଲିସ ରାଧାକୃଷ୍ଣ ନଗରସ୍ଥିତ ଘରେ ଚଢ଼ଉ କରି ସୁନା ଚେନ୍‌ଗୁଡ଼ିକ ଜବତ କରିଥିଲା। ଗେଡ଼ ହେପାଜତରୁ ମୋଟ ୫ଟି ଲୁଟ୍ ସୁନା ଚେନ ଓ ଗୋଟିଏ ବାଇକ୍ ଜବତ ହୋଇଥିଲା। ଗେଡ଼ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ମୋଟ ୩୬ରୁ ଅଧିକ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ମିକ୍ସଚର ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର (ପିପିଏସ୍) :** ଭୁବନେଶ୍ୱର ସହିଦ ନଗରସ୍ଥିତ ଏକ ମିକ୍ସଚର ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ସଂପୂର୍ଣ୍ଣ ଆୟତ୍ତ କରାଯାଇଥିବା ଜଣାପଡ଼ିଛି। ଏ ନେଇ ସହକାରୀ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ରାଉତ ସୂଚନା ଦେଇଛନ୍ତି। ତତଲା କଡ଼େଇ ତେଲରୁ ନିଆଁ ଲାଗିଥିବା କୁହାଯାଉଛି। ସକାଳ ପ୍ରାୟ ସାଢ଼େ ୫ଟା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ସଙ୍ଗେସଙ୍ଗେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭା କାମ ଆରମ୍ଭ କରିଥିଲେ। ଏହି ଅଗ୍ନିକାଣ୍ଡ ଫଳରେ ବହୁ ପରିମାଣର ବେସନ, ବୁଟ ଡାଲି, ଚଣା ଓ ସୁଜି ଆଦି ଜଳିପୋଡ଼ି ପାଉଁଶ ହୋଇଯାଇଛି। ତତଲା କଡ଼େଇ ତେଲରୁ ନିଆଁ ଲାଗିଥିବା କୁହାଯାଉଛି। ସକାଳ ପ୍ରାୟ ସାଢ଼େ ୫ଟା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ସଙ୍ଗେସଙ୍ଗେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭା କାମ ଆରମ୍ଭ କରିଥିଲେ। ଅଗ୍ନିକାଣ୍ଡ ଫଳରେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଘଟଣାସ୍ଥଳରେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ପହଞ୍ଚି ସ୍ଥିତି ଦେଖିଥିଲେ। କ୍ଷୟକ୍ଷତିର ପରିମାଣ କେତେ ହେବ ତାହା ସ୍ପଷ୍ଟ ହୋଇପାରିନାହିଁ।



# ଠକେଇ ଅଭିଯୋଗରେ ଡାକ କର୍ମଚାରୀ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଡିପୋଜିଟ୍ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଡାକ କର୍ମଚାରୀକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀସାଗର ପୋଷ୍ଟ ଅଫିସରେ ଚାକିରି କରିଥିବା ଭଣ୍ଡାରିପୋଖରୀ ଥାନା ବଙ୍କାମୁହାଁର ଆଶିଷ କୁମାର ଧଳ (୩୦)। ପୁଲିସ ସୂଚନା ଅନୁସାରେ, ଲକ୍ଷ୍ମୀସାଗର ପୋଷ୍ଟ ଅଫିସରେ କାମ କରୁଥିବା ଆଶିଷ ଝାରପଡ଼ାର ତାପସ ରଞ୍ଜନ ତ୍ରିପାଠୀ ଓ ତାଙ୍କ ଜେଜେ ମାଆଙ୍କ ନାମରେ ଦୁଇଟି ଯୁଗ୍ମ ଆକାଉଣ୍ଟ ଖୋଲିଥିଲା। ତାପସ ଗତବର୍ଷ ଅଗଷ୍ଟ ମାସରେ ପୋଷ୍ଟାଲ ଖାତାରେ ଜମା କରିବା ପାଇଁ ଆଶିଷକୁ ୩୩ ଲକ୍ଷ ୪୦ ହଜାର ଟଙ୍କାର ୫ଟି ବ୍ୟାଙ୍କ ଚେକ୍ ଦେଇଥିଲେ। ଆଶିଷ ୨୫ ଲକ୍ଷ ଟଙ୍କା ଜମା କରିଥିଲା। ହେଲେ ଅବଶିଷ୍ଟ ୮ ଲକ୍ଷ ୪୦ ହଜାର ଟଙ୍କା ଜମା କରିନଥିବା ଦୁଇ ମାସ ପରେ ତାପସ ଜାଣିବାକୁ ପାଇଥିଲେ। ଆଶିଷକୁ ଯୋଗାଯୋଗ କରି ବଳକା ଟଙ୍କା ଫେରସ୍ତ କରିବାକୁ କହିବାରୁ ସେ ଗାଳିଗୁଲଜ କରିବା ସହିତ ଧମକ ଚମକ ଦେଇଥିଲା। ଏମିତିକି ତାଙ୍କ କଲ୍ ଉଠାଇ ନଥିଲା। ତେବେ ଆଶିଷ ବିଭିନ୍ନ ଆକାଉଣ୍ଟ ହୋଲ୍ଡରଙ୍କ ଠାରୁ ମୋଟ ୧୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗକାରୀ ଜାଣିବାକୁ ପାଇଥିଲେ। ଏ ନେଇ ତାପସ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଆଶିଷକୁ ଗିରଫ କରି କୋର୍ଟ ଚାଲାଣ କରିଛି।



# ଜମି ବିକ୍ରିରେ ଜାଲଆତି, ବିଲଡର୍ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଜାଲିଆତି କରି ଡିଏସ୍‌ପିଙ୍କୁ ଜମି ବିକ୍ରି କରିଥିବା ବିଲଡରକୁ ୧୫ ମାସ ପରେ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୂଜା ବିଲଡର୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଯାଜପୁର ଜିଲ୍ଲା ବରୀ ଥାନା ଡିହ ସାହିର ବିବେକାନନ୍ଦ ସାମଲ (୫୫)। ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ଜମି ମାଲିକ ମନ୍ଦର ନାୟକଙ୍କର ମୃତ୍ୟୁ ହୋଇସାରିଛି।

ପୁଲିସ ସୂଚନା ଅନୁସାରେ, ଡିଏସ୍‌ପି ଅତନୁ କୁମାର ରାଉତ ୨୦୦୭ ମସିହାରେ ମଞ୍ଚେଶ୍ୱର ମୌଜାରେ ତାଙ୍କ ପତ୍ନୀ ଅମିତା ରାଉତଙ୍କ ନାମରେ ୪୬ ଡିସିମିଲ ଜମି କିଣିଥିଲେ। ଜମି ମାଲିକ ମନ୍ଦର ନାୟକ ବିଲଡର ବିବେକାନନ୍ଦ ସାମଲଙ୍କ ନାମରେ କରିଥିବା ଜେନେରାଲ ପାୱାର ଅଫ୍ ଆଟର୍ନି (ଜିପିଏ) ଆଧାରରେ ଜମିଟିକୁ କିଣିଥିଲେ। ୨୦୨୨ ମସିହା ଜାନୁଆରୀ ବେଳକୁ ଡିଏସ୍‌ପି ରାଉତ ଉକ୍ତ ଜମିରେ ଆଉଟ୍ ହାଉସ୍ ନିର୍ମାଣ କରିବାକୁ ଯିବାବେଳେ ସମେଇଗାଡ଼ିଆ ଅଞ୍ଚଳର ଅନୀଲ ନାୟକ ଓ ସନ୍ତୋଷ ନାୟକ ତାଙ୍କୁ ବିରୋଧ କରିଥିଲେ। ସେମାନଙ୍କ ଜେଜେବାପା ରାଜୀବ ନାୟକ ଓ ଗୌରାଙ୍ଗ ନାୟକ



୧୯୮୩ ମସିହାରେ ସେହି ଜମିଟିକୁ ମନ୍ଦର ନାୟକଙ୍କ ଠାରୁ କିଣିଥିବା କହିଥିଲେ। ମନ୍ଦର ନାୟକ ତାଙ୍କୁ ଜେଜେବାପାଙ୍କୁ ଜମି ବିକ୍ରି କରିବା ପରେ ଜାଲିଆତି କରି ବିବେକାନନ୍ଦ ସାମଲଙ୍କୁ ପାୱାର ଅଫ୍ ଆଟର୍ନି ଦେଇଥିବାରୁ ସେମାନେ କୋର୍ଟରେ ଦ୍ୱାରସ୍ଥ ହୋଇଥିବା ଜଣାଇଥିଲେ। ଡିଏସ୍‌ପି ରାଉତ ଯାଞ୍ଚ କରିବା ପରେ ତାଙ୍କ ପତ୍ନୀଙ୍କ ସମେତ ବିଲଡର ବିବେକାନନ୍ଦ ସାମଲଙ୍କ ନାମରେ ମଧ୍ୟ ସିଭିଲ ସୁଟ୍ ଚାଲିଥିବା ଜାଣିବାକୁ ପାଇଥିଲେ। ମନ୍ଦର ନାୟକ ୧୯୮୩ ମସିହାରେ ରାଜୀବ ନାୟକ ଓ ଗୌରାଙ୍ଗ ନାୟକଙ୍କୁ ଜମି ବିକ୍ରି କରି ଦେଇଥିବା ଇସି ଯାଞ୍ଚରୁ ଜଣାପଡ଼ିଥିଲା। ଠକେଇରେ ଶିକାର ହୋଇଥିବା ଜାଣିବା ପରେ ଶ୍ରୀ ରାଉତ ବିଲଡର ବିବେକାନନ୍ଦଙ୍କୁ ସମାଧାନ ପାଇଁ କହିଥିଲେ। ହେଲେ ସେ ଧରାଛୁଆଁ ଦେଇନଥିଲେ। ଶେଷରେ ବାଧ୍ୟ ହୋଇ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାଜୀବ ନାୟକ ଓ ଗୌରାଙ୍ଗ ନାୟକଙ୍କ ପରିବାର ସହିତ ବୁଝାମଣା କରିଥିଲେ। ବୁଝାମଣା ଦ୍ୱାରା ୨୦୨୩ ମସିହା ମାର୍ଚ୍ଚ ମାସରେ ଏହି ଜମି ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଠକାମିର ଶିକାର ହେବାପରେ ଡିଏସ୍‌ପି ଅତନୁ କୁମାର ରାଉତ ଗତ ୨୦୨୩ ମସିହା ନଭେମ୍ବର ୨୪ ତାରିଖ ଦିନ ଜମି ମାଲିକ ମୃତକ ମନ୍ଦର ନାୟକ ଓ ବିଲଡର ବିବେକାନନ୍ଦ ସାମଲଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ କେସ୍ ନଂ ୪୮୩/୨୩ ରେ ଦଫା ୪୨୦/୪୬୫/୪୬୭/୪୬୮/୪୭୧ ଓ ୩୪ ଆଇପିସି ଲଗାଇ ମାମଲା ରୁଜୁ କରିଥିଲା। ଏହାର ୧୫ ମାସ ପରେ ଅର୍ଥାତ୍ ଆଜି ବିଲଡର ବିବେକାନନ୍ଦଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର (ପିପିଏସ୍):** ପୂର୍ବତଟ ରେଳପଥ ଦ୍ୱାରା ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ସହ ମିଳିତ ଭାବେ ରେଳ ଅଡିଟୋରିୟମ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ରେଳ କର୍ମଚାରୀଙ୍କୁ ସମ୍ବୋଧିତ କରିବା ସହ ପ୍ରତ୍ୟେକ ମହିଳା ନିଜ ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିବା, ବିଭିନ୍ନ ଆହ୍ୱାନକୁ ଦୂର କରିବା ଏବଂ ନିଜ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବା ସହିତ ନିଜ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିବା ଉଚିତ ବୋଲି ଇକୋରୋ ସଭାପତି କବିତା ଫୁଙ୍କୱାଲ୍ କହିଛନ୍ତି। ଏହି ଅବସରରେ, ଖୋର୍ଦ୍ଧା ରୋଡ ମଣ୍ଡଳର ମଣ୍ଡଳ ସ୍ୱାସ୍ଥ୍ୟ ଅଧିକାରୀ ଡ. ପି. ଭରଲକ୍ଷ୍ମୀ ମହିଳାଙ୍କ ମଧ୍ୟରେ ଥିବା ସାଧାରଣ ସ୍ତ୍ରୀ ରୋଗ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଏହା ସହିତ, ବିଶାଖାପାଟଣାର ଷ୍ଟେସନ ସୁପରିଣ୍ଟେଣ୍ଡେଣ୍ଟ ଆଲା ଅରୁଣାଶ୍ରୀ ରେଳ ପରିଚାଳନାର ବିଭିନ୍ନ ଦିଗରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରି ଭାରତୀୟ ରେଳପଥକୁ ପରିବର୍ତ୍ତନ କରିବାରେ ସେମାନଙ୍କୁ ଯୋଦ୍ଧା ଭାବରେ ବର୍ଣ୍ଣନା କରିଥିଲେ। ୨୮ ଜଣ ମହିଳା ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଖୋର୍ଦ୍ଧା ରୋଡ, ୱାଲଟିୟର, ରାୟଗଡା ଏବଂ ସମ୍ବଲପୁର ରେଳ ମଣ୍ଡଳ ମୁଖ୍ୟାଳୟ ସହ ରେଳପଥର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରେ ମଧ୍ୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ପୂର୍ବତଟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ (ସାଧାରଣ) ସୂର୍ଯ୍ୟ ପ୍ରକାଶ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରି ରେଳପଥରେ ମହିଳା କର୍ମଚାରୀମାନଙ୍କ ଆନ୍ତରିକ ଅବଦାନ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ପକ୍ଷରୁ ମହୁମାଛି ବାକ୍ସ ବଣ୍ଟନ



**ଭୁବନେଶ୍ୱର (ପିପିଏସ୍):** ନୂତନ ଭାରତ ପାଇଁ ନୂତନ ଖଦିକୁ ସୃଦୁଢ଼ କରିବା ଉଦ୍ଦେଶ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଣାଳୟ ପକ୍ଷରୁ ମହୁମାଛି ବାକ୍ସ ଓ ଅନ୍ୟ ଉପକରଣ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ଦିଲ୍ଲୀସ୍ଥିତ ଖଦି ଓ ଗ୍ରାମୋଦ୍ୟୋଗର ରାଜଘାଟ କାର୍ଯ୍ୟାଳୟରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ହୋଇଥିଲା। ଏଥିରେ ଉଦ୍‌ବୋଧନ ଦେଇ ଆୟୋଗର ଅଧକ୍ଷ ମନୋଜ କୁମାର ଆଲୋକପାତ କରିଥିଲେ ପ୍ରଧାନମନ୍ତ୍ରୀ ଗ୍ରାମାଞ୍ଚଳରେ 'ମଧୁ ବିପ୍ଲବ' ବିସ୍ତାର କରିବାର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ମହୁମାଛି ପାଳନକାରୀମାନଙ୍କୁ ମହୁମାଛି ଦଳ ସହିତ ମହୁମାଛି ବାକ୍ସ ଏବଂ ଉପକରଣ ବଣ୍ଟନ କରିବା ପାଇଁ 'ମହୁ ମିଶନ' ଆରମ୍ଭ କରାଯାଇଛି। ଏ ନେଇ ଜାନୁଆରୀ ୧୪ରୁ ଫେବୃଆରୀ ୨୭ ପର୍ଯ୍ୟନ୍ତ ମହାକୁମ୍ଭ ସମୟରେ ପ୍ରୟାଗରାଜରେ ଏକ ଜାତୀୟ ସ୍ତରୀୟ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ 'ଖଦି ବିପ୍ଳବ'ର ଫଳସ୍ୱରୂପ ପ୍ରଦର୍ଶନୀରେ ଖଦି ଉତ୍ପାଦିତ ସାମଗ୍ରୀର ଐତିହାସିକ ବିକ୍ରୟ ରେକର୍ଡ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୬ ଟି ରାଜ୍ୟର ୨୦୫ ଜଣ ମହୁମାଛି ପାଳନକାରୀଙ୍କୁ ୨୦୫୦ଟି ମହୁମାଛି ବାକ୍ସ, ମହୁମାଛି ଦଳ ଏବଂ ଉପକରଣ ବଣ୍ଟନ କରିଛନ୍ତି। ଏଥିମଧ୍ୟରେ ଓଡ଼ିଶାକୁ ୧୫୦ଟି ମହୁ ବାକ୍ସ ବଣ୍ଟନ କରାଯାଇଛି।

# ସ୍କାଉଟ୍‌ସ୍ ଏବଂ ଗାଇଡ୍‌ସ୍‌ର 'ସମର୍ଥ ଯୁବା' ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ ଦ୍ୱାରା ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ରୋଭର ଏବଂ ରେଞ୍ଜରମାନଙ୍କୁ ନେଇ ମଙ୍ଗଳବାରୁ ଆରମ୍ଭ ହୋଇଥିବା 'ସମର୍ଥ ଯୁବା' ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ମୁଖ୍ୟ କମିସନର ତଥା ଜାତୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ର ନିଜ ବକ୍ତବ୍ୟରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ଲୁଚି ରହିଥବା ଯୁବ ପ୍ରତିଭାମାନଙ୍କୁ ଖୋଜି ବାହାର କରି ସେମାନଙ୍କୁ ଉତ୍ସାହିତ କରିବା ଲାଗି ଏହି ଶିବିରର ଆୟୋଜନ କରାଯାଇଛି ବୋଲି କହିଥିଲେ। ଏହି ଶିବିରରେ ଓଡ଼ିଶାର ୫୨ଟି ମହାବିଦ୍ୟାଳୟରୁ ୪୫୦ ଜଣ ରୋଭର, ରେଞ୍ଜର, ରୋଭର ସ୍କାଉଟ ଲିଡର, ରେଞ୍ଜର ଲିଡର ଯୋଗ ଦେଇଥିଲେ। ଏହି ଅବସରରେ ପାଇଓନେରିଙ୍ଗ୍, ପ୍ରାଥମିକ ଚିକିତ୍ସା, ଆଡ୍‌ଭୋକେସି କର୍ପୂର, ପରିବେଶ ସଚେତନତା, ବକ୍ତୃତା ପ୍ରତିଯୋଗିତା, ଆତ୍ମରକ୍ଷା କୌଶଳ ତାଲିମ୍ ଆଦି ଦିଆଯାଇଥିଲା। ଏହାବ୍ୟତୀତ ବନ୍ୟଜନ୍ତୁ ଉପରେ ଜୀବନବ୍ୟାପୀ ଗବେଷଣା କରୁଥିବା ଡ. ଲାଲା ଅଶ୍ୱିନୀ କୁମାର ସିଂହଙ୍କ ଦ୍ୱାରା ପରିବେଶ ସନ୍ତୁଳନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଶିବିରଟିକୁ ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ, ଆଡିମିନିଷ୍ଟ୍ରେଟିଭ୍ ଅଫିସର ଅନାମିକା ଦାସ, ଯୁଗ୍ମ ସଂଗଠନ କମିସନର ପୁଷ୍ପାଞ୍ଜଳି ମହାପାତ୍ର, ରାଜ୍ୟ ତାଲିମ୍ କମିଶନର ସୁରଜିତ୍ ସେନ୍‌ଙ୍କ ତତ୍ତ୍ୱାବଧାନରେ କରାଯାଇଥିବାବେଳେ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଏହି ଶିବିରରେ ସହାୟତା କରିଥିଲେ। ଶେଷରେ କୃତୀ ରୋଭର, ରେଞ୍ଜରମାନଙ୍କୁ ରାଜ୍ୟ ମୁଖ୍ୟ କମିସନର ଡ. ମିଶ୍ର ପୁରସ୍କୃତ କରିଥିଲେ।



# ଠକେଇ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର (ସମିସ):** ତିନି ଲକ୍ଷ ୪୦ ହଜାର ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଡ଼ଗଡ଼ ଥାନା ବ୍ରହ୍ମେଶ୍ୱର ପାଟଣାରେ ରହୁଥିବା ନିମାପଡ଼ା ଥାନା ଜଇନାବାଦର ଅସିମ ଅମିତାଭ ମହାନ୍ତି (୩୮)। ଅସିମ୍ ସୌଭାଗ୍ୟ ନଗରରେ ରହୁଥିବା ଜଣେ ମହିଳାଙ୍କ ସହିତ ବନ୍ଧୁତା କରିବା ପରେ ବିଭିନ୍ନ ସମୟରେ ଟଙ୍କା ନେଇ ଠକିଥିବା ଅଭିଯୋଗ ହୋଇଛି।

# ଆନ୍ତର୍ଜାତିକ ମହିଳା ଦିବସରେ କୃତୀ ପ୍ରତିଯୋଗୀ ସମ୍ମାନିତ

**ଭୁବନେଶ୍ୱର (ପିପିଏସ୍):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇଆଇଇସି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ୍ ଆଣ୍ଡ କେୟାର) ପକ୍ଷରୁ ଭୁବନେଶ୍ୱର ସହରାଞ୍ଚଳର ୧୫ଟି ବସ୍ତିରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ମହିଳା ଓ ବାଳିକା ମାନଙ୍କ ମଧରେ ଝୋଟି, ପୁଚି, ନୃତ୍ୟ, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଶୁକ୍ରବାର ଆୟୋଜିତ 'ପ୍ରତିଭା ସମ୍ମାନ-୨୦୨୫' କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଡ. ଶିଶିର କୁମାର ଦାସ ସଭାପତିତ୍ୱ କରି କହିଥିଲେ ଯେ, ମା' ମାନେ ସଶକ୍ତ ହେଲେ ସମାଜ ସଶକ୍ତ ଓ ବିକାଶିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଜୟାଲକ୍ଷ୍ମୀ ପାଲ ଯୋଗଦେଇ ଦୃଷ୍ଟିବାଧକତାକୁ ସାମ୍ନା କରି କିଭଳି ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ହୋଇପାରିଛନ୍ତି ସେ ବିଷୟରେ ପ୍ରେରଣାଦାୟୀ କାହାଣୀ ବର୍ଣ୍ଣନା କରିଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟବ୍ୟସାୟ ବଳରେ ନାରୀ ସମ୍ପୂର୍ଣ୍ଣା ଓ ସଶକ୍ତ ହୋଇପାରିବ



ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସମାଜର ସଭାପତି ଯୋଗେନ୍ଦ୍ର ଡାକୁଆ, ଶିକ୍ଷାବିତ୍ ଯଶୋବନ୍ତ ମାଝୀ, ମୌସୁମୀ ମିଶ୍ର, ସୁରେଶ କୁମାର ପ୍ରଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ୨୭ ଜଣଙ୍କୁ ପୁରସ୍କୃତ କରାଯିବା ସହ ୮୫ଜଣ ଜଣ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସର୍ବଶ୍ରେଷ୍ଠ ସଫଳତା ପାଇଁ ୩ଟି ମହିଳା ଗୋଷ୍ଠୀ ଯଥା 'ସୁଭଦ୍ରା କ୍ୟାଣ୍ଟିନ୍', 'ମା ବୁଢ଼ୀ ଠାକୁରାଣୀ ସଂକୀର୍ତ୍ତନ ମଣ୍ଡଳୀ' ଓ 'ଓଁ ଶ୍ରୀରାଧେ ମହିଳା ସଂକୀର୍ତ୍ତନ ମଣ୍ଡଳୀ'ଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା। ଏଥିରେ ଆଇଆଇଇସି ନିର୍ଦ୍ଦେଶକ ଡ. ଦାସ ସତତ ସହର ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପ୍ରକଳ୍ପ ସଂଯୋଜକ ସ୍ମୃତି ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବଂଶୀଧର ସାହାଣୀ, ମିନତୀ ପ୍ରହରାଜ, ରଶ୍ମୀ ରଞ୍ଜନ ଚମ୍ପତି, ପ୍ରତ୍ୟୁଷ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ମହିଳାଙ୍କ ଦ୍ୱାରା ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# କର୍ମବୀର ଗୌରୀଶଙ୍କରଙ୍କ ପୁଣ୍ୟତିଥି ପାଳିତ

**ଭୁବନେଶ୍ୱର (ପିପିଏସ୍):** କର୍ମବୀର ଗୌରୀଶଙ୍କର ଥିଲେ ଓଡ଼ିଆ ସଂସ୍କୃତି ଓ ଅସ୍ମିତା ସୁରକ୍ଷାର ଜାଗ୍ରତ ପ୍ରହରୀ। ଉତ୍କଳ ପ୍ରଦେଶରେ ସାମ୍ବାଦିକତା କ୍ଷେତ୍ରରେ ସେ ଭୀଷ୍ମ ପିତାମହ। ସେ ପ୍ରଥମେ 'ଉତ୍କଳ ଦୀପିକା' ପ୍ରକାଶ କରି ଜଗତର ଖବର ଜନତାଙ୍କ ନିକଟରେ ପହଞ୍ଚାଇଥିଲେ ବୋଲି ଶୁକ୍ରବାର ତାଙ୍କର ୧୦୮ ତମ ପୁଣ୍ୟ ତିଥିରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପି.ଏମ୍.ଜି. ଛକଠାରେ କର୍ମବୀର ଗୌରୀଶଙ୍କରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିସ୍ଥଳରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଗୌରୀଶଙ୍କରଙ୍କ ସୁଯୋଗ୍ୟ ଦାୟାଦ ଉଦୟ ଶଙ୍କର ରାୟ, ବାବାଜୀ ଚାନ୍ଦ, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରଗତି ରଥ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସତ୍ୟବ୍ରତ ଜେନା, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ନିସ୍‌ର ରୌପ୍ୟ ଜୟନ୍ତୀ 'ଡ୍ରିମ୍‌ଫେଷ୍ଟ'

**ଭୁବନେଶ୍ୱର (ପିପିଏସ୍):** ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଡ୍ରିମ୍‌ଫେଷ୍ଟ ଓ ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟବକ୍ତା ଓ ପ୍ରେରଣା ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ସମ୍ମାନୀତ ଅତିଥିସ ଭାବେ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ. ସୁଭାଷ ଚନ୍ଦ୍ର ନାୟକ ଅତିଥିମାନଙ୍କ




ପରିଚୟ ପ୍ରଦାନ କରିବା ସହିତ ଦୀର୍ଘ ୨୫ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କାନାଡାର ମିଶନ୍ ସପର୍ଟ ଭାଇସ୍ ପ୍ରେସିଡେଣ୍ଟ ପଡ୍ରିଚା ଜେପି ଓଟସେନ ଓ ପ୍ରଫେସର ଡକ୍ଟର ଡି. କେ. ଗିରି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକ୍ଟର ଡକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ପୀତାସର ଚୟନୀ, ଅଧକ୍ଷ ଡକ୍ଟର ରାଜେସ୍ ସାଇଁ ଓ ଡକ୍ଟର ଅଜିତ୍ ନାରାୟଣ ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ପରିଶେଷରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ପ୍ରଖ୍ୟାତ ସଙ୍ଗୀତକାର ସ୍ୱୟମ ପାଢ଼ୀ ରୂପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରାସ୍ତାରେ ଲହଡ଼ି ମାରୁଛି ଆବର୍ଜନା ଜଳ; ବେଫିକର ବିଭାଗ

**ଭୁବନେଶ୍ୱର (ପିପିଏସ୍):** ରାସ୍ତା ସାରା ଲହଡ଼ି ମାରୁଛି ଆବର୍ଜନା ଜଳ। ଲୋକେ ଏଥିପାଇଁ ଦୀର୍ଘଦିନ ହେବ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତଥାପି ୱାଟ୍‌କୋ ବେଫିକର ହୋଇପଡ଼ିଛି। ଫଳରେ ସାଧାରଣ ଜନତାଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି। କେତେବେଳେ ରାସ୍ତା ଖୋଳି ଦୀର୍ଘଦିନ ହେବ କାମ ପକାଇ ରଖୁଛି ତ କେତେବେଳେ ଲୋକଙ୍କୁ ମଇଳା ପାଣି ପିଆଉଛି। ଏଭଳି ଭାବେ ରାଜଧାନୀବାସୀଙ୍କୁ ବାରମ୍ବାର ପ୍ରତାରଣା ଦେବାରେ ବେଶ୍ ଦୁର୍ନାମ କମାଇଥିବା ୱାଟ୍‌କୋ ସତ୍ୟବିହାର ଅଞ୍ଚଳବାସୀଙ୍କୁ ୩ମାସ ହେବ ପ୍ରତାରଣା ଦେଇଚାଲିଛି। ଏଠାରେ ମଇଳା ପାଣି ସେରେଜ ଲାଇନ୍‌ରୁ ବାହାରି ରାସ୍ତାଘାଟ ଭାସୁଛି। ଜଳାଶୟରେ ପଡୁଛି। ମାତ୍ର ଗୋଟିଏ ମୋଟର ଲଗାଇ ପାରୁନି ବୋଲି ଏଭଳି ସ୍ଥିତି ଉପୁଯୁଛି।



ଏନେଇ ସ୍ଥାନୀୟ ଲୋକେ ୱାଟକୋ କାର୍ଯ୍ୟାଳୟରେ ହୋ ହଲ୍ଲା କରିବା ସହିତ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହାସତ୍ତ୍ୱେ ୱାଟକୋ ମୋଟର ନଲଗାଇବା ଜିଦ୍‌ରେ ଅଟଳ ରହିଛି।

ମିଳିଥିବା ସୂଚନା ମୁତାବକ, ରାଜଧାନୀର ସତ୍ୟବିହାର, କିଶନ ନଗର ଏବଂ ସପ୍ତସତୀ ନଗର ଅଞ୍ଚଳରେ ପ୍ରାୟ ୪୦ ହଜାର ଲୋକେ ବସବାସ କରନ୍ତି। ୱାଟ୍‌କୋ ପକ୍ଷରୁ ଏଠାରେ ସରେଜ ଲାଇନ୍ ବିଛାଯାଇଥିଲା। ୩ ମାସ ହେବ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସରେଜ୍ ଲାଇନ୍‌ରେ ୧୦ ଏଚ୍‌ପିର ଏକ ଅଣ୍ଡରଗ୍ରାଉଣ୍ଡ ମୋଟର ଲାଗିବାର ଥିଲା। ହେଲେ କମ୍ କ୍ଷମତା ବିଶିଷ୍ଟ ମୋଟର ଲଗାଇବାରୁ ଏହି ମୋଟରଟି ଆଉ କାମ କଲାନି। ଯାହାଫଳରେ ସରେଜ ଲାଇନ୍‌ରୁ ମଇଳା ପାଣି ବାହାରି ରାସ୍ତାରେ ଭାସିଲା। ଲୋକେ ହନ୍ତସନ୍ତ ହୋଇ ହୋ ହଲ୍ଲା କରିବାରୁ ୱାଟକୋ ଅସ୍ଥାୟୀ ବ୍ୟବସ୍ଥା କଲା। ଅଣ୍ଡର ଗ୍ରାଉଣ୍ଡ ମୋଟର ଟିଏ ଲାଗାଇବା ବଦଳରେ ବାହାରେ ମୋଟର ଲଗାଇ ଡ୍ରେନ୍‌କୁ ସରେଜ୍ ପାଣି ଛାଡିଦେଲା। ଏହା ସହିତ କିଶାନନଗର ଏବଂ ସପ୍ତସତୀ ନଗର ଅଞ୍ଚଳରେ ସେରେଜ୍ ଲାଇନ୍‌ରେ ଜଳ ପ୍ରବାହ ବନ୍ଦ କରିଦେଲା।

ଏହାଦ୍ୱାରାରେ ଡ୍ରେନ୍‌ରୁ ପାଣି ବାହାରି ୩ ମାସ ହେବ ରାସ୍ତାରେ ଭାସୁଛି। ହେଲେ ୱାଟକୋ କିନ୍ତୁ ମୋଟର ଲଗାଯିବ ବୋଲି କହି ସମୟ ଗଡ଼ାଇ ଚାଲିଛି। କିଛିଦିନ ତଳେ ଏହାକୁ ନେଇ ସ୍ଥାନୀୟ ଲୋକେ ୱାଟକୋ କାର୍ଯ୍ୟାଳୟକୁ ଯାଇ ସେଠାରେ ହୋ ହଲ୍ଲା କଲେ। ହେଲେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଆସିଲା ନାହିଁ। ଏଭଳି ରାସ୍ତାରେ ମଇଳା ପାଣି ମାଡ଼ିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଦୁର୍ଗନ୍ଧ ହେଉଛି। ମଶାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି।

ଅନ୍ୟପକ୍ଷରେ କିଶାନନଗର ଏବଂ ସପ୍ତସତୀନଗର ଅଞ୍ଚଳରେ ସେରେଜ ଲାଇନ୍ ବନ୍ଦ ଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। କିଛି ଲୋକେ ନିକଟସ୍ଥ ଲିଙ୍ଗିପୁର ଦୟା ୱେଷ୍ଟ କେନାଲକୁ ସିଧାସଳଖ ସେରୋଜ୍ ପାଣି ଛାଡୁଛନ୍ତି। ଯାହାଫଳରେ ପ୍ରାକୃତିକ ଜଳାଶୟ ନଷ୍ଟ ହେଉଛି। ସ୍ଥାନୀୟ ଅଞ୍ଚଳର କିଛି ଜଳାଶୟ ଏବଂ ଖାଲି ସ୍ଥାନରେ ମଇଳା ପାଣି ଭର୍ତ୍ତି ହୋଇ ଦୁର୍ଗନ୍ଧ ଛାଡୁଛି। ଲୋକେ ସନ୍ଧ୍ୟା ହେଲେ ମଶାଙ୍କ ଉତ୍ପାତ ଯୋଗୁଁ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇପଡୁଛି। ୱାଟକୋ ମୋଟର ଟିଏ ଲଗାଇଦେଲେ ସମସ୍ୟା ସମାଧାନ ହୋଇଯିବ। କିନ୍ତୁ ଲୋକଙ୍କୁ ପ୍ରତାରଣା କରିବାରେ ବ୍ୟସ୍ତ ୱାଟକୋ ତିନି ମାସ ହେବ ନିଦାବିଷ୍ଣୁ ପାଲଟିଛି।






## ଚନ୍ଦ୍ରରେ ମିଳିଲା ପାଣି !



ନୂଆଦିଲ୍ଲୀ: ଜହ୍ନରେ ଥାଇପାରେ ଆଶାଠୁ ଅଧିକ ପାଣି। ଚନ୍ଦ୍ରପୃଷ୍ଠରେ ଥାଇପାରେ ବରଫର ଭଣ୍ଡାର। ଚନ୍ଦ୍ରଯାନ-୩ ତଥ୍ୟରୁ ସାମ୍ନାକୁ ଆସିଲା ବଡ଼ ସମ୍ଭାବନା। ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟଲ୍ୟାଣ୍ଡିଂ କରି ଭାରତକୁ ଐତିହାସିକ ସଫଳତା ଦେଇଥିବା ଚନ୍ଦ୍ରଯାନ-୩, ଜହ୍ନ ରାଇଜରେ ଜଳର ସନ୍ଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ସଫଳତା ସାଉଁଟିଛି। ଚନ୍ଦ୍ରପୃଷ୍ଠର ତାପମାତ୍ରାକୁ ନେଇ ଲ୍ୟାଣ୍ଡର ବିକ୍ରମ ଦ୍ୱାରା ସଂଗୃହିତ ତଥ୍ୟରୁ ଅନୁମାନ କରାଯାଉଛି ଯେ, ଚନ୍ଦ୍ରପୃଷ୍ଠ ତଳେ ପ୍ରଚୁର ପରିମାଣରେ ବରଫ ଥାଇପାରେ। ପୂର୍ବରୁ ଯେତିକି ଅନୁମାନ କରାଯାଉଥିଲା, ତା' ଠାରୁ ଅଧିକ ସ୍ଥାନରେ ବରଫ ଥାଇପାରେ ବୋଲି ଆଶା କରାଯାଉଛି। ବିଶେଷ କରି ମେରୁ ଅଞ୍ଚଳରେ ବରଫର ପରିମାଣ ଅଧିକ ରହିପାରେ। ଅହମ୍ମଦାବାଦ ସ୍ଥିତ ଫିଜିକାଲ୍ ରିସର୍ଚ୍ଚ ଲାବୋରେଟରିର ଦୁର୍ଗା ପ୍ରସାଦ କରନମଙ୍କ ନେତୃତ୍ୱରେ ଚନ୍ଦ୍ରଯାନ-୩ ରିସର୍ଚ୍ଚ ଟିମ୍ ଏହି ଦାବି କରିଛନ୍ତି। ୨୦୨୩ ମସିହା ଅଗଷ୍ଟ ୨୩ରେ ଲ୍ୟାଣ୍ଡର ବିକ୍ରମ ଶିବଶକ୍ତି ପଏଣ୍ଟରେ ସଫ୍ଟଲ୍ୟାଣ୍ଡିଂ କରିବା ପରେ, ଏଥିରେ ଲାଗିଥିବା ଥର୍ମୋମିଟର ଭଳି ଯନ୍ତ୍ର ଚାଷ୍ଟେ ଚନ୍ଦ୍ରପୃଷ୍ଠର ତାପମାତ୍ରା ମାପିଥିଲା। ୧୦ ସେଣ୍ଟିମିଟର ମାଟି ତଳେ ଏହା ଦିନ ବେଳା ୮୨ ଡିଗ୍ରୀ ସେଲସିୟସ ଓ ରାତିରେ ମାଇନସ୍ ୧୭୦ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରିଥିଲା। ତେବେ ଛାଇରେ ୧୪ ଡିଗ୍ରୀରୁ ଅଧିକ ଢାଲୁ ଜାଗାରେ ବରଫ ସୃଷ୍ଟି ହେଲା ଭଳି ଅନୁକୂଳ ପରିସ୍ଥିତି ରହୁଥିବା ଗବେଷକ ଟିମ୍ ଦାବି କରିଛନ୍ତି । ସୂଚନା ଯୋଗ୍ୟ ଯେ, ଇସ୍ରୋର ପ୍ରଥମ ମୁନ୍ ମିଶନ ଚନ୍ଦ୍ରଯାନ-୧ ପ୍ରଥମେ ଜହ୍ନରେ ଜଳର ସନ୍ଧାନ କରି ସାରା ବିଶ୍ୱକୁ ଚମକାଇ ଦେଇଥିଲା।

# ମହିଳାଙ୍କ ଆଶୀର୍ବାଦ ମୋ ପାଇଁ ଶକ୍ତି : ମୋଦୀ

ଅହମ୍ମଦାବାଦ : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗୁଜୁରାଟର ନଭସାରୀରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ମହିଳାଙ୍କ ଆର୍ଶୀବାଦ ମୋ ପାଇଁ ଶକ୍ତି । ଏହା ମୋର ସବୁଠୁ ବଡ ପୁଞ୍ଜି । ମୋ ସୁରକ୍ଷା କବଚ । ମୁଁ ଗର୍ବରେ କହିବି ଯେ ଦୁନିଆର ସବୁଠୁ ଧନୀ ବ୍ୟକ୍ତି । ନାରୀଙ୍କ ସମ୍ମାନ, ସମାଜ ଏବଂ ଦେଶର ବିକାଶର ପ୍ରଥମ ସୋପାନ । ବିକଶିତ ଭାରତ ପାଇଁ ମହିଳାଙ୍କ ନେତୃତ୍ୱାଧୀନ ରାସ୍ତାରେ ଚାଲିବାକୁ ହେବ ବୋଲି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି । 'ମୁଁ ଦୁନିଆର ସବୁଠୁ ଧନୀ ବ୍ୟକ୍ତି'- ଏହି ପବିତ୍ର ଦିବସରେ ସମସ୍ତଙ୍କୁ ଶୁଭେଚ୍ଛା । ମୁଁ ଗର୍ବର ସହିତ କହିବି କି ଦୁନିଆର ସବୁଠୁ ଧନବାନ ବ୍ୟକ୍ତି । ଏହା ହୁଏତ କାହାକୁ ଠିକ୍ ନ ଲାଗି ପାରେ । ଟ୍ରୋଲସେନା ହୁଏତ ମୋତେ ଘେରି ଯାଇପାରନ୍ତି । ତଥାପି ମୁଁ କହିବି ଦୁନିଆର ସବୁଠୁ ଧନୀ ବ୍ୟକ୍ତି । ମୋ ଜୀବନ ଆକାଉଣ୍ଟରେ କୋଟି କୋଟି ମହିଳାଙ୍କ ଆର୍ଶୀବାଦ ଅଛି । ଏହା ନିରନ୍ତର ବଢିବାରେ ଲାଗିଛି।



ମହିଳାଙ୍କ ଆର୍ଶୀବାଦ ମୋ ପାଇଁ ଶକ୍ତି । ଏହା ମୋର ସବୁଠୁ ବଡ ପୁଞ୍ଜି । ମୋ ସୁରକ୍ଷା କବଚ । ନାରୀଙ୍କ ସମ୍ମାନ ସମାଜ ଏବଂ ଦେଶର ବିକାଶର ପ୍ରଥମ ପାହାଚ । ତେଣୁ ବିକଶିତ ଭାରତ ପାଇଁ ଦେଶକୁ ଦ୍ରୁତ ଗତିରେ ବିକାଶ ପାଇଁ ଭାରତକୁ ମହିଳା ନେତୃତ୍ୱାଧୀନ ରାସ୍ତାରେ ଚାଲିବାକୁ ହେବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଗାନ୍ଧିଜୀ କହୁଥିଲେ ଦେଶର ଆତ୍ମା ଗ୍ରାମୀଣ ଭାରତରେ ରହିଛି । ଆଜି ମୁଁ ଏହି ପଂକ୍ତିରେ ନୂଆ କିଛି ଯୋଡିବାକୁ ଚାହୁଁଛି...ଗ୍ରାମୀଣ ଭାରତର ଆତ୍ମା, ଗ୍ରାମୀଣ ନାରୀର ସଶକ୍ତିକରଣରେ ରହିଛି । ଆଜି ଦେଶର ନାରୀଶକ୍ତି ସବୁ ଆଶଙ୍କାକୁ ପରାସ୍ତ କରି ସବୁ ସନ୍ଦେହକୁ ପଛରେ ପକାଇ ଆଗକୁ ବଢୁଛି । ବିଗତ ଦିନରେ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଥିଲା । ମହିଳାଙ୍କ ବିରୋଧରେ ହେଉଥିବା ଅପରାଧକୁ ରୋକିବାକୁ ନିୟମ-କାନୁନକୁ ଆମେ ଅଧିକ ସଶକ୍ତ କରିଛୁ । ରାଜନୀତି ହେଉ କି ଖେଳ ମଇଦାନ କିମ୍ବା ନ୍ୟାୟପାଳିକା ସବୁ କ୍ଷେତ୍ରରେ ମହିଳାଙ୍କ ଅବଦାନ ରହିଛି । ୨୦୧୪ ପରଠୁ ଦେଶରେ ବଡ ବଡ ପଦରେ ମହିଳା ସ୍ଥାନ ଅଧିକାର କରିଛନ୍ତି । ଆମକୁ ଯେବେ ନୂଆ ସଂସଦ ଭବନ ମିଳିଲା ଆମେ ପ୍ରଥମେ ନାରୀ ଶକ୍ତି ବନ୍ଦନମ ଅଧିନିୟମ ଆଣିଲୁ । ପ୍ରଥମ ନାରୀଶକ୍ତି ବିଲ୍ ଆଣିଲୁ ।'' ମହିଳା ଦିବସ ଅବସରରେ ଗୁଜୁରାଟ ନବସାରୀରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନମନ୍ତ୍ରୀ ସାମିଲ ହୋଇଛି । ମୋଦିଙ୍କ ସୁରକ୍ଷାରେ ଗୋଟିଏ ଦିନ ପାଇଁ କେବଳ ମହିଳା ଅଧିକାରୀ ମୁତୟନ ହୋଇଛନ୍ତି । କାର୍ଯ୍ୟକ୍ରମକୁ ଅଭିଭାଷଣ କରିବା ପୂର୍ବରୁ ସମସ୍ତଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ । ୭୦୦ ମିଟର ରୋଡ ଶୋ କରିଥିଲେ । ଏହି ସମୟରେ ତାଙ୍କ ସୁରକ୍ଷାରେ କେବଳ ମହିଳା ଅଧିକାରୀ ମୁତନୟ ହୋଇଥିବା ଦେଖିବାକୁ ମିଳିଛି ।

## ରାହୁଲଙ୍କ ମାନସିକ ସ୍ଥିତି ବିଗିଡ଼ିଯାଇଛି: ବିଜେପି ନେତା ସୁଧାଂଶୁ ତ୍ରିବେଦୀ

ନୂଆଦିଲ୍ଲୀ: ଗୁଜୁରାଟ କଂଗ୍ରେସ ଉପରେ ଦଳୀୟ ନେତା ରାହୁଲ ଗାନ୍ଧୀ ଦେଇଥିବା ବୟାନ ପରେ ରାଜନୀତି ଉଷ୍ମ ହୋଇଛି। ଭାରତୀୟ ଜନତା ପାର୍ଟି (ବିଜେପି) କହିଛି ଯେ ଅନ୍ୟମାନଙ୍କୁ ଦୋଷ ଦେବା ସହିତ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜ ଲୋକଙ୍କୁ ମଧ ଦୋଷ ଦେବା ଆରମ୍ଭ କରିଛନ୍ତି। ବିଜେପି ନେତା ସୁଧାଂଶୁ ତ୍ରିବେଦୀ କହିଛନ୍ତି ଯେ କେବଳ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ହିଁ ନିଜ ଦଳର ସଦସ୍ୟଙ୍କୁ ସାର୍ବଜନୀନ ଭାବରେ ଅପମାନିତ କରିପାରିବେ। ସେ ପଚାରିଥିଲେ ଯେ ରାହୁଲ ଗାନ୍ଧୀ ବିଦେଶ ଗଲେ କାହାକୁ ଭେଟନ୍ତି। ବିଜେପି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, 'ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ କ୍ଷମତାକୁ ଆସିବା ପରଠାରୁ ଗୁଜରାଟରେ କଂଗ୍ରେସ ଦଳର ଅବସ୍ଥା ଖରାପ ହୋଇଯାଇଛି। ରାହୁଲ ଗାନ୍ଧୀ ବାମପନ୍ଥୀ ଏବଂ ନକ୍ସଲବାଦୀଙ୍କୁ ସମର୍ଥନ କରନ୍ତି। ଗଣମାଧ୍ୟମକୁ ଅପବ୍ୟବହାର କରିବା ସହିତ, ରାହୁଲ ଗାନ୍ଧୀ ଏବେ ନିଜ ଦଳର ନେତାମାନଙ୍କୁ ଅପବ୍ୟବହାର କରିବା ଆରମ୍ଭ କରିଛନ୍ତି, ତେଣୁ ମୁଁ କହୁଛି ଯେ ଏହା ରାହୁଲ ଗାନ୍ଧୀଙ୍କ ମାନସିକ ଅବସ୍ଥା ଖରାପ ହେବାର ପରିଣାମ।'



ସେ କହିଛନ୍ତି, 'ପ୍ରଧାନମନ୍ତ୍ରୀ ମୋଦୀ ଦେଶର ଗୃହମନ୍ତ୍ରୀ ଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସବୁଠାରୁ ଉଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ, କିନ୍ତୁ ଆଜି ପର୍ଯ୍ୟନ୍ତ କଂଗ୍ରେସରୁ କେହି ଏହାକୁ ଦେଖିବାକୁ ଯାଇନାହାଁନ୍ତି। ରାହୁଲ ଗାନ୍ଧୀ କହୁଛନ୍ତି ଯେ ତାଙ୍କର କିଛି ନେତା ଶିକୁଳିରେ ବନ୍ଧା ହୋଇଛନ୍ତି। ଯଦି ପରିବାରବାଦର ଶୃଙ୍ଖଳ ନ ଥାଆନ୍ତା, ତେବେ ଅନେକ ଲୋକ ଦଳ ଛାଡିବାକୁ ଇଚ୍ଛୁକ ହୋଇଥାଆନ୍ତେ।' ବାସ୍ତବରେ ଲୋକସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁଜୁରାଟ ଗସ୍ତରେ ଅଛନ୍ତି। ଅହମ୍ମଦାବାଦରେ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରିବା ସମୟରେ ସେ କହିଥିଲେ ଯେ ଯେଉଁମାନେ ଦଳର ବିଚାରଧାରା ବିରୁଦ୍ଧରେ କାମ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ। ସେ କହିଛନ୍ତି ଯେ କଂଗ୍ରେସରେ ଦୁଇ ପ୍ରକାରର ଲୋକ ଅଛନ୍ତି, ଜଣେ ଯେଉଁମାନେ ଦଳର ବିଚାରଧାରା ପ୍ରତି ପ୍ରତିବଦ୍ଧ ଏବଂ ଲୋକଙ୍କ ପାଇଁ କାମ କରୁଛନ୍ତି ଏବଂ ଦ୍ୱିତୀୟ ଯେଉଁମାନେ ଭାରତୀୟ ଜନତା ପାର୍ଟି (ବିଜେପି) ସହିତ ସମ୍ପର୍କ ରଖିଛନ୍ତି।

## ୧୮ ବର୍ଷ ଫେରାର ପରେ ଧରାପଡ଼ିଲା ହିଜବୁଲର ଆତଙ୍କବାଦୀ



ନୂଆଦିଲ୍ଲୀ: ମୁରାଦାବାଦ ପୋଲିସ ଏବଂ ଉତ୍ତରପ୍ରଦେଶ ଏଟିଏସର ମିଳିତ ଟିମ ଆତଙ୍କବାଦୀ ସଂଗଠନ ହିଜବୁଲ ମୁଜାହିଦ୍ଦିନର ଜଣେ ଆତଙ୍କବାଦୀକୁ ଗିରଫ କରିଛି । ଜମ୍ମୁ-କାଶ୍ମୀରର ପୁଞ୍ଚ ଜିଲ୍ଲାର ବାସିନ୍ଦା ଉଲଫତ ହୁସେନ ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବାବେଳେ ତା ଉପରେ ୨୫,୦୦୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ଏବଂ ସେ ୧୮ ବର୍ଷ ଧରି ଫେରାର ଥିଲା। ୨୦୦୨ ମସିହାରେ ଗିରଫ ହେବା ପରେ, ୨୦୦୮ ମସିହାରେ ତାଙ୍କୁ ଜାମିନରେ ମୁକ୍ତ କରାଯାଇଥିଲା ଏବଂ ତା'ପରେ ସେ କୋର୍ଟରେ ହାଜର ହେଉ ନଥିଲେ। ଏଟିଏସ ୟୁନିଟ୍ ଏବଂ ମୁରାଦାବାଦ ପୋଲିସ ତାଙ୍କୁ ପୁଞ୍ଚରୁ ଗିରଫ କରିଛି। ଉଲ୍ଲେଖ ଥାଉ କି ଆତଙ୍କବାଦୀ ଉଲଫତ ହୁସେନ ଓରଫ ମହମ୍ମଦ ସୈଫୁଲ୍ଲା ୧୯୯୯-୨୦୦୦ ମସିହାରେ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ଆତଙ୍କବାଦୀ ତାଲିମ ନେଇଥିଲା । ତା'ପରେ ସେ ମୁରାଦାବାଦ ଆସି ଏକ ବଡ଼ ଆତଙ୍କବାଦୀ ଆକ୍ରମଣ କରିବାକୁ ଯୋଜନା କରୁଥିଲା। ତଦନ୍ତରୁ ଜଣାପଡିଥିଲା ଯେ ଉଲଫତ ହୁସେନ ହିଜବୁଲ ମୁଜାହିଦ୍ଦିନର ଜଣେ ସକ୍ରିୟ ସଦସ୍ୟ ଥିଲେ। ମୋରାଦାବାଦର ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ-୧୪ ୨୦୧୫ ଏବଂ ୨୦୨୫ରେ ସ୍ଥାୟୀ ୱାରେଣ୍ଟ ଜାରି କରିଥିଲେ। ଗିରଫ ଆତଙ୍କବାଦୀଙ୍କୁ ପଚରାଉଚରା ଚାଲିଛି ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହାର ତଦନ୍ତ କରୁଛନ୍ତି। ସେ କ'ଣ କୌଣସି ନୂତନ ଆତଙ୍କବାଦୀ ମଡ୍ୟୁଲ୍ ସହିତ ଜଡିତ ଥିଲେ ନା ସେ କୌଣସି ବଡ଼ ଷଡ଼ଯନ୍ତ୍ର ପାଇଁ ପ୍ରସ୍ତୁତି କରୁଥିଲେ ? ତାଙ୍କୁ ଖୁବ୍‌ଶୀଘ୍ର କୋର୍ଟରେ ହାଜର କରାଯିବ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଚାଇନା ଉପରେ ବିଶ୍ୱାସ କରାଯାଇପାରିବ ନାହିଁ : ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ



**ନୂଆଦିଲ୍ଲୀ :** ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶନିବାର ଚାଇନା ଏବଂ ପାକିସ୍ତାନ ସମ୍ପର୍କକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଚାଇନା ଉପରେ ବିଶ୍ୱାସ କରାଯାଇପାରିବ ନାହିଁ। ସେହି ସମୟରେ ପାକିସ୍ତାନ ସମ୍ପର୍କକୁ ନେଇ ମଧ ଦ୍ୱିବେଦୀ କହିଛନ୍ତି, ଏହା ଆତଙ୍କବାଦକୁ ରୋକିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ। ଭାରତୀୟ ସେନା ଦ୍ରୁତ ଗତିରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରୁଛି ଏବଂ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଚାଇନା ସହିତ ସମ୍ଭାବ୍ୟ ଯୁଦ୍ଧର ପରିସ୍ଥିତି ସେନା ମୁଖ୍ୟ କହିଛନ୍ତି, ଭାରତୀୟ ସେନା ଡ୍ରୋନ ପ୍ରଯୁକ୍ତିବିଦ୍ୟା ସମେତ ନୂତନ ସାମରିକ କ୍ଷମତା ଉପରେ ନିରନ୍ତର କାମ କରୁଛି। ସେ କହିଛନ୍ତି ଯେ, ଭାରତ ପାଖରେ ଏପରି ଉନ୍ନତ ଡ୍ରୋନ୍ ଅଛି ଯାହା ଇକ-୪୭ ଚଲାଇପାରିବ ଏବଂ କ୍ଷେପଣାସ୍ତ୍ର ନିକ୍ଷେପ କରିପାରିବ। ଯଦି ଚାଇନା ପକ୍ଷରୁ ଡ୍ରୋନ୍ ଆକ୍ରମଣ ହୁଏ, ତେବେ ଭାରତ ମଧ ସମାନ ଶକ୍ତି ସହିତ ଜବାବ ଦେବାକୁ ସମ୍ପୂର୍ଣ୍ଣ ସକ୍ଷମ। ସେହି ସମୟରେ ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଚାଇନାକୁ ବିଶ୍ୱାସ କରାଯାଇପାରିବ ନାହିଁ। ଯଦିଓ ଯୁଦ୍ଧ କୌଣସି ଦେଶର ସ୍ୱାର୍ଥରେ ନୁହେଁ, କିନ୍ତୁ ଆବଶ୍ୟକ ପଡ଼ିଲେ, ଭାରତୀୟ ସେନା ପୂର୍ଣ୍ଣ ପ୍ରସ୍ତୁତିର ସହିତ ଜବାବ ଦେବାକୁ ସକ୍ଷମ। ୨୦୨୦ରେ ପୂର୍ବ ଲଦାଖର ଡେପସାଙ୍ଗ ଏବଂ ଡେମଚୋକ ଅଞ୍ଚଳରେ ଭାରତୀୟ ଏବଂ ଚାଇନା ସୈନିକଙ୍କ ମଧ୍ୟରେ ସଂଘର୍ଷ ପରେ ପରିସ୍ଥିତି ଉପରେ ସେନା ମୁଖ୍ୟ କହିଥିଲେ ଯେ ପରିସ୍ଥିତି ଏବେ ସ୍ୱାଭାବିକ। ଯେତେବେଳେ ଆବଶ୍ୟକ ହୁଏ, ଉଭୟ ଦେଶର ସେନା ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରନ୍ତି ଯାହା ଦ୍ୱାରା ଶାନ୍ତି ବଜାୟ ରହେ। ପାକିସ୍ତାନ ସମ୍ପର୍କରେ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଏହା ଆତଙ୍କବାଦକୁ ରୋକିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ। ଏହି କାରଣରୁ ଭାରତୀୟ ସେନାକୁ ସର୍ବଦା ସକ୍ରିୟ ରହିବାକୁ ପଡ଼ିବ। ସେ ଏହା ମଧ କହିଥିଲେ ଯେ ଜମ୍ମୁ ଏବଂ କଶ୍ମୀରରେ, ଯେଉଁଠାରେ ପୂର୍ବରୁ ଆତଙ୍କବାଦର ବିପଦ ଥିଲା, ଏବେ ସେଠାରେ ପର୍ଯ୍ୟଟନ ସମୃଦ୍ଧ ହେଉଛି। ସେ କହିଥିଲେ, 'ଆମେ ଆତଙ୍କବାଦରୁ ପର୍ଯ୍ୟଟନ ପର୍ଯ୍ୟନ୍ତ ବହୁତ ଆଗକୁ ଆସିଛୁ।' ଜମ୍ମୁ ଏବଂ କଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ ସେନା ଅନେକ ସଫଳ ଅପରେଶନ କରିଛି, ଯାହା ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଆଣିଛି।

## ନେପାଳରେ ପୁଣିଥରେ ଭୂକମ୍ପ ଝଟ୍‌କା

ନୂଆଦିଲ୍ଲୀ: ନେପାଳ ଏବଂ ତିବ୍ବତର ସୀମାରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିଲା । ଶନିବାର ନେପାଳରେ ତିନିଥର ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ପୂର୍ବ ନେପାଳର ତିବ୍ବତ ସୀମା ନିକଟରେ ଅପରାହ୍ନ ୧ଟାରେ ଗୋଟିଏ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା ଏବଂ ପଶ୍ଚିମ ନେପାଳରେ ସକାଳେ ଦୁଇଟି ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ଅଧିକାରୀଙ୍କ ଅନୁଯାୟୀ, ବିଭିନ୍ନ ସ୍ଥାନରେ ହୋଇଥିବା ଭୂମିକମ୍ପ ହୋଇଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଘୋଷଣା କରାଯାଇ ନାହିଁ । ଅପରାହ୍ନ ୨ଟା୩୫ ସମୟରେ, ତିବ୍ବତର ଡିଙ୍ଗେ କାଉଣ୍ଟିରେ ୫.୯ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ଡିଙ୍ଗେ କାଉଣ୍ଟି ପୂର୍ବ ନେପାଳର ତାପଲେଜଙ୍ଗ ଜିଲ୍ଲାରୁ ପ୍ରାୟ ୧୪୦ କିଲୋମିଟର ଉତ୍ତରରେ ଅବସ୍ଥିତ । ଏହାର ପ୍ରଭାବ କାଠମାଣ୍ଡୁ ଏବଂ ଅନ୍ୟାନ୍ୟ ପୂର୍ବ ଜିଲ୍ଲାଗୁଡ଼ିକରେ ଅନୁଭୂତ ହୋଇଥିଲା। ସକାଳ ୬ଟା ୨୦ ରେ ବାଗଲୁଙ୍ଗ ଜିଲ୍ଲାରେ ଭୂମିକମ୍ପ ହୋଇଥିଲା। ଏଠାରେ ଭୂମିକମ୍ପର ତୀବ୍ରତା ୪.୧ ଥିଲା। ବାଗଲୁଙ୍ଗ କାଠମାଣ୍ଡୁରୁ ୩୦୦ କିଲୋମିଟର ଦୂରରେ ଅବସ୍ଥିତ। ମାୟାଗଡି ଜିଲ୍ଲାରେ ଭୋର ୩ଟା ୧୪ ରେ ଭୂମିକମ୍ପ ହୋଇଥିଲା। ଏଠାରେ ଭୂମିକମ୍ପର ତୀବ୍ରତା ୪.୦ ଥିଲା। ମାୟାଗଡି ବାଗଲାଙ୍ଗରୁ ୪୦ କିଲୋମିଟର ଦୂରରେ ଅବସ୍ଥିତ ।

## ଜେଲରୁ ମୁକୁଳିଲେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ ସୁକ୍ ୟେଓଲ

**ସିଓଲ:** ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟୁଲ୍ ଶନିବାର ଜେଲ୍ରୁ ମୁକ୍ତ ହୋଇଛନ୍ତି। ଶୁକ୍ରବାର ଦକ୍ଷିଣ କୋରିଆର ଏକ ଅଦାଲତ ତାଙ୍କ ମୁକ୍ତି ଆବେଦନକୁ ଗ୍ରହଣ କରି ରାଷ୍ଟ୍ରପତିଙ୍କୁ ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ମହାଭିଯୋଗର ସମ୍ମୁଖୀନ ହୋଇଥିବା ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ-ୟେଓଲ୍ ଶନିବାର ଜେଲ୍ରୁ ମୁକୁଳିଛନ୍ତି। ଜେଲରୁ ବାହାରିବା ପରେ ୟୁନ୍ ନିଜ ସମର୍ଥକଙ୍କୁ ହାତ ହଲାଇ ଓ ମୁଣ୍ଡ ନୁଆଁଇ ଶୁଭେଚ୍ଛା ଜଣାଇଥିଲେ। ଏହାର ଗୋଟିଏ ଦିନ ପୂର୍ବରୁ ଦେଶର ଏକ ଅଦାଲତ ୟୁନ୍ ଙ୍କୁ ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ସହ ତାଙ୍କ ଗିରଫଦାରୀକୁ ରଦ୍ଦ କରିଥିଲେ। ଅଦାଲତଙ୍କ ଏହି ନିଷ୍ପତ୍ତି ୟୁନଙ୍କୁ ତାଙ୍କ ବିରୋଧରେ ଥିବା ଅଭିଯୋଗ ପାଇଁ ମାମଲା ଚଳାଇବାକୁ ଅନୁମତି ଦେଇଥିଲା। ଗତ ବର୍ଷ ଶେଷରେ 'ମାର୍ଶାଲ ଲ' ଲାଗୁ କରିବା ଅଭିଯୋଗରେ ୟୁନଙ୍କୁ ଜାନୁଆରୀରେ ଗିରଫ କରାଯାଇଥିଲା ଏବଂ ତାଙ୍କ ବିରୋଧରେ ମହାଭିଯୋଗ କରାଯାଇଥିଲା।



## ୟୁକ୍ରେନ ଉପରେ ରୁଷର ଏୟାରଷ୍ଟ୍ରାଇକ୍, ୧୧ ମୃତ



କିବ୍ : ଆମେରିକା ଗୁଇନ୍ଦା ସୂଚନା ପ୍ରଦାନ ବନ୍ଦ କରିବା ପରେ ବଡ଼ ସମସ୍ୟାରେ ପଡ଼ିଯାଇଛି ୟୁକ୍ରେନ । ଏହା ଫଳରେ ରୁଷ ଆକ୍ରମଣର ପୂର୍ବାନୁମାନ କରିବା ୟୁକ୍ରେନ ପାଇଁ କଠିନ ହୋଇପଡ଼ିଛି । ଗତ କାଲି ରାତିରେ ରୁଷ ପକ୍ଷରୁ ୟୁକ୍ରେନ ଉପରେ ଏକ ବଡ଼ ଏୟାର ଷ୍ଟ୍ରାଇକ୍ କରାଯାଇଛି । ୟୁକ୍ରେନର ଅଶାନ୍ତ ଡୋନେସ୍କ ଅଞ୍ଚଳର ଏକ ସହର ଉପରେ ରୁଷ୍ ଏହି ଆକ୍ରମଣ କରିଛି। ରୁଷ ଆକ୍ରମଣରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି। ୟୁକ୍ରେନ ସହ ସାଟେଲାଇଟ୍ ଫଟୋ ସେୟାର କରିବା ବନ୍ଦ କରିବାକୁ ଆମେରିକା ନିଷ୍ପତ୍ତି ନେବା ପରେ ରୁଷିଆ ଏକାଧିକ ଏୟାରଷ୍ଟ୍ରାଇକ୍ ଆରମ୍ଭ କରିଛି। ଶୁକ୍ରବାର ବିଳମ୍ବିତ ରାତିରେ ରୁଷସେନା ଅନେକ ଥର ଆକ୍ରମଣ କରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ୩୦ ଜଣ ଆହତ ହୋଇଛନ୍ତି, ଯେଉଁଥିରେ ଡୋବ୍ରୋପିଲିଆ ସହରରେ କ୍ଷତିଗ୍ରସ୍ତ ହୋଇଥିବା ୮ଟି ଆପାର୍ଟମେଣ୍ଟ ବ୍ଲକ୍ ମଧ ରହିଛି। ୟୁକ୍ରେନର ସରକାରୀ ଜରୁରୀକାଳୀନ ସେବା କହିଛି ଯେ ଋଷିଆର ଏକ ଡ୍ରୋନ ୟୁକ୍ରେନର ଏକ ଅଗ୍ନିଶମ ଟ୍ରକକୁ କ୍ଷତି ପହଞ୍ଚାଇଥିବା ବେଳେ ଉଦ୍ଧାରକାରୀ ଦଳ ଜଳୁଥିବା କୋଠାଗୁଡ଼ିକୁ ଲିଭାଇବା ପାଇଁ ସଂଘର୍ଷ କରୁଛନ୍ତି।

# ଦିଲ୍ଲୀରେ ଲାଗୁହେଲା ମହିଳା ସମୃଦ୍ଧି ଯୋଜନା

ନୂଆଦିଲ୍ଲୀ : ଦିଲ୍ଲୀରେ ଆର୍ଥିକ ରୂପରେ ଦୁର୍ବଳ ବର୍ଗର ମହିଳାଙ୍କୁ ପ୍ରତିମାସ ୨,୫୦୦ ଟଙ୍କା ଦେଉଥିବା 'ମହିଳା ସମୃଦ୍ଧି ଯୋଜନା' ଲାଗୁ ହୋଇଯାଇଛି। ଏହାର ଘୋଷଣା ଶନିବାର ମହିଳା ଦିବସ ଅବସରରେରେ ଜବାହର ଲାଲ ନେହରୁ ଷ୍ଟାଡିୟମରେ ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା କରିଛନ୍ତି। ସେ କହିଛନ୍ତି ଦିଲ୍ଲୀ କ୍ୟାବିନେଟ୍ରେ ଏହି ଯୋଜନାକୁ ମଞ୍ଜୁରୀ ମିଳିଯାଇଛି। ଏହା ଦିଲ୍ଲୀରେ ତୁରନ୍ତ ଲାଗୁ ହେବ। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କାର୍ଯ୍ୟକ୍ରମକୁ ଆସିବା ପୂର୍ବରୁ କ୍ୟାବିନେଟ୍ ବୈଠକରେ ଯୋଜନା ପାଇଁ ୫୧୦୦ କୋଟି ଟଙ୍କାର ନିଧିକୁ ମଞ୍ଜୁରୀ ଦେଇଛନ୍ତି। ଯୋଜନାର ଘୋଷଣା ହୋଇସାରିଛି, ତେବେ ରେଜିଷ୍ଟ୍ରେସନ୍ର ଅଫିସିଆଲ ତାରିଖ ଘୋଷଣା କରାଯାଇ ନାହିଁ, କିନ୍ତୁ କହାଯାଉଛି ଯେ, ଖୁବ୍ ଶୀଘ୍ର ଏହାର ଘୋଷଣା ହୋଇପାରେ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା କହିଛନ୍ତି, ଆଜି ମହିଳା ଦିବସର ସୁନ୍ଦର ଅବସର ରହିଛି। ଏହାକୁ ଧ୍ୟାନର ରଖି କ୍ୟାବିନେଟ୍ ବୈଠକରେ ମହିଳା ସମୃଦ୍ଧି ଯୋଜନା ଯାହାକୁ ଆମ୍ଭେ ପ୍ରତିଶୃତି ଦେଇଥିଲା। ଏବେ ତାକୁ ଆପ୍ରୁଭ କରିଦେଇଛି। ସରକାର ଯୋଜନା ପାଇଁ ବଜେଟ୍ରେ ୫୧୦୦ କୋଟି ଟଙ୍କାର ନିୟମ ରହିଛି। ଦିଲ୍ଲୀରେ ଗରିବ ଭଉଣୀଙ୍କ ଯୋଜନାର ଲାଭ ମିଳିବ ସେଥିପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ମୁଁ ଅଧକ୍ଷ ରହିଛି। ଏଥିପରେ ଓ କପିଲ ମିଶ୍ର, ଆଶିଷ ସୁଦ ଓ ପ୍ରବେଶ ବର୍ମା ମଧ ଅଛନ୍ତି। ଖୁବ୍ ଶୀଘ୍ର ଏକ ପୋର୍ଟାଲ ଲଞ୍ଚ କରାଯିବ। ଯୋଜନା ସମ୍ପର୍କିତ ଟର୍ମସ୍ ଆଣ୍ଡ କଣ୍ଡିସନ୍ ଜାରି କରିବ। ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ଉଭୟ ସରକାର କରିବେ। ଦିଲ୍ଲୀରେ ୨୧-୬୦ ବର୍ଷର ମହିଳା ଯାହାଙ୍କ ବାର୍ଷକି ଆୟ ୨.୫ ଲକ୍ଷରୁ କମ୍ ରହିଛି, ତାଙ୍କୁ ଯୋଜନାର ପ୍ରସ୍ତାବ ଅନୁସାରେ, ୨୫୦୦ ଟଙ୍କାର ମାସିକ ସହାୟତା ମିଳିବ। ଯଦି କେହି ମହିଳାଙ୍କୁ ପୂର୍ବରୁ କୌଣସି ଯୋଜନାର ଲାଭ ପାଉଛନ୍ତି, ତାଙ୍କୁ ଲାଭ ମିଳିବନି। ଏହାଛଡା ପରିବାର ଜଣେ ମହିଳା ଏହାର ପାତ୍ର ହେବ। ପାର୍ଟି ସଂସଦ ମନୋଜ ତିୱାରୀ ନିକଟରେ କହିଛନ୍ତି, ଯୋଜନା ପାଇଁ ପଞ୍ଜିକରଣ ପକ୍ରିୟା ୮ ମାର୍ଚ୍ଚରୁ ଆରମ୍ଭ ହେବ। ତେବେ ଆଜି ଏହାର ଘୋଷଣା କରାଯାଇ ନାହିଁ। କୁହାଯାଉଛି ଯେ, ଖୁବ୍ ଶୀଘ୍ର ଯୋଜନାକୁ ନେଇ ପଞ୍ଜିକରଣ ଆରମ୍ଭ ହେବ। ତେବେ ଆଜି ଏହାର ଘୋଷଣା କରାଯାଇଡ଼ି। କୁହାଯାଉଛି ଯେ, ଖୁବ୍ ଶୀଘ୍ର ଯୋଜାନାକୁ ନେଇ ପଞ୍ଜିକରଣ ଆରମ୍ଭ ହେବ।



ଯୋଜନାର ଲାଭ ନେବା ପାଇଁ ଆବେଦନକାରୀଙ୍କ ପାଖରେ ଆଧାର କାର୍ଡ, ରାସନ୍ କାର୍ଡ, ଘର ପ୍ରମାଣ ପତ୍ର, ଆୟର ସାର୍ଟିଫିକେସନ୍ ଓ ମୋବାଇଲ ନମ୍ବର ଭଳି ଜିନିଷ ରହିବା ଦରକାର। ପୋର୍ଟାଲକୁ ଆଧାରରୁ ଲିଙ୍କ କରାଯିବ। ଏଭଳି ସ୍ଥିତି କୌଣସି ପ୍ରକାର ଭୁଲ ସୂଚନା ଦେଇଥିବା ଆପ୍ଲିକେସନ୍କୁ କ୍ୟାନସେଲ୍ କରି ଦିଆଯିବ। ଯଦି ଆପଣ ଅନ୍ୟ କୌଣସି ରାଜ୍ୟର ବାସିନ୍ଦା ତେବେ ଆପଣଙ୍କୁ ଅତି କମ୍‌ରେ ୫ ବର୍ଷ ହେବ ଦିଲ୍ଲୀର ନିବାସୀ ହେବା ଦରକାର, ସବୁ ଯୋଜନାର ଲାଭ ମିଳିବ।

## ନେପାଳରେ ପୁଣି ଫେରିବ କି ରାଜତନ୍ତ୍ର ?



ନୂଆଦିଲ୍ଲୀ : ନେପାଳରେ ରାଜତନ୍ତ୍ର ଦାବି ପୁଣି ଥରେ ତୀବ୍ର ହୋଇଛି। ରାଜତନ୍ତ୍ର ସମର୍ଥକ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି କାଠମାଣ୍ଡୁରେ ଏକ ରାଲିର ଆୟୋଜନ କରିଥିଲା । ଏହି ରାଲିରେ ବହୁ ସଂଖ୍ୟକ ଲୋକ ନେପାଳର ଜାତୀୟ ପତାକା ଧରି ଅଂଶଗ୍ରହଣ କରିଥିଲେ । ପୂର୍ବତନ ରାଜା ଜ୍ଞାନେନ୍ଦ୍ର ବୀର ବିକ୍ରମ ଶାହ ଦାବି କରିଛନ୍ତି ଯେ, ସେ ପୁଣି ଥରେ ଦେଶ ପାଇଁ ଏକ ସକ୍ରିୟ ଭୂମିକ ଗ୍ରହଣ କରିବାକୁ ଚାହୁଁଛନ୍ତି । ଯଦି ଆମେ ପ୍ରଧାନମନ୍ତ୍ରୀ କେପି ଓଲି ଏବଂ ନେପାଳୀ କଂଗ୍ରେସ ମୁଖ୍ୟ ଶେର ବାହାଦୁର ଦେଉବାଙ୍କ ବିଷୟରେ କଥା ହେବା ତେବେ ନେପାଳ ପାଇଁ ପୁଣି ରାଜତନ୍ତ୍ର ଫେରିବା ସମ୍ଭବ ନୁହେଁ । ସିପିଏ ମାଏବାଦୀ କେନ୍ଦ୍ର ଅଧକ୍ଷ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ମଧ କହିଛନ୍ତି ଯେ, ଜ୍ଞାନେନ୍ଦ୍ର ସିଂହ ଜନସାଧାରଣକୁ ବୋକା ବନେଇବା ବନ୍ଦ କରିବା ଉଚିତ୍ । ଆର୍ପିପି ସମର୍ଥକମାନେ କହିଛନ୍ତି, ନେପାଳ ସରକାରରେ ଦୁର୍ନିତୀ ବ୍ୟାପକୟ। ଏପରି ପରିସ୍ଥିତିରେ ଗଣତନ୍ତ୍ରକୁ ହଟାଇ ପୁଣିଥରେ ରାଜତନ୍ତ୍ର ଲାଗୁ କରାଯିବା ଉଚିତ୍ । ୨୦୦୮ ପର୍ଯ୍ୟନ୍ତ ନେପାଳରେ ରାଜତନ୍ତ୍ର ବ୍ୟବସ୍ଥା ଥିଲା । ରାଜତନ୍ତ୍ରର ଅନ୍ତ ପରେ କାଠମାଣ୍ଡୁ ରାଜପ୍ରସାଦକୁ ଏକ ସଂଗ୍ରହାଳୟରେ ପରିଣତ କରାଯାଇଥିଲା ।




# ଚାମ୍ପିଅନ୍ସ ଟ୍ରଫି: ୨୫ ବର୍ଷ ପରେ ଭାରତ-ନ୍ୟୁଜିଲାଣ୍ଡ ମୁହାଁମୁହିଁ




■ ବଡ଼ ରେକର୍ଡ କରିପାରନ୍ତି ରୋହିତ ■ ବିରାଟ କୋହଲି ଆହତ ନେଇ ଚିନ୍ତିତ

ନୂଆଦିଲ୍ଲୀ : ଭାରତ ଏବଂ ନ୍ୟୁଜିଲାଣ୍ଡ ଦଳ ୨୦୨୫ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ପାଇଁ ପ୍ରସ୍ତୁତ। ଏହି ମ୍ୟାଚ ରବିବାର ଦୁବାଇରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ସମୟରେ ପାଗ ସଫା ରହିବ ବୋଲି ଆଶା କରାଯାଉଛି। ବର୍ଷା ହେବାର କୌଣସି ସମ୍ଭାବନା ନାହିଁ। ତେଣୁ ମ୍ୟାଚ ଠିକ ସମୟରେ ଆରମ୍ଭ ହୋଇପାରିବ। ଯଦି ଫାଇନାଲ ମ୍ୟାଚ ସମୟରେ ବର୍ଷା ହୋଇଥାନ୍ତା, ତେବେ ମ୍ୟାଚର ମଜା ନଷ୍ଟ ହୋଇଯାଇଥାନ୍ତା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫାଇନାଲ ମ୍ୟାଚ ପାଇଁ ଏକ ରିଜର୍ଭ ଡେ' ମଧ୍ୟ ରଖାଯାଇଛି। ପାଣିପାଗ ୱେବସାଇଟ ଅନୁଯାୟୀ, ରବିବାର ଦୁବାଇରେ ହାରାହାରି ତାପମାତ୍ରା ୩୩ ଡିଗ୍ରୀ ସେଲସିୟସ ରହିପାରେ। ମ୍ୟାଚ ସମୟରେ ବର୍ଷା ହେବାର କୌଣସି ସମ୍ଭାବନା ନାହିଁ। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ ଅପରାହ୍ନ ୨.୩୦ ରେ ଆରମ୍ଭ ହେବ। ଏହି ସମୟରେ ଆକାଶ ସଫା ରହିବ। ସାଧାରଣ ବେଗରେ ପବନ ବହିପାରେ। ଏପରି ପରିସ୍ଥିତିରେ, ବୋଲରମାନେ ମଧ୍ୟ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ଆଶା କରାଯାଉଛି।

ଆଇସିସି ଟୁର୍ଣ୍ଣାମେଣ୍ଟର ଶେଷ ମ୍ୟାଚ ପାଇଁ ରିଜର୍ଭ ଡେ' ରଖାଯାଇଛି। ଯଦି ମ୍ୟାଚ ସମୟରେ ବର୍ଷା ହୁଏ, ତେବେ ଏହା ପରଦିନ ଖେଳାଯାଇପାରିବ। ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ପାଇଁ ରିଜର୍ଭ ଡେ' ମାର୍ଚ୍ଚ ୧୦ ରଖାଯାଇଛି। ଯଦି ରିଜର୍ଭ ଡେ'ରେ ମଧ୍ୟ ବର୍ଷା ଯୋଗୁ ମ୍ୟାଚ ପ୍ରଭାବିତ ହୁଏ, ତେବେ ସୁପର ଓଭର ମଧ୍ୟ କରାଯାଇପାରିବ। ଭାରତ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ବହୁତ ଭଲ ପ୍ରଦର୍ଶନ କରିଛି। ପ୍ରଥମ ଗ୍ରୁପ ମ୍ୟାଚରେ ଟିମ ଇଣ୍ଡିଆ ବାଂଲାଦେଶକୁ ଖରାପ ଭାବରେ ପରାସ୍ତ କରିଥିଲା। ଭାରତ ପରେ ପାକିସ୍ତାନକୁ ପରାସ୍ତ କରିଥିଲା ଏବଂ ପରେ ଗ୍ରୁପ ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରିଥିଲା। ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲେ। ଏବେ ପୁଣି ଥରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ଭେଟିବ।

ଟିମ ଇଣ୍ଡିଆ ରବିବାର ଦୁବାଇରେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ ଖେଳିବ। ଏହି ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରିବ। ପ୍ରଶଂସକମାନେ ଘରେ ବସି ଏହି ମ୍ୟାଚ ଦେଖିପାରିବେ। ସେମାନେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ ଟିଭି କିମ୍ବା ମୋବାଇଲ ଫୋନ୍‌ରେ ସିଧା ଦେଖିପାରିବେ। ଟିମ ଇଣ୍ଡିଆ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଛି। ସେ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲେ। ଯେତେବେଳେ ନ୍ୟୁଜିଲାଣ୍ଡ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଭାରତୀୟ ଦଳ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ମ୍ୟାଚ ଖେଳିବ। ଭାରତ- ନ୍ୟୁଜିଲାଣ୍ଡ ମ୍ୟାଚ ପାଇଁ ପିଚ ଚୟନ କରାଯାଇଛି। ଭାରତ ଏବଂ ପାକିସ୍ତାନ ମ୍ୟାଚ୍ ପାଇଁ ବ୍ୟବହୃତ ପିଚ ମଧ୍ୟ ଫାଇନାଲ ପାଇଁ ଚୟନ କରାଯାଇଛି। ଦ୍ୱିତୀୟ ଇନିଂସରେ ଏହି ପିଚ୍ରେ ଟାର୍ଗେଟ ପିଛା କରିବା କଷ୍ଟକର ହୋଇପାରେ।

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ରବିବାର ଅପରାହ୍ନ ୨.୩୦ରୁ ଖେଳାଯିବ। ଏହି ମ୍ୟାଚ ଜିଓ ହଟଷ୍ଟାର ମୋବାଇଲ ଆପରେ ଲାଇଭ ଦେଖିପାରିବେ। ଏହା ସହିତ, ମ୍ୟାଚଟି ଟିଭିରେ ସିଧା ପ୍ରସାରଣ ମଧ୍ୟ କରାଯିବ। ଏଥିପାଇଁ ଆପଣଙ୍କୁ ଷ୍ଟାର ସ୍ପୋର୍ଟସ କିମ୍ବା ସ୍ପୋର୍ଟସ ୧୮ ଚ୍ୟାନେଲକୁ ସବସ୍କ୍ରାଇବ କରିବାକୁ ପଡିବ। ଫାଇନାଲ ମ୍ୟାଚ୍‌ରେ କମେଣ୍ଟ୍ରି ହିନ୍ଦୀ ଏବଂ ଇଂରାଜୀ ସମେତ ଅନେକ ଭାଷାରେ ଶୁଣିପାରିବେ। ଟିମ ଇଣ୍ଡିଆ ପାଇଁ ସର୍ବାଧିକ ରନ ସ୍କୋର କରିବା ମାମଲାରେ ବିରାଟ କୋହଲି ଶୀର୍ଷରେ ଅଛନ୍ତି। କୋହଲି ୪ଟି ମ୍ୟାଚ୍‌ରେ ୨୧୭ ରନ କରିଛନ୍ତି। ଶ୍ରେୟସ ଆୟର ୪ଟି ମ୍ୟାଚ୍‌ରେ ୧୯୫ ରନ କରିଛନ୍ତି। ଶୁବ୍‌ମନ ଗିଲ୍ ୧୫୭ ରନ କରିଛନ୍ତି। ସର୍ବାଧିକ ଉଇକେଟ ନେଇଥିବା ତାଲିକାରେ ମହମ୍ମଦ ଶାମି ଦଳ ପାଇଁ ଶୀର୍ଷରେ ଅଛନ୍ତି। ଶାମି ୪ଟି ମ୍ୟାଚ୍‌ରେ ୮ଟି ୱିକେଟ ନେଇଛନ୍ତି। ବରୁଣ ଚକ୍ରବର୍ତ୍ତୀ ୨ଟି ମ୍ୟାଚ୍‌ରେ ୭ଟି ୱିକେଟ ନେଇଛନ୍ତି।

ଟିମ ଇଣ୍ଡିଆ ରବିବାର ଦୁବାଇର ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ ଖେଳିବ। ଏହି ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରିବ। ପ୍ରଶଂସକମାନେ ଘେର ବସି ଏହି ମ୍ୟାଚ ଦେଖିପାରିବେ। ସେମାନେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ ଟିଭି କିମ୍ବା ମୋବାଇଲ ଫୋନ୍‌ରେ ସିଧା ଦେଖିପାରିବେ। ଟିମ ଇଣ୍ଡିଆ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟର ଚମତ୍କାର ପ୍ରଦଶର୍ନ କରିଛି। ସେ ସେମିଫାଇନାଲେର ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲେ। ଯେତେବେଳ ନ୍ୟୁଜିଲାଣ୍ଡ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଫାଇନାଲେର ପ୍ରେବଶ କରିଥିଲା।

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ଫଳରେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଏକ ବିରଳ ରେକର୍ଡର ଅଧିକାରୀ ହେବେ। ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନରଙ୍କ ସହ ଟସ୍ ପକାଇବା ସହିତ ରୋହିତ ପ୍ରଥମ ଅଧିନାୟକଭାବେ ସମସ୍ତ ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ନିଜ ଦଳର ନେତୃତ୍ୱ ନେବାର ସୌଭାଗ୍ୟ ଅର୍ଜନ କରିବେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏବଂ ଦିନିକିଆ କ୍ରିକେଟ ବିଶ୍ୱକପର ଫାଇନାଲ ଖେଳିଥିଲା। ସେହିପରି ୨୦୨୪ ଟି୨୦ ବିଶ୍ୱକପ ଜିତିଥିବାବେଳେ ଏବେ ୨୦୨୫ ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ଖେଳିବ। ଚାମ୍ପିୟନ୍ସ ଟ୍ରଫିରେ ଭାରତ-ନ୍ୟୁଜିଲାଣ୍ଡ ବିଜୟ/ ପରାଜୟ ରେକର୍ଡ ୧-୧ ରହିଛି। ୨୦୦୦ ଫାଇନାଲରେ ଭାରତକୁ ନ୍ୟୁଜିଲାଣ୍ଡ ହରାଇଥିବା ବେଳେ ଚଳିତ ସଂସ୍କରଣର ଲିଗ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି ଭାରତ। ତେଣୁ ଭାରତ ଫାଇନାଲରେ ମନସ୍ତାତ୍ତ୍ୱିକ ଫାଇଦାରେ ରହିବ ବୋଲି କ୍ରିକେଟ ବିଶେଷଜ୍ଞମାନେ ଅନୁଭବ କରୁଛନ୍ତି।

## କୋହଲି କରିପାରିବେ ୩ ରେକର୍ଡ

ନୂଆଦିଲ୍ଲୀ : ଭାରତକୁ ଚାମ୍ପିଅନ୍ସ ଟ୍ରଫିର ଫାଇନାଲକୁ ନେବାରେ ବିରାଟ କୋହଲିଙ୍କ ମ୍ୟାଚ୍ ବିଜୟୀ ଇନିଂସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏବେ ଫାଇନାଲ ମ୍ୟାଚ୍ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ୯ ମାର୍ଚ୍ଚରେ ଦୁବାଇରେ ଖେଳାଯିବ। କୋହଲି ଫାଇନାଲରେ ଅନେକ ରେକର୍ଡ ସୃଷ୍ଟି କରିବାର ଦ୍ୱାରଦେଶରେ ଅଛନ୍ତି। ଆମେ ଆପଣଙ୍କୁ ତାଙ୍କର ୩ଟି ବଡ଼ ରେକର୍ଡ ବିଷୟରେ କହୁଛୁ, ଯାହାକୁ ସେ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ କରିପାରିବେ।

୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ବିରାଟ କୋହଲିଙ୍କ ଯାତ୍ରା ଭଲ ରହିଛି, ସେ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ମ୍ୟାଚ୍ ?ରେ ଶତକ ହାସଲ କରିଥିଲେ। ଏହା ପରେ, ସେ ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ୮୪ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଯାହା ପାଇଁ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବରେ ମଧ୍ୟ ମନୋନୀତ କରାଯାଇଥିଲା। ଏବେ ତାଙ୍କୁ ଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସମାନ ଇନିଂସ ଖେଳିବାକୁ ପଡିବ। ବିରାଟ କୋହଲି କ୍ରିସ୍ ଗେଲଙ୍କ ରେକର୍ଡ ଭାଙ୍ଗି ଚାମ୍ପିଅନ୍ସ ଟ୍ରଫିରେ ସର୍ବାଧିକ ରନ ସ୍କୋରର ହୋଇପାରିବେ। କୋହଲି ବର୍ତ୍ତମାନ ୧୭ ମ୍ୟାଚ୍‌ରୁ ୧୬ ଇନିଂସରେ ୭୪୬ ରନ୍ କରିଛନ୍ତି। ସେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। କ୍ରିସ୍ ଗେଲ୍ ୭୯୧ ରନ୍ ସହିତ ନମ୍ବର ଏକରେ ଅଛନ୍ତି। ଯଦି କୋହଲି ନ୍ୟୁଜିଲାଣ୍ଡ ବିପକ୍ଷରେ ଫାଇନାଲରେ ୪୬ ରନ କରନ୍ତି। ତେବେ ସେ ଚାମ୍ପିଅନ୍ସ ଟ୍ରଫି ଇତିହାସରେ ସର୍ବାଧିକ ରନ ସ୍କୋରର ହେବେ।

ଚାମ୍ପିଅନ୍ସ ଟ୍ରଫିରେ ସର୍ବାଧିକ କ୍ୟାଚ୍ ନେଇଥିବା ବର୍ତ୍ତମାନର ଭାରତୀୟ ଖେଳାଳି ହେଉଛନ୍ତି ସୌରଭ ଗାଙ୍ଗୁଲି। ଗାଙ୍ଗୁଲି ୧୩ ମ୍ୟାଚରେ ୧୨ଟି କ୍ୟାଚ୍ ନେଇଛନ୍ତି। ଏହି ତାଲିକାରେ ବିରାଟ କୋହଲି ଦ୍ୱିତୀୟ ସ୍ଥାନରେ ଅଛନ୍ତି, ସେ ୧୭ ମ୍ୟାଚ୍‌ରେ ୧୧ଟି କ୍ୟାଚ୍ ନେଇଛନ୍ତି। ଯଦି ବିରାଟ ନଭ୍ୟଜିଲାଣ୍ଡ ବିପକ୍ଷରେ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ଗୋଟିଏ କ୍ୟାଚ୍ ନିଅନ୍ତି। ତେବେ ସେ ତାଙ୍କ ସହ ସମକକ୍ଷ ହେବେ। ୨ଟି କ୍ୟାଚ୍ ସହିତ, ସେ ଗାଙ୍ଗୁଲିଙ୍କ ରେକର୍ଡ ଭାଙ୍ଗିବେ ଏବଂ ଟୁର୍ଣ୍ଣାମେଣ୍ଟ ଇତିହାସରେ ସର୍ବାଧିକ କ୍ୟାଚ୍ ନେଇଥିବା ଭାରତୀୟ ଖେଳାଳି ହୋଇଯିବେ। ବର୍ତ୍ତମାନ, ସଚିନ ତେନ୍ଦୁଲକର ନଭ୍ୟଜିଲାଣ୍ଡ ବିପକ୍ଷରେ ସର୍ବାଧିକ ଏକଦିବସୀୟ ରନ୍ କରିଥିବା ବ୍ୟାଟସମ୍ୟାନ୍। ସଚିନ ୪୨ଟି ମ୍ୟାଚ୍ ?ରେ ୧୭୫୦ ରନ୍ କରିଛନ୍ତି। ଦ୍ୱିତୀୟ ସ୍ଥାନରେ ବିରାଟ କୋହଲି ଅଛନ୍ତି, ଯିଏ ୩୨ ମ୍ୟାଚ୍‌ରୁ ୧୬୫୬ ରନ୍ କରିଛନ୍ତି। ଏହି ରେକର୍ଡ ଭାଙ୍ଗିବା ପାଇଁ ବିରାଟ କୋହଲିଙ୍କୁ ଏକ ବଡ଼ ଇନିଂସ ଆବଶ୍ୟକ। ସଚିନଙ୍କ ଏହି ବଡ଼ ରେକର୍ଡ ଭାଙ୍ଗିବାକୁ ହେଲେ କୋହଲିଙ୍କୁ ଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୯୫ ରନ କରିବାକୁ ପଡିବ।

## ରାଜସ୍ଥାନ ରୟାଲ୍ସର ଜର୍ସି ଉନ୍ମୋଚିତ




ଜୟପୁର : ରାଜସ୍ଥାନ ରୟାଲ୍ସ ଶନିବାର 'ପିଙ୍କ୍ ପ୍ରୋମିଜ' ଜର୍ସି ଉନ୍ମୋଚନ କରି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି। ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମେ ୧ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚରେ ସମସ୍ତେ ଗୋଲାପୀ ଜର୍ସି ପରିଧାନ କରି ଖେଳିବେ। ମହିଳା ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ରାଜସ୍ଥାନ ରୟାଲ୍ସର ସିଏସ୍ ?ଆର ଶାଖା ରୟାଲ ରାଜସ୍ଥାନ 'ଔରତ୍ ହୈ ତେ ଭାରତ ହେ' ଶୀର୍ଷକ ଏକ ପ୍ରଚାର ଫିଲ୍ମ ଲଞ୍ଚ କରିଛି। ରାଜସ୍ଥାନରେ ମହିଳା ତ୍ୱେତ୍ୱାଧୀନ ଗ୍ରାମୀଣ ପରିବର୍ତ୍ତନ ପାଇଁ ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚର ପ୍ରତ୍ୟେକ ଟିକେଟ ପାଇଁ ରୟାଲ୍ସ ୧୦୦ ଟଙ୍କା ଲେଖାଏଁ ପ୍ରଦାନ କରିବ। ଏହାଛଡ଼ା ସମସ୍ତ ସ୍ୱତନ୍ତ୍ର ପିଙ୍କ୍ ରୟାଲ୍ସ ଜର୍ସି ବିକ୍ରି ବାବଦରେ ଉପଲବ୍ଧ ଅର୍ଥ ସିଧାସଳଖ ରାଜସ୍ଥାନ ରୟାଲ୍ସ ପାଣ୍ଠିକୁ ଯିବ।

## ଅନ୍ତର୍ଜାତୀୟ ବଧିର ଟି-୨୦
## ଅଷ୍ଟ୍ରେଲିଆକୁ ହରାଇ ଭାରତ ଚାମ୍ପିୟନ




ନୂଆଦିଲ୍ଲୀ : କର୍ନେଲ ସିଂ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବଧିର ଟି୨୦ ତ୍ରିରାଷ୍ଟ୍ରୀୟ ସିରିଜରେ ଭାରତ ଚାମ୍ପିୟନ ହୋଇଛି। ଦଳ ଶନିବାର ଫାଇନାଲରେ ୭ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଭାରତୀୟ ବଧିର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଅନ୍ୟତମ ଦଳ ଭାବେ ଦକ୍ଷିଣ ଆଫ୍ରିକା ଭାଗ ନେଇଥିଲା।

ଫାଇନାଲରେ ଭାରତର କୁଲଦୀପ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୫ଟି ୱିକେଟ ଅକ୍ତିଆର କରିଥିଲେ। ସେ ଆହୁରି ମଧ୍ୟ ସିରିଜର ବେଷ୍ଟ ବୋଲର ବିବେଚିତ ହୋଇଥିଲେ। ଭାରତର ଅନ୍ୟ ଜଣେ ଖେଳାଳି ଅଭିଷେକ ସିଂ ସିରିଜର ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ବିରେନ୍ଦର ସିଂ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୯ ମାର୍ଚ୍ଚ-୧୫ ମାର୍ଚ୍ଚ ୨୦୨୫ ଉତ୍ତମ ସର୍ବୋତ୍ତମ




୧୯୫୮ ମସିହା ଜାନୁଆରୀ ପହିଲାରେ ମୟୂରଭଞ୍ଜରେ ଜନ୍ମଗ୍ରହଣ କରିଥିବା ଉ□ମ ମହାନ୍ତି ଛୋଟ ବେଳୁ ଅଭିନୟ ପ୍ରତି ସମର୍ପିତ ଥିଲେ। ବାରିପଦାରେ ପ୍ରାଥମିକ ଶିକ୍ଷା ଲାଭ କରିବା ପରେ ଉଚ୍ଚଶିକ୍ଷା ପାଇଁ କଟକ ଆସିଥିଲେ। ତେବେ ଅଭିନୟ ପ୍ରତି ତାଙ୍କର ଆଗ୍ରହ ତାଙ୍କୁ ସିନେମାର ସ୍ୱପ୍ନ ଦୁନିଆ ଆଡକୁ ନେଇଯାଇଥିଲା ଏବଂ ସେ କମ ବୟସରେ ଫିଲ୍ମ ଜଗତରେ ପାଦ ଥାପିଥିଲେ।

**ଜାତୀୟ:** ଆଶା ଆଶଙ୍କାରେ ୮ ଜୀବନ
**ଅନ୍ତର୍ଜାତୀୟ:** ଯୁଦ୍ଧ ବିଭୀଷିକାକୁ ପୂରିଲା ୩ବର୍ଷ
**ବିଶେଷ ପ୍ରସଙ୍ଗ:** ପରବର୍ତ୍ତୀ ବୈଶ୍ୱିକ ବିପର୍ଯ୍ୟୟ ଆଣିବ: ଆଗ୍ନେୟ ଉଦ୍‌ଗୀରଣ
**ନାରୀ:** ମହିଳାଙ୍କ ହରମୋନ୍ ଅସନ୍ତୁଳନ
**କ୍ଷୁଦ୍ରଗଳ୍ପ:** ଏମିତି ସିନା ସାଙ୍ଗ
**ଚଳଚ୍ଚିତ୍ର:** ଔରଙ୍ଗଜେବ୍ ଇନ୍ ଆକ୍ସନ, ଚଳଚ୍ଚିତ୍ର: ଆସୁଛନ୍ତି ଶ୍ରୀଲୀଳା
**ଖେଳ:** ଏମିତି କାହିଁକି କହିଲେ ଇମ୍ରାନ୍ , ଧାୱନଙ୍କ ଭବିଷ୍ୟବାଣୀ ।
ମୀନାବଜାର: ଆମ୍ବଗଛ ଚାଲିଲା, ଚର୍ଚ୍ଚାରେ: ଅନ୍ୟ ଗ୍ରହରେ ବି ମାନବରୂପୀ ଜୀବ !, ବ୍ୟଙ୍ଗ: ତାଳିସେବା, ପର୍ଯ୍ୟଟନ: ସହସ୍ରଲିଙ୍ଗର ପବିତ୍ରସ୍ଥ, ବାସ୍ତୁଶାସ୍ତ୍ର: ଧନ ପ୍ରାପ୍ତି ପାଇଁ ପାଖରେ ରଖନ୍ତୁ, ଜାତୀୟ: ଆଶା ଆଶଙ୍କାରେ ୮ ଜୀବନ, ଆନ୍ତର୍ଜାତୀୟ: ଯୁଦ୍ଧ ବିଭୀଷିକାକୁ ପୂରିଲା ୩ବର୍ଷ, ସତନ୍ତ୍ର ପ୍ରସଙ୍ଗ: ସାମୁଦ୍ରିକ ଜୀବନର ସୁରକ୍ଷାକବଚ, ଆଞ୍ଚଳିକ: ମାଡ଼ି ଆସୁଛି ତାତି

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

## ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବିଶ୍ୱକପ୍‌ର ଫ୍ଲୋର୍ ଏକ୍ସରସାଇଜ୍ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କଲେ ଓଡ଼ିଆ ପୁଅ ତପନ



ଭୁବନେଶ୍ୱର: ବାକୁରେ ଅନୁଷ୍ଠିତ ଏଫଆଇଜି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବିଶ୍ୱକପରେ ଓଡ଼ିଶାର ଖ୍ୟାତିସମ୍ପନ୍ନ ଜିମ୍ନାଷ୍ଟ ତପନ ମହାନ୍ତି ଫ୍ଲୋର୍ ଏକ୍ସରସାଇଜ୍ ଫାଇନାଲରେ ସ୍ଥାନ ସୁରକ୍ଷିତ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ୨୨ ବର୍ଷୀୟ ମହାନ୍ତି ମୋଟ ୧୨.୬୦୦ ସ୍କୋର୍ କରି ଅଷ୍ଟମ ସ୍ଥାନରେ ରହିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ କାଜାଖସ୍ତାନର ମିଲାଦ କରିମି ସମେତ ଅନ୍ୟ ସାତ ଜଣ ଫାଇନାଲିଷ୍ଟଙ୍କ ସହ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଯିଏ ୧୩.୮୩୩ ସ୍କୋର୍ ସହିତ ଯୋଗ୍ୟତା ପର୍ଯ୍ୟାୟରେ ଶୀର୍ଷରେ ରହିଛନ୍ତି।

ପୂର୍ବରୁ ହାଙ୍ଗଜୋଉରେ ୨୦୨୩ ଏସୀୟ କ୍ରୀଡ଼ା ଏବଂ ୨୦୨୪ରେ କାଇରୋରେ ଏଫଆଇଜି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଆପ୍ପାରାଟସ୍ ବିଶ୍ୱକପରେ ସେ ଦେଶ ପାଇଁ ପ୍ରତିନିଧିତ୍ୱ କରିଥିଲେ। ସୂଚନାଯୋଗ୍ୟ, ପ୍ରତିଯୋଗିତାରେ ସାମିଲ ଥିବା ଅନ୍ୟ ଭାରତୀୟ ଜତିନ କୁମାର କାନୋଜିଆ ୧୧.୩୩୩ ସ୍କୋର କରି ଦ୍ୱାଦଶ ସ୍ଥାନ ହାସଲ କରିବାରୁ ଫାଇନାଲରୁ ବଞ୍ଚିତ ହୋଇଛନ୍ତି। ତପନଙ୍କ ଏହି ସଫଳତା ପାଇଁ ସାରା ରାଜ୍ୟରେ ତାଙ୍କର ବିଜୟୀ ଆଶା ପୋଷଣ କରିଛନ୍ତି।

## ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମର ବାର୍ଷିକୋତ୍ସବ



ବାରିପଦା (ପିପିଏସ୍): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ୧ମ ରୁ ୮ମ ଶ୍ରେଣୀର ଛାତ୍ରଛାତ୍ରୀ ଓ ନିକଟସ୍ଥ ବନମାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ୬ଜଣ ଛାତ୍ରଛାତ୍ରୀ ପାଣ୍ଡେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ ଜଣ ଛାତ୍ରଛାତ୍ରୀ ଓ କମଳା ନେହେରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୬ ଜଣ ଜଣ ଛାତ୍ରୀଙ୍କୁ ନେଇ ଖେଳକୁଦ ସହ ଚିତ୍ରାଙ୍କନ, ଅଙ୍କ କଷା, ବକ୍ତୃତା, ପ୍ରବନ୍ଧ, କୁଇଜ ଓ ପୋଷ୍ଟର ପ୍ରସ୍ତୁତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଏହି ପ୍ରତିଯୋଗୀତାରେ ମୋଟ ୪୮ ଜଣ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୋମନାଥ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ସମ୍ମାନିତ ଅତିଥି ଭାବେ ସିଆରସିସି ଧନଞ୍ଜୟ ସାହୁ ରାଜକିଶୋର ସେଠୀ, ନୂଆସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ଦେ ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ତଥା ଅଲିମ୍ପିକ ପ୍ରତିନିଧି ଅଭିଷେକ ବେହେରା ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଏହି କାର୍ଯ୍ୟକ୍ରମ ଉତ୍କର୍ଷତା, ସମ୍ମାନ ଓ ବନ୍ଧୁତ୍ୱକୁ ଗୁରୁତ୍ୱ ଦେବା ପ୍ରତିଯୋଗିତା ମନଭାବ ସୃଷ୍ଟି କରିବା ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ପ୍ରକାଶ ଥାଉକି ସର୍ବପ୍ରଥମେ ବିଦ୍ୟାଳୟରେ ୧୬ ଜଣ ଛାତ୍ରଛାତ୍ରୀ ଓ ୨ ଜଣ ଶିକ୍ଷକଙ୍କୁ ନେଇ ଏକ ଦଳ ଗଠନ କରାଯାଇଥିଲା। ପ୍ରଥମେ ଏହି ଛାତ୍ରଛାତ୍ରୀମାନଙ୍କୁ ଅଲିମ୍ପିକ ମୂଲ୍ୟବୋଧ ଉପରେ ପ୍ରଶିକ୍ଷଣ ଦିଆଯିବା ପରେ ସେମାନେ ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କୁ ମଧ୍ୟ ପ୍ରଶିକ୍ଷିତ କରିବେ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି ଓ ଅନ୍ୟତମ ପ୍ରତିନିଧି ସୁମିତ୍ରା ରାଉତ, ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583